EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews


ସ୍ୱାମୀଙ୍କ ସହିତ ଖୁସି ମୁହୂର୍ତ୍ତରେ ସୁଲୋଚନା ...

ବର୍ଷ-୬ | ସଂଖ୍ୟା-୧୧ | ୨୮ ମାର୍ଚ୍ଚ - ୩ ଏପ୍ରିଲ, ୨୦୨୨ | ଭୁବନେଶ୍ୱର | Monday Weekly | VOL-6 | ISSUE-11 | 28th MARCH - 3rd APRIL, 2022 | BHUBANESWAR | ₹ 5/- (8 Pages)

### ପୂର୍ବଭଳି ନିଜର ପତିଆରା ସାବ୍ୟସ୍ତ କଲା ବିଜୁ ଜନତା ଦଳ

# ବିଜେଡି ହାତରେ ୩ ମେୟର ପଦବି

**ଭୁବନେଶ୍ୱର :** ଗତ ୨୪ ତାରିଖରେ ଅନୁଷ୍ଠିତ ୧୦୯ଟି ପୌରାଞ୍ଚଳ ଓ ମହାନଗର ନିଗମ ମଧ୍ୟରୁ ୧୦୮ (ଧାମନଗର ଛାଡି)ଟିର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ପଞ୍ଚାୟତ ନିର୍ବାଚନ ଭଳି ପୌର ନିର୍ବାଚନରେ ମଧ୍ୟ ଶାସକ ବିଜୁ ଜନତା ଦଳ ନିଜର ପତିଆରା ସାବ୍ୟସ୍ତ କରିଛି। କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମରେ ବିଜେଡି ମେୟର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଭୁବନେଶ୍ୱର ମହାନଗର ନିଗମରେ ବିଜେଡିର ସୁଲୋଚନା ଦାସ ପ୍ରଥମ ମହିଳା ମେୟର ଭାବେ ନିର୍ବାଚିତ ହୋଇଥିବା ବେଳେ ବ୍ରହ୍ମପୁରରେ ବିଜେଡିର ସଂଘମିତ୍ରା ଦଳେଇ ମେୟର ପଦବୀ ପାଇଁ ନିର୍ବାଚିତ ହୋଇଛନ୍ତି। କଟକରେ ବିଜେଡି ପ୍ରାର୍ଥୀ ସୁବାସ ସିଂ ମେୟର ହେବା ସୁନିଶ୍ଚିତ ହୋଇଛି। ପୌର ନିର୍ବାଚନରେ ବିଜେଡିର ଏକପାଖିଆ ସଫଳତା ପରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଭୁବନେଶ୍ୱରରେ ବିଜେଡିର ମେୟର ପ୍ରାର୍ଥୀ ସୁଲୋଚନା ଦାସ ୬୧୧୪୩ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ସୁନୀତି ମୁଣ୍ଡଙ୍କୁ ପରାଜିତ କରିଛନ୍ତି। ସୁଲୋଚନା ୧ ଲକ୍ଷ ୭୪ ହଜାର ୫୬୨ଖଣ୍ଡ ଭୋଟ୍ ପାଇଥିବା ବେଳେ ସୁନୀତି ୧ ଲକ୍ଷ ୧୩ ହଜାର ୪୧୯ ଖଣ୍ଡ ଭୋଟ ପାଇଛନ୍ତି । କଂଗ୍ରେସ ପ୍ରାର୍ଥୀର ମଧୁସ୍ମିତା ଆଚାର୍ଯ୍ୟ ୧୧ ହଜାର ୬ ଖଣ୍ଡ ଭୋଟ୍ ସହ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି କଟକ ମହାନଗର ନିଗମରେ ବିଜେଡି ମେୟର ପ୍ରାର୍ଥୀ ସୁବାସ ସିଂ ୪୫ ହଜାର ୨ଶହ ୬ ଖଣ୍ଡ ଭୋଟ୍








ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସୁବାସ ସିଂଙ୍କୁ ମୋଟ୍ ଏକ ଲକ୍ଷ ୧୩ ହଜାର ୫୬୨ ଖଣ୍ଡ ଭୋଟ୍ ମିଳିଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଗିରିବାଳା ବେହେରାଙ୍କୁ ୬୮୩୫୬ ଖଣ୍ଡ ଭୋଟ୍ ମିଳିଛି। ବିଜେପି ପ୍ରାର୍ଥୀ ଶ୍ରୀତମ ଦାସଙ୍କୁ ୪୯୨୨୩ ଖଣ୍ଡ ଭୋଟ୍ ମିଳିଛି। ସୁବାସ ମେୟର ପ୍ରାର୍ଥୀ ଭାବେ ବିଜୟୀ ହେବା ପରେ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ସେ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେବା ଏକ ପ୍ରକାର ନିଶ୍ଚିତ ହୋଇଛି। ସେହିପରି ବ୍ରହ୍ମପୁରରେ ବିଜେଡିର ମେୟର ପ୍ରାର୍ଥୀ ସଂଘମିତ୍ରା ଦଳେଇ ୨୦୩୨୬ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ସବିତା ସୁଆରଙ୍କୁ ପରାଜିତ କରିଛନ୍ତି। ବ୍ରହ୍ମପୁରରେ କଂଗ୍ରେସ ପ୍ରାର୍ଥୀ ମଞ୍ଜୁ ରଥ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଆମ ଆଦମୀ ପାର୍ଟି ସେଠାରେ ତୃତୀୟ ସ୍ଥାନରେ ରହିଥିଲା। ସେହିପରି ରାଜ୍ୟର ୧୦୬ଟି ପୌର ପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ମଧ୍ୟରୁ ବିଜେଡି ୭୩ଟି ସ୍ଥାନରେ ବିଜୟୀ ହୋଇଛି। ବିଜେପି ୧୬ ଓ କଂଗ୍ରେସର ୭ ଜଣ ପ୍ରାର୍ଥୀ ପୌର ଅଧ୍ୟକ୍ଷ ପଦ ପାଇଁ ବିଜୟୀ ହୋଇଛନ୍ତି। ସେହିଭଳି ୯ ଜଣ ଅନ୍ୟ ଦଳ ଅଥବା ସ୍ୱାଧୀନ ପ୍ରାର୍ଥୀ ପୌରାଧ୍ୟକ୍ଷ ହେବେ। ପୌର ନିର୍ବାଚନ ବ୍ୟତୀତ ୩ଟି ମହାନଗର ନିଗମରେ ମେୟର ପାଇଁ ହୋଇଥିବା ନିର୍ବାଚନରେ ମଧ୍ୟ ବିଜେଡିକୁ ବଡ଼ ସଫଳତା ମିଳିଛି।

➤ ପୃ-୬

# ବଢ଼ିବନି ବିଜୁଳି ଦର

**ଭୁବନେଶ୍ୱର :** କରୋନା କଟକଣା ସମୟରେ ବିଦ୍ୟୁତ ଶୁଳ୍କ ବୃଦ୍ଧିକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି ଆସନ୍ତା ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ବିଦ୍ୟୁତ ଶୁଳ୍କକୁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ(ଓଇଆରସି) ଅପରିବର୍ତ୍ତିତ ରଖିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରଚଳିତ ବିଦ୍ୟୁତ ଶୁଳ୍କ ବଳବତ୍ତର ରହିବ ବୋଲି ଓଇଆରସି ସୂଚନା ଦେବା ସହ ଉପଭୋକ୍ତାଙ୍କ ନିମନ୍ତେ କେତେକ ରିହାତି ମଧ୍ୟ ଘୋଷଣା କରିଛନ୍ତି। ରାଜ୍ୟରେ ବିଦ୍ୟୁତ ଚାଳିତ ବାହନର ଚଳପ୍ରଚଳକୁ ପ୍ରୋତ୍ସାହିତ କରିବା ପାଇଁ ଚାର୍ଜିଂ ସେଣ୍ଟରଗୁଡ଼ିକ ନିମନ୍ତେ ଓଇଆରସି ୟୁନିଟ୍ ପିଛା ୫ଟଙ୍କା ୫୦ ପଇସା ନିର୍ଦ୍ଧାରଣ କରିଛନ୍ତି। ଓଇଆରସିଙ୍କ ଦ୍ୱାରା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ବିଦ୍ୟୁତ ଶୁଳ୍କ ଅପରିବର୍ତ୍ତିତ ରହିବ ବୋଲି ଘୋଷଣା କରାଯାଇଛି। ତେବେ ବିଭିନ୍ନ ବର୍ଗର ବିଦ୍ୟୁତ ଉପଭୋକ୍ତାଙ୍କୁ ପାଇଁ ଓଇଆରସି କେତେକ ରିହାତି ଘୋଷଣା କରିଛନ୍ତି। ଗ୍ରାମାଂଚଳର ଘରୋଇ ଉପଭୋକ୍ତାମାନେ ଯଦି ସଠିକ୍ ମିଟର ଲଗାଇଥିବେ ଓ ଠିକ୍ ସମୟରେ ବିଲ୍ ପୈଠ କରୁଥିବେ ତାଙ୍କୁ ୟୁନିଟ୍ ପିଛା ଅତିରିକ୍ତ



୧୦ପଇସା ରିହାତି ମିଳିବ। ସେ ଅନ୍ୟ ରିହାତି ପାଇବାକୁ ମଧ୍ୟ ହକଦାର ହେବେ। ସେହିପରି ଜଳସେଚନ ପାଇଁ ମେଗା ଲିଫ୍ଟ ଉପଭୋକ୍ତାମାନେ ବିଦ୍ୟୁତ ଶୁଳ୍କ ଉପରେ ୟୁନିଟ୍ ପିଛା ୨ଟଙ୍କାର ରିହାତି ପାଇବେ ଓ ସେମାନଙ୍କୁ କୌଣସି ଡିମାଣ୍ଡ ଚାର୍ଜ ଦେବାକୁ ପଡ଼ିବ ନାହିଁ। ଡିଜିଟାଲ ମୋଡରେ ବିଲ୍ ପୈଠ କରୁଥିବା ସମସ୍ତ ଘରୋଇ ଉପଭୋକ୍ତା ଓ ସିଙ୍ଗଲ ଫେଜ୍ ଉପଭୋକ୍ତାଙ୍କୁ ମୋଟ୍ ବିଲ୍ ଉପରେ ଅତିରିକ୍ତ ୩% ରିହାତି ମିଳିବ। ଏହି ରିହାତି ମଧ୍ୟ ଚଳିତମାସର ବିଲ୍ ପାଇଁ ପ୍ରଯୁଜ୍ୟ ହେବ। ସେହିପରି ଏଲଟି ଇଣ୍ଡଷ୍ଟ୍ରିଆଲ ଉପଭୋକ୍ତାମାନେ ମଧ୍ୟ ୟୁନିଟ୍ ପିଛା ୧୦ ପଇସା ରିହାତି ପାଇବେ। ଯଦି ସେମାନେ ମାସକୁ ୬୦%ରୁ ଅଧିକ ଲୋଡ୍ ଉପଯୋଗ କରୁଥିବେ।

➤ ପୃ-୬

# ୬ମାସ ବଢ଼ିଲା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା

**ନୂଆଦିଲ୍ଲୀ :** କେନ୍ଦ୍ର ସରକାରଙ୍କ ମାଗଣା ରାସନ ଯୋଜନା ବା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମଜିକେଏୱାଇ)କୁ ଆଉ ୬ ମାସ ବୃଦ୍ଧି କରାଯାଇଛି। ଏହାର ଅର୍ଥ ସେପ୍ଟେମ୍ବର ମାସ ଯାଏ ଗରିବ ଲୋକଙ୍କୁ ପୂର୍ବଭଳି ମାଗଣା ରାସନ ମିଳିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏପରି ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ ସୂଚନା ଦେଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି, ମାଗଣା ରାସନ ଯୋଜନାକୁ କେନ୍ଦ୍ର କ୍ୟାବିନେଟ ସେପ୍ଟେମ୍ବର ୨୦୨୨ ଯାଏ ବୃଦ୍ଧି କରିଛି। ମହାମାରୀ କରୋନାର ପ୍ରଭାବ କମି



ଯାଇଥିଲେ ମଧ୍ୟ ଯୋଜନାର ଅବଧିକୁ ବଢ଼ାଯାଇଛି। ଏଥିରୁ ମୋଦି ସରକାର ଗରିବଙ୍କ ପାଇଁ କେତେ ସମ୍ବେଦନଶୀଳ ଓ ଯତ୍ନବାନ ଏଥିରୁ ସ୍ପଷ୍ଟ ହୋଇଥିବା ଶ୍ରୀ ଗୋଏଲ କହିଛନ୍ତି। ମହାମାରୀ କରୋନା ବେଳ ଠାରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ

➤ ପୃ-୬

## ବକ୍ରବାଣୀ



ଭୋଅଟ ସଇଲା ନେତା ଚାଲିଲେ
ମଦ ମାଂସ ଭାତ ଆଉ ନ ଦେଲେ
ମାଗଣାଖିଆଙ୍କ ଉଡ଼ିଲା ହୋସ୍
ଆଉ ଏବେ ନାହିଁ ତାଙ୍କଠି ଯୋଶ୍
ଦଶ ବାର ଦିନ ଭଲ ଖାଇଲେ
ନେତାଙ୍କର ଗୁଣ କେତେ ଗାଇଲେ
ମନେ ରଖିଥିବ ଭୋଟର ଭାଇ
ଯେ କଥାକୁ କେବେ ଭୁଲିବ ନାହିଁ
ଟଙ୍କା ନେଇ ଯିଏ ଭୋଟ୍ ଦେଇଚ
ପାଞ୍ଚ ବର୍ଷ ଯାଏଁ ମୁଣ୍ଡ ବିକିଚ।

—— ଟୁଟୁ

### ପାଣିପାଗ ବିଭାଗର ସତର୍କତା

# ସବୁ ରେକର୍ଡ ଭାଙ୍ଗିବ ଗ୍ରୀଷ୍ମ

**ନୂଆଦିଲ୍ଲୀ :** ଗ୍ରୀଷ୍ମ ନେଇ ଆଗୁଆ ସତର୍କତା ଜାରିକରିଛନ୍ତି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)। ଚଳିତବର୍ଷ ଗ୍ରୀଷ୍ମ ଅତୀତର ସବୁ ରେକର୍ଡ ଭାଙ୍ଗିବ ବୋଲି ଚେତାବନୀ ଜାରି କରିଛନ୍ତି। ଦୀର୍ଘ ଶୀତ ଋତୁ ପରେ ବସନ୍ତ ନ ସରୁଣୁ ଗ୍ରୀଷ୍ମର ଧାସ ବାଜିଲାଣି। ମାର୍ଚ୍ଚ ସରି ନଥିବା ବେଳେ ରାଜଧାନୀ ଦିଲ୍ଲୀରେ ଦିନର ତାପମାତ୍ରା ୩୫.୫ ଡିଗ୍ରି ସେଲସିୟସକୁ ପହଞ୍ଚିଛି। କେବଳ ଦିଲ୍ଲୀ ନୁହେଁ ଉତ୍ତର ଭାରତରେ ଏବେ ଗ୍ରୀଷ୍ମ ଅନୁଭୂତ ହେଉଥିବା ପାଣିପାଗ ବିଭାଗଙ୍କ ସୂଚନାରୁ ଜଣାପଡିଛି। ରାଜଧାନୀ ଦିଲ୍ଲୀରେ ଆଗାମୀ ୨ରୁ ୩ ଦିନ ବେଳକୁ ତାପମାତ୍ରାରେ ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ବୋଲି ଆକଳନ କରାଯାଉଛି। ତେବେ ମାର୍ଚ୍ଚ ୨୯ ଓ



୩୦ ତାରିଖ ବେଳକୁ ଉତ୍ତର ଭାରତର କେତେକ ସ୍ଥାନର ତାପମାତ୍ରା ୪୦ ଡିଗ୍ରିକୁ ପହଞ୍ଚିପାରେ ବୋଲି ପୂର୍ବାନୁମାନ କରିଛନ୍ତି। ତେବେ ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ପାଗରେ ସେପରି କୌଣସି ପରିବର୍ତ୍ତନ ଆଶଙ୍କା କରାଯାଉନଥିବା ବେଳେ ୨୭ ତାରିଖ ପରଠାରୁ ତାପମାତ୍ରା ବୃଦ୍ଧିର ଆକଳନ କରାଯାଉଛି।

➤ ପୃ-୬

# ଏପ୍ରିଲରୁ ଅତ୍ୟାବଶ୍ୟକ ଔଷଧ ଦାମ ବଢ଼ିବ

**ନୂଆଦିଲ୍ଲୀ :** ପେଟ୍ରୋଲ, ଡିଜେଲ, ଏଲପିଜି ଓ ସିଏନଜି ପରେ ଏବେ ସାଧାରଣ ଲୋକଙ୍କୁ ଏପ୍ରିଲରେ ଆଉ ଏକ ଝଟକା ଲାଗିବାକୁ ଯାଉଛି। ଏଥର ପାରାସିଟାମଲ ଭଳି ୮୦୦ ପ୍ରକାର ପେନ କିଲର ଓ ଆଣ୍ଟିବୋୟାଟିକ୍ ଔଷଧ ମୂଲ୍ୟରେ ୧୦.୭ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହେବ। ମିଳୁଥିବା ସୂଚନା ଅନୁସାରେ କରୋନା ଭାଇରସ ମହାମାରୀରେ କାନ୍ଦୁଥିବା ଔଷଧ ଉଦ୍ୟୋଗ ମୂଲ୍ୟ ବୃଦ୍ଧି ଲାଗି ସରକାରଙ୍କ ନିକଟରେ ଦାବି କରିଥିଲେ। ଯାହାକୁ ଏବେ ସରକାର ମାନି ନେଇଛନ୍ତି। ଏଣୁ ଔଷଧ ନିର୍ମାତାମାନେ ସିଡ୍ୟୁଲ ଡ୍ରଗର ମୂଲ୍ୟବୃଦ୍ଧି କରିଦେଇଛନ୍ତି। ଯାହା ଆଗାମୀ ୧ ଏପ୍ରିଲରୁ ସାରା ଦେଶରେ ଲାଗୁ ହୋଇଯିବ। ଏଥିରେ ଜ୍ୱର, ହୃଦୟରୋଗ, ଉଚ୍ଚ ରକ୍ତଚାପ, ତ୍ୱଚା ରୋଗ ଓ ଏନିମିଆର ଉପଚାର ଲାଗି ଆବଶ୍ୟକ ହେଉଥିବା ଔଷଧ ସବୁ ଏବେ



ମହଙ୍ଗା ହେବ। ଫଳରେ ପାରାସିଟାମଲ, ଫିନାଇଟୋଇନ ସୋଡିୟମ, ମେଟ୍ରୋନିଡାଜୋଲ, ଏଜିଥ୍ରୋମାଇସିନ ଓ ସିପ୍ରୋଫ୍ଲୋକ୍ସାସିନ ହାଇଡ୍ରୋକ୍ଲୋରାଇଡ ଭଳି ଓଷଧ ମୂଲ୍ୟରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହେବ। ନ୍ୟାସନାଲ ଫାର୍ମା ପ୍ରାଇସିଂ ଅଥରିଟିଙ୍କ ଅନୁସାରେ ଏହି ଔଷଧଗୁଡିକର ମୂଲ୍ୟ ପାଇକାରୀ ମୂଲ୍ୟବୃଦ୍ଧି ଆଧାରରେ ଧାର୍ଯ୍ୟ କରାଯାଇଛି। ଉଲ୍ଲେଖଯୋଗ୍ୟଯେ ସିଡ୍ୟୁଲ ଡ୍ରଗରେ ଅତ୍ୟାବଶକୀୟ ଔଷଧ ମଧ୍ୟ ସାମିଲ। ଅର୍ଥାତ ସରକାରଙ୍କ ବିନାନୁମତିରେଏପରି ଔଷଧର ମୂଲ୍ୟବୃଦ୍ଧି ହୋଇପାରିବନି। ଏପ୍ରିଲ ମାସରୁ ଯେଉଁ ସବୁ ଔଷଧର ମୂଲ୍ୟ ବୃଦ୍ଧି ହେବ ଏଥିରେ କରୋନାରେ ହାଲୁକାରୁ ଆରମ୍ଭ କରି ମଧ୍ୟମ ଓ ଗୁରୁତର ଆକ୍ରାନ୍ତ ରୋଗୀଙ୍କ ଔଷଧର ମୂଲ୍ୟ ମଧ୍ୟ ବଢ଼ିଛି। ସେପଟେ ଫର୍ମା ଇଣ୍ଡଷ୍ଟ୍ରି ଅନୁସାରେ ଗତ ୨ ବର୍ଷରେ କେତେକ ମୁଖ୍ୟ ଏପିଆଇ ମୂଲ୍ୟ ୧୫ରୁ ୧୩୦ ପ୍ରତିଶତ ପର୍ଯ୍ୟନ୍ତ ବଢି ଯାଇଥିବା କୁହାଯାଇଛି। ଏଥିରେ ସେମାନେ ପାରାସିଟାମଲର ଉଦାହରଣ ଦେଇଛନ୍ତି। ଏହାର ମୁଖ୍ୟ ଯୌଗିକ ଏପିଆଇ ଦରରେ ୧୩୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ସେହିପରି ସିରପ, ଓରାଲ ଡ୍ରପ ଓ ଅନ୍ୟ ମେଡିକାଲ ଆପ୍ଲିକେସନରେ ଉପଯୋଗ ହେଉଥିବା ଗ୍ଲିସରିନର ମୂଲ୍ୟରେ ୨୬୩ ଓ ପପଲିନ ଗ୍ଲାଇକୋଲ ଦରରେ ୮୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି।




# ଜୁନ୍‌ରେ ସମବାୟ ନିର୍ବାଚନ !

**ଭୁବନେଶ୍ୱର :** ପଞ୍ଚାୟତ ଓ ପୌର ନିର୍ବାଚନ ଶେଷ ହେବାପରେ ଏବେ ସମବାୟ ନିର୍ବାଚନ ନିମନ୍ତେ ରାଜ୍ୟ ସରକାର ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି। ଆସନ୍ତା ଜୁନ୍ ମାସରେ ସମବାୟ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା ହେବାର ସମ୍ଭାବନା ରହିଥିବାବେଳେ ପ୍ରାଥମିକ ସଦସ୍ୟ ଥିବା ପ୍ରାୟ

## ମତଦାନ କରିବେ ୩୦ ଲକ୍ଷ ସଦସ୍ୟ

୩୦ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ରାଜ୍ୟର ୭୦୭୬ଟି ପ୍ରାଥମିକ ସମବାୟ ସଂସ୍ଥାରେ ନିର୍ବାଚନ ହେବ। ଏହାପରେ କେନ୍ଦ୍ରୀୟ ସମବାୟ ଓ ଶୀର୍ଷ ସମବାୟ ସଂସ୍ଥାରେ ନିର୍ବାଚନ ପ୍ରକ୍ରିୟା ହେବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ପ୍ରାଥମିକ ସମବାୟ ସଂସ୍ଥାଗୁଡ଼ିକର କାର୍ଯ୍ୟକାଳ ୨୦୨୦ ମସିହାରୁ ଶେଷ ହୋଇସାରଛି। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ସରକାର ସମବାୟ ନିର୍ବାଚନକୁ ସ୍ଥଗିତ ରଖିଛନ୍ତି। ମାତ୍ର ଏବେ ସ୍ଥିତିରେ ସୁଧାର ଆସିବା ସହ ରାଜ୍ୟରେ ପଂଚାୟତ ଓ ପୌର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇସାରିଥିବାରୁ ସମବାୟ ନିର୍ବାଚନ କରିବା ନିମନ୍ତେ ରାଜ୍ୟ ସରକାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ରାଜ୍ୟ ସରକାର ଚଳିତ ମାସ ଶେଷ ସୁଦ୍ଧା ଅବା ଏପ୍ରିଲ ପ୍ରଥମ ସପ୍ତାହରେ ସମବାୟ ନିର୍ବାଚନ ନିମନ୍ତେ ସରକାର ପ୍ରସ୍ତୁତ ଥିବା ଦର୍ଶାଇ ବିଜ୍ଞପ୍ତି ଜାରି କରିବା ସହ ରାଜ୍ୟ ସମବାୟ ନିର୍ବାଚନ କମିଶନରଙ୍କୁ ଅବଗତ କରାଇବାର ସମ୍ଭାବନା ରହିଛି। ରାଜ୍ୟ ସରକାର ସମବାୟ ନିର୍ବାଚନ ନିମନ୍ତେ ନିର୍ବାଚନ ଅଧିକାରୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସମବାୟ ବିଭାଗରେ କର୍ମଚାରୀ ଅଭାବ ଥିଲେ ଭିଏଲଡବ୍ଲ୍ୟୁ, ଭିଏଡବ୍ଲ୍ୟୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ପ୍ରାଣୀଧନ ନିରୀକ୍ଷକମାନଙ୍କୁ ମଧ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ସମବାୟ ନିର୍ବାଚନ ପାଇଁ ମତଦାନ କେନ୍ଦ୍ର ଚିହ୍ନଟ ସହ, ରୁଟ୍ ଚାର୍ଟ, ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ମତଦାନ କେନ୍ଦ୍ର ଚିହ୍ନଟ, ନିର୍ବାଚନ ପାଇଁ କେତେ ବାଲାଟ ବାକ୍ସ ଆବଶ୍ୟକ, କେତେ ଅଛି ଓ କେତେ କିଣାଯିବ ସେ ସମ୍ପର୍କରେ ସମସ୍ତ ସମବାୟ ଡିଭିଜନ ନିର୍ଦ୍ଧାରିତ ଫର୍ମାଟରେ ତଥ୍ୟ ଦେଇଥିବା ଜଣାପଡ଼ିଛି। ସମବାୟ ନିର୍ବାଚନ ପ୍ରକ୍ରିୟା ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ

➤ ପୃ-୬

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

# ଭୋକ ବିକଳରେ ଦେଶ ଛାଡ଼ି ଭାରତମୁହାଁ ସିଂହଳୀ ନାଗରିକ

**ଚେନ୍ନାଇ :** ଦିନେ ଯାହାର ସୁନ୍ଦର ପର୍ଯ୍ୟଟନ ସ୍ଥଳ ସାରା ବିଶ୍ୱକୁ ଆକୃଷ୍ଟ କରୁଥିଲା, ସେହି ଶ୍ରୀଲଙ୍କା ଆଜି ଶ୍ରୀହୀନ ହୋଇଯାଇଛି । ମହଙ୍ଗା ବଜାରରେ ଭୋକ, ବିକଳରେ ତାଟିଆ କାମୁଡୁଛି । ଆତ୍ୟାବଶ୍ୟକୀୟ ସାମଗ୍ରୀର ଦର ଆକାଶଛୁଆଁ । ଗରିବ କଥା ଦୂରେ ଥାଉ ମଧ୍ୟବିତ୍ତର ବି ଚଳିବା କଷ୍ଟକର ହୋଇଯାଉଛି । ଶେଷରେ ଭୋକର ଦାଉ ସହି ନପାରି ବାଧ ହୋଇ ଦେଶ ଛାଡ଼ି ଭାରତ ଆସୁଛନ୍ତି ଶ୍ରୀଲଙ୍କା ନାଗରିକ । ମଙ୍ଗଳବାର ୧୬ ଜଣ ଶ୍ରୀଲଙ୍କା ନାଗରିକ ଦେଶ ଛାଡ଼ି ଭାରତକୁ ଆସିଛନ୍ତି । ଏମାନେ ଅଧିକ ଟଙ୍କା ଦେଇ ଡଙ୍ଗା ଯୋଗେ ତାମିଲନାଡୁ ସମୁଦ୍ର କୂଳରେ ପହଞ୍ଚିଛନ୍ତି । ଏମାନଙ୍କ ମଧ୍ୟରେ ଏକ ୪ ମାସର ନବଜାତ ଶିଶୁ ମଧ୍ୟ ରହିଛି । ଶ୍ରୀଲଙ୍କାର ଜାଫନା ଓ ତଲ୍ଲାଇମନ୍ନାରରୁ ଏମାନେ ଦୁଇଟି ଗ୍ରୁପ୍ରେ ଆସି ତାମିଲନାଡୁରେ ପହଞ୍ଚିଥିଲେ । ପ୍ରଥମ ଗ୍ରୁପ୍ରେ ୩ଟି ପିଲା ସହିତ ମୋଟ ୬ ଜଣ ଆସିଥିଲେ । ଶ୍ରୀଲଙ୍କାରୁ ଆସିଥିବା ଏହି ଲୋକମାନଙ୍କ ମଧ୍ୟରେ ଏକ ଦମ୍ପତି ଥିଲେ ଓ ତାଙ୍କର ହିଁ ୪ ମାସର ଶିଶୁଟିଏ ଥିଲା । ଦ୍ୱିତୀୟ ଗ୍ରୁପ୍ରେ ୫ପିଲା ୩ ମହିଳାଙ୍କ ସମେତ ମୋଟ ୧୦ ଜଣ ଆସିଥିଲେ । ଏମାନେ ସମସ୍ତେ ଫାଇବର ଡଙ୍ଗାରେ ତାମିଲନାଡୁ ସମୁଦ୍ର କୂଳରେ ପହଞ୍ଚିଥିଲେ । ସେଠାରେ ଥିବା ତଟରକ୍ଷୀ ବାହିନୀ ସେମାନଙ୍କୁ ଉଦ୍ଧାର କରିଥିଲେ । ପ୍ରଥମ ଗ୍ରୁପ୍ରେ ଆସିଥିବା ୬ ଜଣଙ୍କ ଲୋକ ଭାରତୀୟ ଅଧିକାରୀଙ୍କୁ ସୂଚନା ଦେଇ କହିଛନ୍ତି ଯେ ଶ୍ରୀଲଙ୍କାର ଅବସ୍ଥା ଆଉ ଭଲ ନାହିଁ । ସବୁ ଅତ୍ୟାବଶ୍ୟକୀୟ ସାମଗ୍ରୀଦର ବଢ଼ିଯାଇଛି ।




ବେରୋଜଗାରୀ ଚରମସୀମାରେ ପହଞ୍ଚିଛି । ସେଥିପାଇଁ ବାଧ ହୋଇ ଆମେ ଦେଶ ଛାଡ଼ିଲୁ ବୋଲି ସେମାନେ କହିଛନ୍ତି । ତେବେ ଡଙ୍ଗା ପାର୍ ହେବାକୁ ସେମାନଙ୍କୁ ୧୦ ହଜାର ଟଙ୍କା ଦେବାକୁ ପଡ଼ିଛି ବୋଲି ଶରଣାର୍ଥୀମାନେ ସୂଚନା ଦେଇଛନ୍ତି । ତେବେ କେବଳ ଏମାନେ ନୁହଁନ୍ତି ଆହୁରି ଅନେକ ଶ୍ରୀଲଙ୍କାବାସୀ ଭାରତ ଆସିବେ । ସେଠାକାର ପରିସ୍ଥିତି ଭଲ ନଥିବା ଯୋଗୁ ଅନେକ ସିଂହଳ ନାଗରିକ ଭାରତ ଆସିବାକୁ ଯୋଜନା କରୁଥିବା ଶରଣାର୍ଥୀମାନେ ସୂଚନା ଦେଇଛନ୍ତି । ତେବେ ବର୍ତ୍ତମାନର ମହଙ୍ଗା ପରିସ୍ଥିତିରେ ଖୋଦ୍ ଭାରତରେ ନିଅଣ୍ଟିଆ ପରିସ୍ଥିତି ଦେଖାଦେଇଛି । ଏପରି ସ୍ଥଳେ ପୂର୍ବରୁ ଅନେକ ବାଂଲାଦେଶ, ନେପାଳ ଓ ଶ୍ରୀଲଙ୍କା ଆଦିରୁ ଅନେକ ଶରଣାର୍ଥୀ ଆସି ଏଠାରେ ରହୁଛନ୍ତି । ଏବେ ଯଦି ଶ୍ରୀଲଙ୍କାରୁ ଜନସୁଅ ଛୁଟିବ ତେବେ ଭାରତ ତାର ଅର୍ଥବ୍ୟବସ୍ଥା ବଜାଇ ରଖିପାରିବ ତ ? ଭାରତ ସରକାର ଏନେଇ କି ପଦକ୍ଷେପ ନେବେ ତାକୁ ଅପେକ୍ଷା ।

### ଆମେରିକାର ବରିଷ୍ଠ ସିନେଟରଙ୍କ ବୟାନ

## ହାଇପରସୋନିକ୍ ଟେକ୍ନୋଲଜିରେ ଭାରତ, ଚୀନ ଆମଠୁ ଆଗରେ

**ନୂଆଦିଲ୍ଲୀ :** ହାଇପରସୋନିକ୍ ଟେକ୍ନୋଲଜିରେ ଭାରତ ଏବଂ ଚୀନ ଆମଠୁ ଆଗରେ । ଆମେରିକାର ଜଣେ ବରିଷ୍ଠ ସାଂସଦ ଏହି କଥା କହିଛନ୍ତି । ଆମେରିକାର ସାଂସଦ କହିଛନ୍ତି, ଅତ୍ୟାଧୁନିକ ଜ୍ଞାନ କୌଶଳ କ୍ଷେତ୍ରରେ ଆମେରିକାର ପୂର୍ବ ଭଳି ଆଉ ଅଧିକ ପ୍ରଭାବଶାଳୀ ନୁହେଁ । ଭାରତ, ଚୀନ ଏବଂ ରୁଷ ହାଇପରସୋନିକ ଟେକ୍ନୋଲଜିରେ ବହୁ ଆଗକୁ ବଢିସାରିଛନ୍ତି । ସିନେଟ ଆର୍ମଡ୍ ସର୍ଭିସ କମିଟିର ଅଧ୍ୟକ୍ଷ ରିଡ୍ କହିଛନ୍ତି, ବର୍ତ୍ତମାନର ସ୍ଥିତିରେ ଆମକୁ ଆମର ଟେକ୍ନୋଲଜିରେ ସୁଧାର ଆଣିବାର ଆବଶ୍ୟକତା ରହିଛି । ଦିନେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆମେ ସବୁଠୁ ଉପରେ ଥିଲୁ, କିନ୍ତୁ ଏବେ ଏପରି ନାହିଁ । ରିଡ୍ କହିଛନ୍ତି, ଆମେ



ଦୁନିଆର ଇତିହାସରେ ପ୍ରଥମଥର ପାଇଁ ତ୍ରିପାକ୍ଷିକ ପରମାଣୁ ପ୍ରତିଯୋଗୀତାର ସାମ୍ନା କରିବାକୁ ଯାଉଛି । ଏବେ ଏହା ଦ୍ୱିପାକ୍ଷିକ ହୋଇ ରହିନାହିଁ । ସୋଭିଏତ ସଂଘ ଏବଂ ଆମେରିକା ମଧ୍ୟରେ ଏବେ ମୁକାବିଲା ନାହିଁ । ଏବେ ଚୀନ, ରୁଷ ଏବଂ ଆମେରିକା ମଧ୍ୟରେ ଲଢେଇ । ଚୀନ, ଭାରତ, ରୁଷ ଏବଂ ଆମେରିକା ସହିତ ଅନ୍ୟ ଦେଶ ଗୁଡିକ ମଧ୍ୟ ହାଇପରସୋନିକ ହତିଆର ପ୍ରଯୁକ୍ତି ବିଦ୍ୟାରେ ଅଗ୍ରସର ହେଉଛନ୍ତି । ଗତ ବର୍ଷ ଆମେରିକାର ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫର ଉପାଧ୍ୟକ୍ଷ ଜେନେରାଲ ଜନ ହାୟଟେନ କହିଥିଲେ, ଚୀନ ଆମେରିକା ଉପରେ ହଠାତ ପରମାଣୁ ଆକ୍ରମଣ କରିପାରେ । ଏହାସହ ସେ କହିଥିଲେ, ଚୀନର ହାଇପରସୋନିକ ମିଶାଇଲ ସାରା ଦୁନିଆ ବୁଲି ସାରିଛି । ହାଇପରସୋନିକ ମିଶାଇଲ ଏକ ସୁପର ଆଡଭାନ୍ସ ହତିଆର । ଏହା ଶବ୍ଦର ବେଗଠାରୁ ୫ ଗୁଣା ଅଧିକ ବେଗରେ ଯାଇପାରିବ । ଏହି ମିଶାଇଲ ଗୁଡିକ ଘଣ୍ଟାପ୍ରତି ୬୫୦୦ କିଲୋମିଟର ବେଗରେ ଯାତ୍ରା କରିପାରିବେ । ଏହି ମିଶାଇଲ ଗୁଡିକପ ବେଗ ଏବଂ ଦିଗ ପରିବର୍ତ୍ତନ କ୍ଷମତା ଏହାକୁ ଅଧିକ ଶକ୍ତିଶାଳୀ ଏବଂ ଘାତକ କରିଥାଏ । ଏହାକୁ ଟ୍ରାକ କରିବା ଏବଂ ନଷ୍ଟ କରିବା ଅସମ୍ଭବ ହୋଇଥାଏ ।

## କଶ୍ମୀର ପ୍ରସଙ୍ଗରେ ନେହରୁଙ୍କୁ ଦୋଷ ଦେଲେ ନିର୍ମଳା ସୀତାରମଣ

**ନୂଆଦିଲ୍ଲୀ :** କଶ୍ମୀର ପ୍ରସଙ୍ଗକୁ ଅନ୍ତର୍ଜାତୀୟ ରଙ୍ଗ ଦେବା ପଛରେ ଦେଶର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁଙ୍କ ହାତ ରହିଥିଲା ବୋଲି ଅଭିଯୋଗ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ନେହରୁ ଏହି ପ୍ରସଙ୍ଗକୁ ଜାତିସଂଘରେ ଉଠାଇଥିଲେ । କଶ୍ମୀର ପ୍ରସଙ୍ଗ କେବେ ହେଲେ ଅନ୍ତର୍ଜାତୀୟ ସ୍ତରକୁ ଯିବାର ନଥିଲା । କାରଣ ଏହା ଭାରତର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି । ୧୯୪୮ରେ ପ୍ରଧାନମନ୍ତ୍ରୀ ନେହରୁ ଜାତିସଂଘ ସୁରକ୍ଷା ପରିଷଦରେ କଶ୍ମୀର ବିବାଦ କଥା ପିଟିସନ ଆକାରରେ ଉଠାଇଥିଲେ । ଏଥିସହ ବିବାଦର ସମାଧାନ ପାଇଁ ନିବେଦନ କରିଥିଲେ । ଏହି ପିଟିସନ ଆଧାରରେ ସୁରକ୍ଷା ପରିଷଦ ଭାରତ ଓ ପାକିସ୍ତାନ ପାଇଁ ଜାତିସଂଘ କମିଶନ ପ୍ରତିଷ୍ଠା କରିଥିଲେ । ଏହି କମିଶନ ଦୁଇ ଦେଶ ମଧ୍ୟରେ ଥିବା ବିବାଦର ସମାଧାନ ପାଇଁ ମଧ୍ୟସ୍ଥି ରୂପେ କାର୍ଯ୍ୟ କରିଥିଲେ । ରାଜ୍ୟସଭାରେ ନିର୍ମଳା ସୀତାରମଣ ଏହି ପ୍ରସଙ୍ଗକୁ ଉଠାଇ ନେହରୁଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, "କଶ୍ମୀର ପ୍ରସଙ୍ଗ ଭାରତ ସହ ଜଡ଼ିତ ଏକ ପ୍ରସଙ୍ଗ । କଂଗ୍ରେସ ଏହାକୁ ଜାତିସଂଘକୁ ନେଇଥିଲା । କିଏ ଏପରି କରିଥିଲେ ? ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁ କଶ୍ମୀର ପ୍ରସଙ୍ଗକୁ କାହିଁକି ଜାତିସଂଘକୁ ନେଇଥିଲେ ? କାରଣ ବ୍ରିଟିଶରମାନେ ବୋଧ ହୁଏ ତାଙ୍କୁ ଏପରି କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ କୌଣସି ଉପାୟରେ ବିବାଦର ସମାଧାନ ହୋଇପାରିବ ନାହିଁ ବୋଲି ସେମାନେ ନେହରୁଙ୍କୁ କହିଥିଲେ । ଏଥିଯୋଗୁ ନେହରୁ କଶ୍ମୀର ପ୍ରସଙ୍ଗ ଜାତିସଂଘକୁ ନେଇଥିଲେ । ପଣ୍ଡିତ ନେହରୁ କଶ୍ମୀର ପ୍ରସଙ୍ଗକୁ ଅନ୍ତର୍ଜାତୀୟସ୍ତରକୁ ନେଇଥିଲେ । ୧୯୪୭ ଡିସେମ୍ବରରେ କାହିଁକି ସେ ଜାତିସଂଘରେ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ କହିଥିଲେ ? ଏହି ପ୍ରସଙ୍ଗ ବିଶ୍ୱ ସ୍ତରକୁ ଯିବାର ନ ଥିଲା । ଏହା ଭାରତର ପ୍ରସଙ୍ଗ ଥିଲା । ଏହାକୁ ଆମେ ନିଜେ ସମାଧାନ କରିପାରିଥାଆନ୍ତେ । କଶ୍ମୀର ପ୍ରସଙ୍ଗ ଜାତିସଂଘକୁ ଯାଇଥିବାରୁ ଆଜି ଯାଏ ଆମ ପଡ଼ୋଶୀ(ପାକିସ୍ତାନ) ଏହାର ଅପବ୍ୟବହାର କରି ଚାଲିଛି । ବର୍ତ୍ତମାନ ଆମେ କଶ୍ମୀର ପ୍ରସଙ୍ଗକୁ ନିଜେ ହ୍ୟାଣ୍ଡେଲ କରୁଛୁ ଓ ଏହାର ପାର୍ଥକ୍ୟ ମଧ୍ୟ ସମସ୍ତେ ଦେଖୁଛନ୍ତି ।"

### ଯାତ୍ରୀଙ୍କୁ ଆଉ ପାଦରେ ଚାଲିଚାଲି ଯିବାକୁ ପଡିବନି

## ସୁଗମ ହେବ କୈଳାଶ ମାନସରୋବର ଯାତ୍ରା

**ନୂଆଦିଲ୍ଲୀ :** ଆଗାମୀ ବର୍ଷରୁ କୈଳାଶ ମାନସରୋବର ଯାତ୍ରା ଅଧିକ ସୁଗମ ହୋଇପାରିବ । ଶ୍ରଦ୍ଧାଳୁଙ୍କୁ ଏବେ ଆଉ ପାଦରେ ଚାଲିଚାଲି ଯିବାକୁ ପଡିବନି । ଏବେ ସମ୍ପୂର୍ଣ୍ଣ ଯାତ୍ରା ମୋଟର ଯୋଗେ ହୋଇପାରିବ । ଅର୍ଥାତ ଯାତ୍ରୀ ବାହନ ଯୋଗେ ଧାରଚୂଳାରୁ ସିଧା କୈଳାଶ ମାନସରୋବର ପହଞ୍ଚିପାରିବେ । କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରି ସଂସଦରେ ଏହି ସୂଚନା ଦେଇଛନ୍ତି । ମାନସରୋବରକୁ ସଡ଼କ ମାର୍ଗ ସଂଯୁକ୍ତ ହେବା ପରେ ସୁରକ୍ଷା ବଳଙ୍କ ସମେତ ସ୍ଥାନୀୟ ନାଗରିକ ଓ ତୀର୍ଥ ଯାତ୍ରୀଙ୍କ ଯାତାୟାତ ସୁଗମ ହୋଇପାରିବ ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି । ବର୍ତ୍ତମାନ ସମୟରେ ଧାରଚୂଳାରୁ କୈଳାଶ ମାନସରୋବର ଯିବା ଲାଗି ଲୋକଙ୍କୁ ୪ରୁ ୫ ଦିନ ସମୟ ଲାଗି ଯାଉଛି । ଯାତ୍ରା କାଳରେ ରାତି ହେଲେ ଯାତ୍ରୀଙ୍କୁ ରାସ୍ତାରେ ଅଟକିବାକୁ ହେଉଛି ଓ ପୁଣି ପରଦିନ ସୂର୍ଯ୍ୟୋଦୟରୁ ଚାଲିବାକୁ ପଡୁଛି । ବର୍ଡର ରୋଡ ଅର୍ଗାନାଇଜେସନ ଚୀନ ସୀମାକୁ ସଂଯୁକ୍ତ କରୁଥିବା ତଥା ସାମରିକ ଗୁରୁତ୍ୱ ରଖୁଥିବା ଘଟାବଗଡ-ଲିପୁଲେଖ ସଡକକୁ ଏବେ ପକ୍କା ରାଜମାର୍ଗରେ ରୂପାନ୍ତରିତ କରୁଛନ୍ତି । ଏହି ସଡକ ନିର୍ମାଣ ସରିଲେ



ତୀର୍ଥ ଯାତ୍ରୀ ଧାରଚୂଳାରୁ କୈଳାଶ ମାନସରୋବରକୁ ମାତ୍ର କିଛି ଘଣ୍ଟାରେ ଯାତ୍ରା କରିପାରିବେ । ଏହି ସଡକ ନିର୍ମାଣ କାମ ଡିସେମ୍ବର ୨୦୨୩ ସୁଦ୍ଧା ଶେଷ ହୋଇଯିବ ବୋଲି ବିଭାଗୀୟ ମନ୍ତ୍ରୀ ଲୋକସଭାରେ କହିଛନ୍ତି । ଆଲମୋଡା ଅଥବା ପିଥୋରାଗଡରୁ ଲୋକେ ଧାରଚୂଳା ପହଞ୍ଚନ୍ତି । ଏଠାରେ ତୀର୍ଥ ଯାତ୍ରୀ ଗୋଟିଏ ରାତି କଟାଇବା ପରେ ପରଦିନ କୈଳାଶ ମାନସରୋବର ଯାତ୍ରାରେ ବାହାରିପାରିବେ । ଏଠାରୁ ୭୪ କିଲୋମିଟର ରାସ୍ତାକୁ ଯେ କୌଣସି ବାହାନରେ ଯାତ୍ରୀ ମାତ୍ର ୬ ଘଣ୍ଟାରେ ପାର କରି ଗୁଞ୍ଜିରେ ପହଞ୍ଚିପାରିବେ, ତା ପରଦିନ ସେଠାରୁ ମାତ୍ର କିଛି ଘଣ୍ଟାର ଯାତ୍ରାରେ ଲୋକେ କୈଳାଶ ମାନସରୋବର ତୀର୍ଥାଟନ କରି ଫେରିପାରିବେ ।

### ନାସାର ବଡ଼ ଦାବି

## ସୌରମଣ୍ଡଳ ବାହାରେ ରହିଛି ଅଲଗା ୫ହଜାର ଗ୍ରହ

**ୱାଂଶିଟନ୍ :** ବ୍ରହ୍ମାଣ୍ଡରେ କଣ ଆମେ ଏକା ଅଛେ ? ଏ ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରେ । ଅନେକ ସମୟରେ ଏଲିୟନ୍ସଙ୍କ ଉପସ୍ଥିତିକୁ ନେଇ ବି ବେଶ୍ ରୋଚକ ତଥ୍ୟ ଆସିଛି । ଏବେ ବୈଜ୍ଞାନିକ ଏମିତି ଗ୍ରହର ସନ୍ଧାନ କରିଛନ୍ତି ଯାହା ସୂର୍ଯ୍ୟଙ୍କ ଚାରିପଟେ ଘୁରୁଛନ୍ତି ଏବଂ ଅରବ କିଲୋମିଟର ଦୂରରେ ରହିଛି । ଏହି ଗ୍ରହମାନେ ମିଳିତ ଭାବେ ଆମ ସୌର ମଣ୍ଡଳର ନିର୍ମାଣ କରୁଛନ୍ତି । ଏବେ ଆମେରିକୀୟ ମହାକାଶ ସଂସ୍ଥା ନାସା ଅନୁସନ୍ଧାନ କରି କହିଛି, ମହାକାଶରେ ୫ ହଜାରରୁ ଅଧିକ ଗ୍ରହ ରହିଛନ୍ତି । ସେନେଇ ଅଧିକ ଗବେଷଣା ଜାରି ରହିଛି । ଅନ୍ତରୀକ୍ଷ ଅନୁସନ୍ଧାନରେ ନାସା ଆଉ ଏକ ନୂଆ ଖୁଲାସା କରିଛି । ୬୫ଟି ନୂତନ ଗ୍ରହ ଆବିଷ୍କାର ସହ ସୌର ମଣ୍ଡଳ ବାହାରେ ତାରାଙ୍କ ଚାରିପାଖରେ ୫ ହଜାରରୁ ଅଧିକ ଗ୍ରହ, ଉଲକା ପିଣ୍ଡ ଥିବା ନାସା ସ୍ପଷ୍ଟ କରିଛି । ନାସା ଏକ୍ସୋପ୍ଲାନେଟ୍ ଆର୍କାଇଭ୍ ଅଧ୍ୟୟନ ପାଇଁ ୬୫ଟି ଗ୍ରହ ଖୋଜିଛି । ଯେଉଁଥିରେ ପାଣି, କ୍ଷୁଦ୍ରଜୀବ, ଗ୍ୟାସ୍ ଅଥବା ଜୀବନ ଧାରଣ ସମ୍ଭବ ହୋଇପାରେ । ନାସା ଅନୁସାରେ, ପ୍ରତ୍ୟେକଟି ଗ୍ରହରେ ଏକ ନୂଆ ଦୁନିଆ ରହିଛି । ମିଳିଥିବା ୫



ହଜାର ଗ୍ରହର ସୃଷ୍ଟି ଓ ବିଶେଷତ୍ୱ ଆଧାରରେ ଅଲଗା ଅଲଗା ଶ୍ରେଣୀ ଅନ୍ତର୍ଭୁକ୍ତ । ଏଥିରେ ପୃଥିବୀ ଭଳି ଛୋଟ ଓ ପଥର ଗ୍ରହ ରହିଛି । ବୃହସ୍ପତି ଠାରୁ କେତେକାଂଶରେ ବଡ଼ ଗ୍ୟାସୀୟ ଗ୍ରହ ଥିବାବେଳେ ତାରାଙ୍କୁ ପାଖରୁ ପରିକ୍ରମା କରୁଥିବା ବହୁତ ଗରମ ଗ୍ରହ ବି ରହିଥିବା ଜଣାପଡ଼ିଛି । ଏଥିରେ 'ସୁପର ଆର୍ଥ' ଭଳି ଗ୍ରହ ବି ରହିଛି । ଯାହାକି ପୃଥିବୀ ଠାରୁ ଅନେକାଂଶରେ ବଡ଼ ହୋଇଥିବା ବେଳେ ପଥର ଭରି ରହିଛି । ଆଉ ଆମ ସୌର ମଣ୍ଡଳରେ ଥିବା ନେପଚ୍ୟୁନ୍ ଭଳି ଅନେକ ମିନି ନେପଚ୍ୟୁନ୍ ରହିଛି । ସୌର ମଣ୍ଡଳରେ ହଜାର ହଜାର ଗ୍ରହ ଥିବାବେଳେ ପ୍ରଶ୍ନ ଉଠୁଛି କଣ ଆମେ ବ୍ରହ୍ମାଣ୍ଡରେ ଏକା ଅଛେ ? ଏହାର ଉତ୍ତର ମଧ୍ୟ ହଁ । କଜ୍ୟୋତିର୍ବିଜ୍ଞାନୀଙ୍କ ଅନୁସାରେ, ନିକଟ ଭବିଷ୍ୟତରେ ଅନ୍ତରୀକ୍ଷ ଜୀବନ ଧାରଣ କଳା ଭଳି କିଛି ମିଳିପାରେ । କାରଣ ଜୀବନଯାପନ ଉଦ୍ଦେଶ୍ୟରେ ଅନୁସନ୍ଧାନ ବଢ଼ିବା ସହିତ ଅନ୍ୟ ଗ୍ରହକୁ ନେଇ ସମ୍ଭାବନା ବି ବଢ଼ିବାରେ ଲାଗିଛି । କିନ୍ତୁ ଏବେ ଯାଏ ନୂଆ ଗ୍ରହର ଗଭୀରତାକୁ ମପା ଯାଇ ପାରିନାହିଁ ।

# 'ପତ୍ନୀ ସହ ବଳପୂର୍ବକ ଶାରୀରିକ ସଂପର୍କ ବଳାତ୍କାର ସହ ସମାନ'

**ବେଙ୍ଗାଲୁରୁ :** ପତ୍ନୀଙ୍କ ସହ ବଳପୂର୍ବକ ଶାରିରୀକ ସମ୍ପର୍କ ରଖୁଥିବା ଜଣେ ବ୍ୟକ୍ତିଙ୍କ ବିରୋଧରେ ରୁଜୁ ହୋଇଥିବା ଦୁଷ୍କର୍ମ ମାମଲାକୁ କାଏମ ରଖିଛନ୍ତି କର୍ଣ୍ଣାଟକା ହାଇକୋର୍ଟ । ଏଥିସହ ବୈବାହିକ ଦୁଷ୍କର୍ମ ଘଟଣାରେ କଡ଼ା ମନ୍ତବ୍ୟ ବି ଦେଇଛନ୍ତି । କୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ବାହାଘର କ୍ରୁରତା/ ଅତ୍ୟାଚାର ବା ଅମାନୁଷିକ କାର୍ଯ୍ୟ ପାଇଁ ଲାଇସେନ୍ସ ନୁହେଁ । ଜଣେ ବ୍ୟକ୍ତି ସବୁବେଳେ ବ୍ୟକ୍ତି । ଗୋଟିଏ କାର୍ଯ୍ୟ ସବୁବେଳେ କାର୍ଯ୍ୟ । ଦୁଷ୍କର୍ମ ସବୁବେଳେ ଦୁଷ୍କର୍ମ । ପତ୍ନୀଙ୍କୁ ମଧ୍ୟ ସ୍ୱାମୀ ଦୁଷ୍କର୍ମ କରିପାରିବେ ନାହିଁ । ସ୍ୱାମୀ କେବେ ହେଲେ ପତ୍ନୀଙ୍କୁ ଯୌନ ଦାସୀ ଭାବେ ବିବେଚନା କରିପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି । ହାଇକୋର୍ଟ ନିଜ ରାୟରେ କହିଛନ୍ତି, ବାହାଘର ସମାଜର କୌଣସି ପୁରୁଷଙ୍କୁ ବିଶେଷ ଅଧିକାର ପ୍ରଦାନ କରୁନାହିଁ । ସେହିପରି ବାହାଘର ଜଣେ ପୁରୁଷଙ୍କୁ ମହିଳାଙ୍କ ସହ ପଶୁ ପରି ନିଷ୍ଠୁର ବ୍ୟବହାର କରିବାକୁ ଅଧିକାର ଦେଇଛି ବୋଲି ଭାବିବା ଭୁଲ । ଏପରି କ୍ରୁରତା ଯଦି ଜଣେ ସାଧାରଣ ପୁରୁଷଙ୍କ ପାଇଁ ଦଣ୍ଡନୀୟ ଅପରାଧ ଅଟେ, ତା'ହେଲେ ଏହା ମହିଳାଙ୍କ ସ୍ୱାମୀଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ ହେବ । ସ୍ୱାମୀ ନିଜର ଯେକୌଣସି କାର୍ଯ୍ୟ ପାଇଁ ବିବାହ ପରି ସଂସ୍ଥା ଦ୍ୱାରା ସୁରକ୍ଷା ପାଇଛି ବୋଲି ଭାବିବା ଉଚିତ ନୁହେଁ । ପତ୍ନୀଙ୍କ ଉପରେ ଅତ୍ୟାଚାର, ତାଙ୍କୁ ଇଚ୍ଛା ବିରୋଧରେ କୌଣସି କାମ ପାଇଁ ବାଧ କରିବା ଓ ପଶୁଙ୍କ ଭଳି କ୍ରୁରତା ପ୍ରଦର୍ଶନ କରିବା ପାଇଁ ବାହାଘର କାହାକୁ ଲାଇସେନ୍ସ ଦେଇନାହିଁ । ପତ୍ନୀଙ୍କ ଇଚ୍ଛା ବିରୋଧରେ ଅତ୍ୟନ୍ତ ଜଘନ୍ୟ ଯୌନ ସମ୍ପର୍କ ରଖିବାକୁ ସ୍ୱାମୀ କେବେ ହେଲେ ତାଙ୍କୁ ବାଧ କରିପାରିବେ ନାହିଁ । ଏହାକୁ ଦୁଷ୍କର୍ମ ଭାବେ ବିବେଚନା କରାଯିବ । ଏପରି ଯୌନ ନିର୍ଯାତନା ପତ୍ନୀଙ୍କ ମାନସିକତା ଉପରେ ଗଭୀର କୁପ୍ରଭାବ ପକାଇଥାଏ । ଏହା




ଉଭୟ ମାନସିକ ଓ ଶାରିରୀକ କ୍ଷତି ପହଞ୍ଚାଇଥାଏ । ସ୍ୱାମୀଙ୍କ ଏଭଳି ଆଚରଣ ପତ୍ନୀଙ୍କ ଅନ୍ତର ଆତ୍ମାକୁ ଆଘାତ ଦେଇଥାଏ । ତେଣୁ ଆଇନ ପ୍ରଣୟତାମାନେ ନୀରବତାକୁ ପଢ଼ିବାର ସମୟ ଆସି ଯାଇଛି ବୋଲି ହାଇକୋର୍ଟ କହିଛନ୍ତି । ହାଇକୋର୍ଟ ଆହୁରି କହିଛନ୍ତି, "ସ୍ୱାମୀମାନେ ହେଉଛନ୍ତି ପତ୍ନୀଙ୍କ ଶାସକ । ସେମାନଙ୍କ ଶରୀର, ମାଇଣ୍ଡ ଓ ଆତ୍ମ ଉପରେ କେବଳ ସ୍ୱାମୀଙ୍କ ରାଜୁତି ଚାଲିବ ବୋଲି ପୂର୍ବ କାଳରୁ କୁହାଯାଉଛି । ଏପରି ମାନସିକତା ଯେମିତି ହେଲେ ବଦଳିବା ଦରକାର ।" ଦୀର୍ଘଦିନର ଅଭିଯାନ ସତ୍ତ୍ୱେ ଭାରତରେ ବୈବାହିକ ଦୁଷ୍କର୍ମକୁ ଏଯାଏ ଅପରାଧିକ ମାମଲା ଭାବେ ବିବେଚନା କରାଯାଉନି । ଏଥିପାଇଁ କୋର୍ଟ ପରୋକ୍ଷରେ ଅସନ୍ତୋଷ ପ୍ରକାଶ କରିଛନ୍ତି । କର୍ଣ୍ଣାଟକା ହାଇକୋର୍ଟ କହିଛନ୍ତି, ଆମେ ବୈବାହିକ ଦୁଷ୍କର୍ମକୁ ଗୋଟିଏ ଅପରାଧ ଭାବେ ବିବେଚନା କରାଯିବ କି ନାହିଁ, ତା' ଉପରେ ଟିପ୍ପଣୀ କରୁନୁ । ଏହା ବିଧାନ ମଣ୍ଡଳର କାମ । କୋର୍ଟ କେବଳ ସ୍ୱାମୀଙ୍କ ବିରୋଧରେ ପତ୍ନୀ ଆଣିଥିବା ଦୁଷ୍କର୍ମ ମାମଲାର ବିଚାର କରୁଛନ୍ତି । ତେଣୁ ପତ୍ନୀଙ୍କ ଇଚ୍ଛା ବିରୋଧରେ ତାଙ୍କୁ କୌଣସି ସ୍ୱାମୀ ଯୌନ ଦାସୀ ଭାବେ ବିବେଚନା କରିପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି । ଜଣେ ମହିଳା କୋର୍ଟଙ୍କୁ କହିଥିଲେ ଯେ ତାଙ୍କ ପତ୍ନୀ ବାହାଘରର ପ୍ରଥମ ଦିନରୁ ହିଁ ତାଙ୍କୁ ଯୌନ ଦାସୀ ଭାବେ ବ୍ୟବହାର କରି ଚାଲିଛନ୍ତି । ଏପରି ବ୍ୟକ୍ତି ଜଣଙ୍କ ଉକ୍ତ ମହିଳାଙ୍କୁ ଅମଣିଷଙ୍କ ଭଳି ଅପ୍ରାକୃତି ଯୌନ ସମ୍ପର୍କ ରଖିବାକୁ ମଧ୍ୟ ବାଧ କରୁଥିଲେ । ଖାଲି ସେତିକି ନିଜ ଝିଅ ଆଗରେ ମଧ୍ୟ ବ୍ୟକ୍ତି ଜଣଙ୍କ ମହିଳାଙ୍କ ସହ ଯୌନ ସମ୍ପର୍କ ରଖିବାକୁ କହୁଥିଲେ । କୋର୍ଟ ଏହାକୁ ଶୁଣି ଆଶ୍ଚର୍ଯ୍ୟ ହୋଇଛନ୍ତି । ହାଇକୋର୍ଟ କହିଛନ୍ତି, ସ୍ୱାମୀ ବୋଲି ତାଙ୍କୁ ଦୁଷ୍କର୍ମ ମାମଲାରୁ ବାଦ କରିବା ଆଦୌ ଗ୍ରହଣୀୟ ନୁହେଁ । ଏହା ସମ୍ବିଧାନର ଖୋଲା ଉଲ୍ଲଙ୍ଘନ ସହ ସମାନ । ସମ୍ବିଧାନରେ ମହିଳା ଓ ପୁରୁଷ ସମାନ ଅଧିକାର ପାଇଛନ୍ତି । ଧାରା ୩୭୫(ଦୁଷ୍କର୍ମ) ଆଧାରରେ ଏଥିରେ ଅସମାନତା ଅଣାଯାଇ ପାରିବ ନାହିଁ । ଆଇନ ପ୍ରଣୟନକାରୀମାନେ ଆଇନରେ ଥିବା ଗଳା ବାଟକୁ ବନ୍ଦ କରିବାର ଦାୟିତ୍ୱ ନିଅନ୍ତୁ । କୋର୍ଟ ପରାମର୍ଶ ଦେଇଛନ୍ତି ।

## କେମିତି କଟିବ ଏ ସପ୍ତାହ

**ମେଷ** – କାର୍ଯ୍ୟକ୍ଷେତ୍ରରେ ସହଯୋଗୀ ମାନେ ଅନୁଗତ ହେବେ । ଅଦାଲତ ମାମଲାରେ କୃତ କାର୍ଯ୍ୟ ହେବେ । ଶତ୍ରୁ ପରାଜିତ ହେବେ । ଆର୍ଥିକ ସ୍ଥିତି ଭଲ ରହିବ । ପ୍ରେମୀମାନେ ଉଭୟେ ବିଶ୍ୱାସର ସହ ଆଗକୁ ବଢ଼ିବେ । ଗୃହରେ ଶାନ୍ତି ବଜାୟ ରହିବ ।

**ବୃଷ** – ଆତ୍ମବିଶ୍ୱାସରେ ବୃଦ୍ଧି ହେବ । କାର୍ଯ୍ୟକ୍ଷେତ୍ରରେ ଆପଣଙ୍କୁ ସୁଫଳ ମିଳିବ । ଛାତ୍ରମାନେ ଦେଇଥିବା ପରୀକ୍ଷାରେ ଉନ୍ନତି ହେବେ । ଦୂରଯାତ୍ରା କରିପାରନ୍ତି । ଦମ୍ପତିମାନେ ଉଭୟଙ୍କୁ ବୁଝିବାକୁ ଚେଷ୍ଟା କରନ୍ତୁ । ସମ୍ପର୍କ ସୁଦୃଢ଼ ରହିବ ।

**ମିଥୁନ** – ରକ୍ତଚାପ ବଢ଼ିପାରେ । ଆୟ ଓ ବ୍ୟୟରେ ବୃଦ୍ଧି ହେବ । କୌଣସି କାର୍ଯ୍ୟ କରିବା ପୂର୍ବରୁ ବିଚାର ବିମର୍ଷ କରନ୍ତୁ । ନିଜର ବାଣୀରେ ଲଗାମ ଦିଅନ୍ତୁ । ଛାତ୍ରଙ୍କ ମନ ଚଞ୍ଚଳ ରହିବ । ଜୀବନସାଥୀଙ୍କ କଥାକୁ ଗୁରୁତ୍ୱ ଦିଅନ୍ତୁ ।

**କର୍କଟ** – ସ୍ୱାସ୍ଥ୍ୟ ଭଲ ରହିବ । ଜମା ରାଶିରେ ବୃଦ୍ଧି ହେବ । କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ଶୁଭ ଖବର ପାଇବେ । ଛାତ୍ରମାନେ ଶିକ୍ଷକଙ୍କ ସହଯୋଗ ପାଇଷବ । ପ୍ରେମୀମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି ।

**ସିଂହ** – ପେଟ ସମ୍ବନ୍ଧୀୟ କଷ୍ଟ ପାଇପାରନ୍ତି । ଆୟ ତୁଳନାରେ ବ୍ୟୟ ବଢ଼ିବ । ଛୋଟ କଥା ବା ଭୁଲ ପାଇଁ ଅପମାନିତ ହୋଇପାରନ୍ତି । କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ବ୍ୟବହାରରେ ଦୁଃଖିତ ହେବେ ।

**କନ୍ୟା** – ମାନସିକ ଅଶାନ୍ତି ବଢ଼ିପାରେ । ଚାକିରି କ୍ଷେତ୍ରରେ ଅଧିକ ଦାୟିତ୍ୱ ମିଳିବ । ଯାଗା ବାଡି କାର୍ଯ୍ୟର ଅଗ୍ରଗତି ରୋକାଯାଇପାରିବ । ପ୍ରେମୀଙ୍କ ମଧ୍ୟରେ ବୁଝାମଣା ବଢ଼ିପାରେ । ସମ୍ପର୍କ ନିବିଡ ସହ ଚୀରସ୍ଥାୟୀ ହେବ ।

**ତୁଳା** – ସ୍ୱାସ୍ଥ୍ୟ ବିଗିଡିପାରେ । ଯତ୍ନବାନ ହୁଅନ୍ତୁ । ଆୟ ତୁଳନାରେ ବ୍ୟୟ ବଢ଼ିବ । ନିଜ ଲକ୍ଷ୍ୟରେ ସ୍ଥିର ରୁହନ୍ତୁ । ଅନ୍ୟକୁ ସମାଲୋଚନା କରନ୍ତୁନାହିଁ । ଯାନବାହନ କ୍ରୟ କରିପାରନ୍ତି । ପ୍ରେମୀଙ୍କ ମଧ୍ୟରେ ତୃତୀୟ ବ୍ୟକ୍ତି ପ୍ରବେଶ କରିପାରନ୍ତି ।

**ବିଛା** – ସାମାଜିକ ପ୍ରତିଷ୍ଠା ବଢ଼ିବ । ଆୟ ଓ ବ୍ୟୟରେ ବୃଦ୍ଧି ହେବ । ପରିବାରରେ ସୁଖ ପରିବେଷ ରହିବ । ବିଦ୍ୟାର୍ଥୀମାନେ ପ୍ରତିଯୋଗିତାତ୍ମକ ପରୀକ୍ଷାରେ ଉନ୍ନୀତ ହେବେ । ଜୀବନସାଥୀଙ୍କ ସହ ତାଳମେଳ ବଢ଼ିବ ।

**ଧନୁ** – ଗଣ୍ଠି ସମ୍ବନ୍ଧୀୟ ପୀଡା ହୋଇପାରେ । ଅନେକ ଦିନରୁ ଭାବିଥିବା ବ୍ୟବସାୟ କରିପାରନ୍ତି । ପ୍ରିୟ ବସ୍ତୁରେ ପଇସା ଖର୍ଚ୍ଚ ବଢ଼ିବ । ମନସ୍କାମନା ପୂର୍ଣ୍ଣ ପାଇଁ ତୀର୍ଥଯାତ୍ରା କରିପାରନ୍ତି । ଦମ୍ପତିମାନଙ୍କ ପାଇଁ ସମୟ ଅନୁକୂଳ ।

**ମକର** – ବାହାନ ଚଳାଇବା ସମୟରେ ସାବଧାନ ରହନ୍ତୁ । ଆକସ୍ମିକ ଧନ ପ୍ରାପ୍ତି ଯୋଗ ଅଛି । କୌଣସି ମହିଳାଙ୍କ ସହଯୋଗରେ ସବୁ କାମର ସମାଧାନ ହୋଇପାରେ । ପ୍ରେମରେ ବିଶ୍ୱାସ ବଢ଼ିବ ।


**କୁମ୍ଭ** – ପୂର୍ବରୁ କରିଥିବା ପରିଶ୍ରମର ଫଳ ମିଳିପାରେ । ପରିବାରର ଶାନ୍ତି ପାଇଁ ଆଧ୍ୟାତ୍ମିକ କାର୍ଯ୍ୟରେ ମନ ଦେଇ ପାରନ୍ତି । ଛାତ୍ରମାନେ ନିଜ ଇଚ୍ଛା ମୁତାବକ ସ୍ଥାନରେ ନାମ ଲେଖାଇ ପାରନ୍ତି । ନୂଆ ଦ୍ରବ୍ୟ କିଣିପାରନ୍ତି । ପ୍ରେମରେ ଭୁଲ ବୁଝାମଣା ଯୋଗୁ ଅସୁବିଧା ହୋଇପାରେ ।

**ମୀନ** – ଶାରୀରିକ ଓ ମାନସିକ କଷ୍ଟ ଯୋଗ ଅଛି । ଗୁପ୍ତ ଶତ୍ରୁମାନେ ଜାଗ୍ରତ ହୋଇପାରନ୍ତି । ବ୍ୟବସାୟରେ ଉତ୍ଥାନ ଓ ପତନ ଲାଗି ରହିବ । କ୍ଷତିର ସମ୍ଭାବନା ଅଛି । ଦାମ୍ପତ୍ୟ ଜୀବନରେ ସୁଖ ପାଇଁ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

**ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି ତଥ୍ୟ**

# ବେକାରୀ ହ୍ରାସରେ ଓଡ଼ିଶା ନଂ-୧




**ଭୁବନେଶ୍ୱର :** ରାଜ୍ୟରେ ହ୍ରାସ୍ ପାଉଛି ବେକାରୀଙ୍କ ସଂଖ୍ୟା। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍ଆଇଇ) ପକ୍ଷରୁ ଏହି ତଥ୍ୟ ପ୍ରକାଶ ପାଇଛି। ସର୍ବଭାରତୀୟ ସ୍ତରରେ ମାର୍ଚ୍ଚ ମାସରେ ବେକାରୀ ହାର ୭.୫ ପ୍ରତିଶତ ରହିଥିବା ବେଳେ ରାଜ୍ୟରେ ଏହି ହାର ମାତ୍ର ୧ ପ୍ରତିଶତ। ସମଗ୍ର ଦେଶରେ ଓଡ଼ିଶା ବେକାରୀ ହାର ହ୍ରାସରେ ଶୀର୍ଷରେ ରହିଛି। ଦେଶର ସବୁ ବିକଶିତ ଏବଂ ପ୍ରଭାବଶାଳୀ ରାଜ୍ୟକୁ ପଛରେ ପକାଇ ଓଡ଼ିଶା ସରକାର ଅଧିକରୁ ଅଧିକ ସଂଖ୍ୟାରେ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ଫେବ୍ରୁଆରୀ ମାସ ତଥ୍ୟ ଅନୁଯାୟୀ, ରାଜସ୍ଥାନରେ ବେକାରୀ ହାର ସମଗ୍ର ଦେଶରେ ସର୍ବାଧିକ। ରାଜସ୍ଥାନରେ ବେକାରୀ ହାର ୩୨.୩ ପ୍ରତିଶତ ରହିଥିବା ବେଳେ ତା ତଳକୁ ରହିଛି ବିଜେପି ଶାସିତ ହରିୟାଣା। ହରିୟାଣାରେ ୩୧ ପ୍ରତିଶତ, ଝାଡ଼ଖଣ୍ଡରେ ୧୫ ପ୍ରତିଶତ, ବିହାରରେ ୧୪ ପ୍ରତିଶତ, ଗୋଆରେ ୧୨ ପ୍ରତିଶତ, ଆସାମରେ ୧୦.୨ ପ୍ରତିଶତ ରହିଛି। ଦ୍ରୁତଗତିରେ ଓଡ଼ିଶାରୁ ବେକାରୀ ହ୍ରାସ ପାଉଥିବାରୁ ସମଗ୍ର ଦେଶରେ ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରାଯାଇଛି। ଶିକ୍ଷିତ ଯୁବକ ଯୁବତୀଙ୍କ ଦକ୍ଷତା ବିକାଶକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ଗତ କିଛି ବର୍ଷ ମଧ୍ୟରେ ସବୁ ବର୍ଗର ଲୋକ ଏପରିକି ମହିଳାଙ୍କ ପାଇଁ ସୃଷ୍ଟି ହୋଇଥିବା ପର୍ଯ୍ୟାପ୍ତ ଆତ୍ମନିଯୁକ୍ତି ସୁଯୋଗ ବେକାରୀ ସଂଖ୍ୟାକୁ ୧ ପ୍ରତିଶତକୁ ହ୍ରାସ କରିପାରିଛି। ଏଥିସହିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଗାଁର ମହିଳାମାନେ ବି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ନିଯୁକ୍ତି ସୁଯୋଗ ସୃଷ୍ଟିରେ ଗୁଜରାଟ, ମଧ୍ୟପ୍ରଦେଶ, ଦିଲ୍ଲୀ ଭଳି ରାଜ୍ୟମାନେ ଓଡ଼ିଶାଠାରୁ ବହୁ ପଛରେ ରହିଛନ୍ତି।

# ଧାନ କିଣାରେ ଅବ୍ୟବସ୍ଥା ନେଇ ମୁଲତବୀ ଆଲୋଚନା

**ଭୁବନେଶ୍ୱର :** ଧାନ କିଣା ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଅସାଧୁ ବ୍ୟବସାୟୀ ଓ ମିଲ୍ ମାଲିକମାନଙ୍କ ସହ ସରକାର ହାତ ମିଳାଇଛନ୍ତି। ମିଲ୍ ମାଲିକଙ୍କୁ କମ୍ ଦରରେ ଧାନ ବିକିବା ପାଇଁ ଚାଷୀଙ୍କୁ ଏକ ପ୍ରକାର ବାଧ୍ୟ କରାଯାଉଛି। ମଣ୍ଡିରେ ସିସିଟିଭି ଲାଗୁନି। ସମ୍ପୂର୍ଣ୍ଣ ଧାନ କିଣା ପ୍ରକ୍ରିୟାରେ ଠକେଇ ପାଇଁ ବାଟ ଖୋଲିଦିଆଯାଇଛି। ଶନିବାର ଦିନ ବିଧାନସଭାରେ ଏମିତି ଆରୋପ ଲଗାଇ ସରକାରଙ୍କୁ ଭର୍ତ୍ସନା କରିଥିଲେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର। ଶନିବାର ଦିନ ଗୃହରେ କଂଗ୍ରେସ ପକ୍ଷରୁ 'ରାଜ୍ୟରେ ଧାନ କିଣା ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ଓ କଟ୍ନି ଛଟ୍ନି ଯୋଗୁ ଚାଷୀମାନେ ଶୋଷଣର ଶିକାର' ଶୀର୍ଷକ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। ଆଲୋଚନା ଆରମ୍ଭ କରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ସରକାର ନିର୍ବାଚନରେ ବ୍ୟସ୍ତ ରହି ଚାଷୀଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଲେନି। ସେମାନେ କ୍ଷତି ସହିଲେ। ଚାଷୀଙ୍କ ଠାରୁ ଧାନ କିଣିବା ଏଫ୍ସିଆଇର ପ୍ରାଥମିକ କାର୍ଯ୍ୟ। ସବୁ ପଞ୍ଜୀକୃତ ଚାଷୀଙ୍କ ବଳକା ଧାନକୁ କିଣିବାକୁ ଏଫ୍ସିଆଇ ବାଧ୍ୟ। କିନ୍ତୁ ଏଥର କାହିଁକି ସମସ୍ତ ପଞ୍ଜୀକୃତ ଚାଷୀ ଧାନ ବିକିପାରିଲେ ନାହିଁ? ମନ୍ତ୍ରୀଙ୍କ ପାଖରେ ଚାଷୀଙ୍କର ପ୍ରକୃତ ସଂଖ୍ୟା ସମ୍ପର୍କରେ ତଥ୍ୟ ନାହିଁ। ରାଜ୍ୟର ସବୁ ଚାଷୀ ପଞ୍ଜୀକୃତ ନ ହେବାର କାରଣ କ'ଣ? ଧାନ କିଣିଲା ବେଳେ କଟ୍ନି ଛଟ୍ନି ସମ୍ପୂର୍ଣ୍ଣ ବନ୍ଦ ହେବା ଉଚିତ। କିନ୍ତୁ ଏବେ ବି ସବୁଠି ଏହା ଚାଲିଛି। ଯେଉଁମାନେ ଏପରି କାମ କରୁଛନ୍ତି ସେମାନଙ୍କ ବିରୋଧରେ କି ଦଣ୍ଡବିଧାନ କରାଯାଉଛି? ସରକାରୀ ନିର୍ଦ୍ଦେଶ ଥିଲା ଯେ ଧାନ କିଣାଗଲା ପରେ ମିଲ୍ ମାଲିକମାନେ ମଣ୍ଡିରେ ରହିବେ ନାହିଁ। ଧାନ କିଣାରେ ଅନିୟମିତତାକୁ ଧରିବା ପାଇଁ ମଣ୍ଡିରେ ସିସିଟିଭି ଲାଗିବ। କିନ୍ତୁ ଏ ଯାଏ କାହିଁକି ସବୁଠି ସିସିଟିଭି ଲାଗିପାରିଲା ନାହିଁ? ଯେଉଁଠି ବି ଲାଗିଛି ତାହା ମଧ୍ୟରୁ ଅଧିକାଂଶ ଜାଗାରେ ସିସିଟିଭି କାମ କରୁନି। ଠକେଇ ପାଇଁ ବାଟ ଖୋଲାଯାଇଥିବା ସ୍ପଷ୍ଟ ଜଣାପଡୁଛି। ସବୁଠି ଧାନ କିଣା ନିୟମର ଖୋଲା ଉଲ୍ଲଂଘନ ହେଉଛି। ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହେଉଛି। ଧାନ କିଣାକୁ ବ୍ୟବସ୍ଥିତ କରିବା ପାଇଁ ବିଧାନସଭାର ଷ୍ଟାଣ୍ଡିଂ କମିଟି ବହୁ ସୁପାରିସ୍ କରିଛି। କିନ୍ତୁ ତାହାର ଆକ୍ସନ୍ ଟେକେନ୍ ରିପୋର୍ଟ ନାହିଁ। ଶ୍ରୀ ମିଶ୍ର ତାଗିଦ୍ କରି କହିଥିଲେ ଯେ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ୍ କରିଦେଲେ ଚାଷୀ ତାହାର ସୁଫଳ ପାଇପାରିବ ନାହିଁ। କାଳିଆ ଯୋଜନାରେ ୫ ହଜାର ଟଙ୍କା ଦେଇଦେଲେ ଚାଷୀ ମୁକ୍ତି ପାଇଯିବ ନାହିଁ। ଏସବୁ କେବଳ ଭୋଟ୍ ପାଇଁ। ଚାଷୀଙ୍କୁ କରାଯାଉଥିବା ଶୋଷଣ ତୁରନ୍ତ ବନ୍ଦ କରାଯାଉ। ସେମାନଙ୍କ ଆୟ ବୃଦ୍ଧି ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଶ୍ରୀ ମିଶ୍ର ଦାବି କରିଥିଲେ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ, ଚଳିତ ବର୍ଷ ଧାନ ଚାଷୀ ଧାନ ବିକିବା ଆଗରୁ ବର୍ଷା ହେଲା। ଏହା ମିଲ୍ ମାଲିକଙ୍କୁ ସୁହାଇଲା। କ୍ୱିଣ୍ଟାଲ୍ ପିଛା ୧୦ କେଜି ଲେଖାଏ କାଟି ଦିଆଯାଇଛି। ଏବେ ବି ମଣ୍ଡିରେ ଧାନ ପଡ଼ି ରହିଛି। ଚାଷୀ କାନ୍ଦୁଛି।

**ଦୁର୍ନୀତିଗ୍ରସ୍ତ ଓ ଅପାରଗଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ କଠୋର ଆଭିମୁଖ୍ୟ ଜାରି**

# ଆଉ ୬ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇଆସିଛନ୍ତି। ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଅନୁଯାୟୀ ଏବେ ଆଉ ୬ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ଏବଂ ଏଥିରେ ବିଭିନ୍ନ କ୍ଷେତ୍ରରେ ଥିବା ଅଧିକାରୀ, ଯଥା - ଜଣେ ମୁଖ୍ୟଯନ୍ତ୍ରୀ, ୩ ଜଣ ଏକଜିକ୍ୟୁଟିଭ ଇଞ୍ଜିନିୟର ଓ ୨ ଜଣ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୁଖ ଅନ୍ତର୍ଭୁକ୍ତ। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୬୪ ଜଣ ଅଧିକାରୀଙ୍କୁ ଚାକିରୀରୁ ବରଖାସ୍ତ ବା ବାଧ୍ୟତାମୂଳକ ଅବସର ଦିଆଯାଇଛି। ଏହି ୬ ଜଣଙ୍କ ମଧ୍ୟରୁ ସମ୍ବଲପୁର ଇଲେକ୍ଟ୍ରିକାଲ ମୁଖ୍ୟଯନ୍ତ୍ରୀ ସୁନିଲ୍ କୁମାର ପଣ୍ଡାଙ୍କ ନାମରେ ଗୋଟିଏ ଦୁର୍ନିତୀ ମାମଲା ଅଛି। ତାଙ୍କ ପାଖରେ ୩.୨୬ କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଥିଲା। ଏଥିପାଇଁ ତାଙ୍କୁ ନିଲମ୍ବିତ ମଧ୍ୟ କରାଯାଇଥିଲା। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ବ୍ରହ୍ମପୁର ରୁରାଲ ଓ୍ୱାର୍କ୍ସ ଇଲେକ୍ଟ୍ରିକାଲ୍ ଡିଭିଜନର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ଜଗନ୍ନାଥ ସେଠୀଙ୍କ ନାମରେ ଗୋଟିଏ ଦୁର୍ନିତୀ ମାମଲା ଥିଲା। ତାଙ୍କ ପାଖରେ ୭.୬୩ କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଥିଲା ଏବଂ ଏଥିପାଇଁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେହିପରି ଭୁବନେଶ୍ୱରର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ତଥା ଡେପୁଟି ଇଲେକ୍ଟ୍ରିକାଲ ଇନସପେକ୍ଟର ଦୀପକ କୁମାର ଭୂୟାଁଙ୍କ ନାମରେ ଦୁଇଟି ଦୁର୍ନିତୀ ମାମଲା ରହିଛି । ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଭୁବନେଶ୍ୱରର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ତଥା ଡେପୁଟି ଇଲେକ୍ଟ୍ରିକାଲ ଇନସପେକ୍ଟର ପ୍ରଶାନ୍ତ କୁମାର ମିଶ୍ରଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ରାୟଗଡା ଜିଲ୍ଲାର ଗୁଣୁପୁରସ୍ଥିତ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ଅନ୍ତର୍ଯ୍ୟାମୀ ବେହେରାଙ୍କ ନାମରେ ଗୋଟିଏ ଦୁର୍ନିତୀ ମାମଲା ଅଛି। ସେ ୧୦ ହଜାର ଟଙ୍କାର ଲାଞ୍ଚ ଗ୍ରହଣ କରିଥିଲେ । ତାଙ୍କୁ ୨୦୨୨ ମାର୍ଚ୍ଚ ୨ ତାରିଖ ଦିନ ଗିରଫ କରାଯାଇ ତା ପରଦିନ କୋର୍ଟକୁ ପଠାଯାଇଥିଲା। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେହିପରି ଗଜପତି ଜିଲ୍ଲାର ନୂଆଗଡସ୍ଥିତ ବ୍ଲକ ଶିକ୍ଷା ଅଧିକାରୀ ବ୍ରଜ କୁମାର ନାୟକଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ରହିଛି। ତାଙ୍କ ଅଫିସ ଭିତରେ ୩୦ ହଜାର ଟଙ୍କାର ଲାଞ୍ଚ ଗ୍ରହଣ କରୁଥିଲାବେଳେ ସେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୬୪ ଜଣ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର ବା ବାଧ୍ୟତାମୂଳକ ଅବସର ଦିଆଯାଇଛି ବା ପେନସନ ବନ୍ଦ କରାଯାଇଛି।

**ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

# ଅପରାଧିକ ମାମଲା ବିଚାରାଧୀନ ଥିଲେ ପାସ୍‌ପୋର୍ଟ ନବୀକରଣରେ ବାଧା ନାହିଁ


**କଟକ :** ଅପରାଧିକ ମାମଲା ବିଚାରାଧୀନ ଥିବା କାରଣରୁ ଜଣେ ବ୍ୟକ୍ତିଙ୍କ ପାସପୋର୍ଟ ନବୀକରଣ (ରିନ୍ୟୁ) ପାଇଁ କର୍ତ୍ତୃପକ୍ଷ ଆଉ ମନା କରିପାରିବେ ନାହିଁ। ୧୯୯୩ ଅଗଷ୍ଟ ୨୫ର କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଅନୁସାରେ ଲିଖିତ ପ୍ରତିଶ୍ରୁତି/ସତ୍ୟପାଠ ଦାଖଲ କରୁଥିବା ବ୍ୟକ୍ତିଙ୍କ ପାସପୋର୍ଟ ନବୀକରଣ ସପକ୍ଷରେ ହାଇକୋର୍ଟ ରାୟ ଦେଇଛନ୍ତି। ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ପାସପୋର୍ଟ ନବୀକରଣ ପ୍ରସଙ୍ଗରେ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତା ଅଭିଯୋଗ ନେଇ ଦାୟର ମାମଲାର ଶୁଣାଣି କରି ଏପରି ରାୟ ଦେଇଛନ୍ତି। ୭ ଦିନ ଭିତରେ ଆବେଦନକାରୀ ପାସପୋର୍ଟ କର୍ତ୍ତୃପକ୍ଷଙ୍କ ନିକଟରେ ତାଙ୍କ ବିରୋଧରେ ରହିଥିବା ଅପରାଧୀକ ମାମଲା ଓ ମିଳିଥିବା ଜମିନ ନିର୍ଦ୍ଦେଶ ସଂପର୍କିତ ବିସ୍ତୃତ ତଥ୍ୟ ଉଲ୍ଲେଖ କରି ସତ୍ୟପାଠ/ ଲିଖିତ ପ୍ରତିଶ୍ରୁତି ଓ ନଥିପତ୍ର ଦାଖଲ କରିବେ। ଭୁବନେଶ୍ୱରସ୍ଥିତ ପାସପୋର୍ଟ କର୍ତ୍ତୃପକ୍ଷ ଏହାପରେ ଏକ ସପ୍ତାହ ଭିତରେ ପାସପୋର୍ଟ ରିନ୍ୟୁ କରି ଆବେଦନକାରୀଙ୍କୁ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ଅଏଲ ଫିଲ୍ଡରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ପାସପୋର୍ଟର ଅବଧି ଶେଷ ହେବାକୁ କିଛିଦିନ ବାକି ରହିଛି। ସେ ପାସପୋର୍ଟ ନବୀକରଣ ପାଇଁ ଆବେଦନ କରିଥିଲେ। ତାଙ୍କ ପାସପୋର୍ଟ ନବୀକରଣ କରିବାକୁ ଭୁବନେଶ୍ୱର ଆଞ୍ଚଳିକ ପାସପୋର୍ଟ କର୍ତ୍ତୃପକ୍ଷ ମନା କରିଥିଲେ। ତାଙ୍କ ବିରୋଧରେ ଦୁଇଟି ଅପରାଧିକ ମାମଲା ରହିଥିବାରୁ କର୍ତ୍ତୃପକ୍ଷ ପାସପୋର୍ଟ ନବୀକରଣ କରୁନାହାନ୍ତି ବୋଲି ସେ ଜାଣିବାକୁ ପାଇଥିଲେ। ଏହି ପ୍ରସଂଗରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଦର୍ଶାଇଥିଲେ ଯେ ପତ୍ନୀଙ୍କ ସହିତ ମତାନ୍ତର ଘଟଣା ନେଇ ତାଙ୍କ ବିରୋଧରେ ଦୁଇଟି ଅପରାଧିକ ମାମଲା ଭୁବନେଶ୍ୱରର ଦୁଇଟି ଥାନାରେ ରୁଜୁ ହୋଇଥିଲା। ଏହି ଦୁଇ ମାମଲାରେ ସେ ଜାମିନରେ ଅଛନ୍ତି। କେନ୍ଦ୍ର ସରକାରଙ୍କ ୧୯୯୩, ଅଗଷ୍ଟ ୨୫ର ବିଜ୍ଞପ୍ତି ଅନୁସାରେ ଅପରାଧିକ ମାମଲା ବିଚାରାଧୀନ ଥିଲେ ମଧ୍ୟ ଜଣଙ୍କ ପାସପୋର୍ଟ ନବୀକରଣ କରାଯାଇପାରିବ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏହି ବିଜ୍ଞପ୍ତି ଅନୁସାରେ ଅପରାଧିକ ମାମଲା ସଂକ୍ରାନ୍ତରେ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ପ୍ରତିଶ୍ରୁତି ଦେବାକୁ ପଡ଼ିବ। ବିଚାରାଧୀନ ମାମଲାରେ କୋର୍ଟ ଯେତେବେଳେ ହାଜର ହେବାକୁ ନିର୍ଦ୍ଦେଶ ଦେବେ ସେ ହାଜର ହେବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଲେ ପାସପୋର୍ଟ ନବୀକରଣ କରାଯିବାରେ କିଛି ବାଧା ନାହିଁ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା।

# ୨୦୨୫ ସୁଦ୍ଧା ଯକ୍ଷ୍ମାରୋଗକୁ ନିର୍ମୂଳ ଲକ୍ଷ୍ୟ




**ଭୁବନେଶ୍ୱର :** ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖ ଦିନ ବିଶ୍ୱବ୍ୟାପୀ ଟିବି ଡେ ପାଳିତ ହେଉଛି । ଚଳିତ ବର୍ଷ ମାର୍ଚ୍ଚ ୨୪ ତାରିଖ ଦିନ ରାଜ୍ୟରେ ପୌର ନିର୍ବାଚନ ଅନୁଷ୍ଠିତ ହେଉଥିବା ଯୋଗୁଁ ମାର୍ଚ୍ଚ ୨୩ ତାରିଖ ଦିନ ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପକ୍ଷରୁ ଯକ୍ଷ୍ମା ଦିବସର ଅବ୍ୟବହିତ ପୂର୍ବରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମାରୋଗ ନିର୍ମୂଳ ଲକ୍ଷ୍ୟନେଇ ରାଜ୍ୟରେ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟ କରୁଛି । ଏଥି ପାଇଁ ରାଜ୍ୟରୁ ଅଧିକରୁ ଅଧିକ ଯକ୍ଷ୍ମାରୋଗୀ ନିୟମିତ ଚିହ୍ନଟ କରି ସେମାନଙ୍କୁ ସଫଳତାର ସହିତ ଚିକିତ୍ସା ପ୍ରଦାନ କରାଯାଉଛି । ରାଜ୍ୟରେ ୩୦ଟି ଜିଲ୍ଲାରେ ଏଥି ନିମନ୍ତେ 'ଟିବି ଫୋରମ୍' ଗଠନ କରାଯାଇଛି । ୨୦୧୬ ମସିହାରେ ରାଜ୍ୟରେ ମୋଟ ୫୧.୪୩୪ ଜଣ ରୋଗୀ ଚିକିତ୍ସିତ ହେଉଥିବାବେଳେ ସମୁଦାୟ ସଫଳତା ହାର ଥିଲା ୭୧.୪ ପ୍ରତିଶତ । ସେହିପରି ୨୦୨୧ ମସିହାରେ ମୋଟ ୫୨.୩୪୬ ଜଣ ଯକ୍ଷ୍ମାରୋଗୀ ଚିକିତ୍ସିତ ହୋଇଥିବାବେଳେ ସଫଳତା ହାର ୮୮.୫% ଅଟେ। ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଏନଟିଇପି ଅଧୀନରେ ଚିହ୍ନଟ ଓ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ 'ସିଧାସଳଖ ପ୍ରାପ୍ୟ ହସ୍ତାନ୍ତରଣ' ପ୍ରକ୍ରିୟା ଅଧୀନରେ 'ନିକ୍ଷୟ ପୋଷଣ ଯୋଜନା'ରେ ବିଭିନ୍ନ ପ୍ରକାର ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି। ପୁଷ୍ଟିକର ଖାଦ୍ୟ ପାଇଁ ରୋଗୀର ଚିକିତ୍ସା ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ ପ୍ରତି ମାସରେ ୫୦୦ ଟଙ୍କା ସିଧାସଳଖ ରୋଗୀଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଏ । ଯକ୍ଷ୍ମାରୋଗୀ ଚିହ୍ନଟ ପାଇଁ ସୂଚନା ପ୍ରଦାନକାରୀଙ୍କୁ ୫୦୦ ଟଙ୍କା ଦିଆଯାଏ । ଚିକିତ୍ସା ସହାୟକମାନଙ୍କୁ 'ଡ୍ରଗ୍ ସେନସିଟିଭ୍ ଟିବି' ରୋଗୀଙ୍କ ଚିକିତ୍ସା ସଂପୂର୍ଣ୍ଣ ପରେ ୧୦୦୦ ଟଙ୍କା ଏବଂ 'ଡ୍ରଗ୍ ରେସିଷ୍ଟାଣ୍ଟ ଟିବି' ରୋଗୀଙ୍କ ଚିକିତ୍ସା ସଂପୂର୍ଣ୍ଣ ପରେ ୫୦୦୦ ଟଙ୍କା ପ୍ରଦାନ କରା ଯାଇଥାଏ । ଜନଜାତି ଓ ଦୁର୍ଗମ ଅଞ୍ଚଳରେ ଚିକିତ୍ସାଧୀନ ପ୍ରତି ରୋଗୀଙ୍କ ଯିବା ଆସିବାରେ ସୁବିଧା ପାଇଁ ଏକକାଳୀନ ୭୫୦ ଟଙ୍କା ପ୍ରଦାନ କରାଯାଏ । ଜନସମୁଦାୟରୁ ସମ୍ଭାବିତ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରିବା ପାଇଁ ଆଶାକର୍ମୀଙ୍କୁ ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇଛ। ଔଷଧ କାଟୁ କରୁନଥିବା 'ଡ୍ରଗ୍ ରେସିଷ୍ଟାଣ୍ଟ ଟିବି' ରୋଗୀମାନଙ୍କ ନିମନ୍ତେ 'ସର୍ଟର ଓରାଲ୍' ଏବଂ 'ଲଙ୍ଗର ଓରାଲ ରେଜିମେନ' ଔଷଧ ପ୍ରଣାଳୀରେ ଚିକିତ୍ସା କରାଯାଉଛି । ବେସରକାରୀ ସୂତ୍ରରୁ ଅଧିକରୁ ଅଧିକ ଯକ୍ଷ୍ମାରୋଗୀ ଚିହ୍ନଟ ପାଇଁ ଭାରତ ସରକାରଙ୍କ 'ପେସେଣ୍ଟ ପ୍ରୋଭାଇଡର ସପୋର୍ଟ ଏଜେନ୍ସି (ପିପିଏସଏ' କାର୍ଯ୍ୟକ୍ରମ ଅଧୀନରେ ୬ଟି ଜିଲ୍ଲା ଯଥା: ଖୋର୍ଦ୍ଧା(ଭୁବନେଶ୍ୱରକୁ ମିଶାଇ)/ କଟକ/ ଗଞ୍ଜାମ/ ମୟୂରଭଞ୍ଜ/ ସୁନ୍ଦରଗଡ଼/ ସମ୍ବଲପୁରରେ ଏନ୍ଜିଓମାନେ କାର୍ଯ୍ୟ କରୁଛନ୍ତି। 'ଟିବି ପ୍ରିଭେଣ୍ଟିଭ୍ ଥେରାପି' ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଭାବେ ଚିହ୍ନିତ ଛାତି ଯକ୍ଷ୍ମାରୋଗୀଙ୍କ ନିକଟ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କର ଚିକିତ୍ସା ବ୍ୟବସ୍ଥା କରାଯାଉଛି । ଆଇଏମ୍, ଆଇଏପି, ଏଫଓଜିଏସ୍ଆଇ ଇତ୍ୟାଦି ସଂଗଠନମାନଙ୍କ ଜରିଆରେ ଅଧିକରୁ ଅଧିକ ଯକ୍ଷ୍ମାରୋଗୀ ଚିହ୍ନଟ ପାଇଁ କାର୍ଯ୍ୟକ୍ରମ କରାଯାଉଛି । ଟିବି ଚିହ୍ନଟ ପ୍ରକ୍ରିୟାର ଉନ୍ନତି ପାଇଁ 'ସିବିଏନ୍ଏଏଟି' ଓ 'ଟ୍ରୁନଟ୍' ଯନ୍ତ୍ରମାନ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ସ୍ଥାପିତ କରାଯାଉଛି । ଯକ୍ଷ୍ମା ନିବାରଣ ଔଷଧ ଓ ଉପକରଣଗୁଡ଼ିକର ନିରନ୍ତର ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉଛି । 'ଆକ୍ଟିଭ୍ କେସ୍ ଫାଇଣ୍ଡିଂ' କାର୍ଯ୍ୟକ୍ରମ ବର୍ଷକୁ ଦୁଇଥର କାର୍ଯ୍ୟକାରୀ କରାଯାଉଛି । ଯକ୍ଷ୍ମାରୋଗରୁ ସଫଳତା ସହିତ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେକଙ୍କୁ ଯକ୍ଷ୍ମା ସମ୍ବନ୍ଧରେ ତାଲିମ ଦିଆଯାଇ ଓ କାର୍ଯ୍ୟକ୍ରମର ସହାୟତା ପାଇଁ 'ଟିବି ଚାମ୍ପିଅନ୍' ଭାବରେ ନିୟୋଜିତ କରାଯାଇଛି। ଚଳିତ ବର୍ଷ ଯକ୍ଷ୍ମା ଦିବସର ସ୍ଲୋଗାନ ରହିଛି 'ଇନଭେଷ୍ଟ ଟୁ ଏଣ୍ଡ ଟିବି, ସେଭ୍ ଲାଇଭସ୍'। ଏହି ଅବସରରେ ଜନସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର, ଅତିରିକ୍ତ ନିର୍ଦ୍ଦେଶକ(ଟିବି) ଡା. ପ୍ରଶାନ୍ତ କୁମାର ହୋତା, ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ପାଢ଼ୀ, ଯୁଗ୍ମ ନିର୍ଦ୍ଦେଶକ(ଟିବି) ଅର୍ଘ୍ୟ ପ୍ରଧାନ ଓ ବିଭାଗର ଅନ୍ୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# +୨ ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା ସୂଚୀ ଜାରି



**ଭୁବନେଶ୍ୱର :** ମେ' ୨୪ ନୁହେଁ। ବରଂ ମେ' ୨୮ରେ ଶେଷ ହେବ ଯୁକ୍ତ୨ ପରୀକ୍ଷା। ଗତ ୧୭ ତାରିଖରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏପ୍ରିଲ ୨୮ରୁ ଆରମ୍ଭ ହେବାକୁ ଥିବା ଯୁକ୍ତ୨ ଥିଓରି ପରୀକ୍ଷା ମେ' ୨୮ରେ ଶେଷ ହେବ। ତେବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପକ୍ଷରୁ ଆଜି ପ୍ରକାଶିତ ଚୂଡ଼ାନ୍ତ କାର୍ଯ୍ୟସୂଚୀରେ ଅଲଗା କଥା ଉଲ୍ଲେଖ ହୋଇଛି। ରାଜ୍ୟ ସରକାରଙ୍କ ଗୋଟିଏ ବିଭାଗ ସହ ଅନ୍ୟ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ବାରମ୍ବାର ତାରିଖରେ ଏପାଖ ସେପାଖ ହେଉଛି। ପୂର୍ବରୁ ମାଟ୍ରିକ୍ ପରୀକ୍ଷା କ୍ଷେତ୍ରରେ ବି ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ପରିଷଦ ପକ୍ଷରୁ ସଦ୍ୟ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏପ୍ରିଲ ୨୮ରୁ ଯୁକ୍ତ୨ ଥିଓରି ପରୀକ୍ଷା ଆରମ୍ଭ ହେବ। ପ୍ରଥମ ଦିନ କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଏବଂ ମେ' ୫ରୁ ବିଜ୍ଞାନ ବିଭାଗର ପରୀକ୍ଷା ଆରମ୍ଭ ହେବ। ସର୍ବଭାରତୀୟସ୍ତରରେ ଅନୁଷ୍ଠିତ ଜେଇଇ ମେନ୍ ଓ ନିଟ୍ ପରୀକ୍ଷାକୁ ନଜରରେ ରଖି ବିଜ୍ଞାନ ଛାତ୍ରଛାତ୍ରୀଙ୍କ ଲାଗି ପରିଷଦ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଧନ୍ଦାମୂଳକ ବିଭାଗର ପରୀକ୍ଷା ମଧ୍ୟ ମେ' ୯ରୁ ଆରମ୍ଭ ହେବ। ସମସ୍ତ ବିଷୟର ପରୀକ୍ଷା ପୂର୍ବାହ୍ନ ୯ଟାରୁ ଆରମ୍ଭ ହେବ। ପ୍ରାକ୍ଟିକାଲ ପରୀକ୍ଷା ଏପ୍ରିଲ ୪ରୁ ୧୨ ତାରିଖ ମଧ୍ୟରେ କରାଯିବ। ପରିଷଦ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ କଳା ଓ ବାଣିଜ୍ୟ ବିଭାଗର ଏମ୍ଆଇଏଲ(ଓଡ଼ିଆ) ବିଷୟ ପରୀକ୍ଷା ଏପ୍ରିଲ ୨୮ ତାରିଖରେ ଆରମ୍ଭ ହେବାକୁ ଥିବା ବେଳେ ୩୦ରେ ଇଂରାଜୀ ବିଷୟର ପରୀକ୍ଷା ରହିଛି। ମେ' ୪ରେ କଳା ବିଭାଗର ଇତିହାସ, ୭ରେ ରାଜନୀତି ବିଜ୍ଞାନ, ୧୦ରେ ଅର୍ଥନୀତି ଓ ପର୍ସନାଲ ମ୍ୟାନେଜ୍ମେଣ୍ଟ, ୧୩ରେ ଶିକ୍ଷା, ଭାରତୀୟ ସଙ୍ଗୀତ, ମନୋବିଜ୍ଞାନ, ୧୯ରେ ଗୃହ ବିଜ୍ଞାନ, ୨୫ରେ ଲଜିକ୍ ଓ ଭୂଗୋଳ, ୨୭ରେ ନୃତତ୍ତ୍ୱ ବିଜ୍ଞାନ, ଷ୍ଟାଟିଷ୍ଟିକ୍ସ ଓ ସାମାଜିକ ବିଜ୍ଞାନ ବିଷୟର ପରୀକ୍ଷା ରହିଛି। ବାଣିଜ୍ୟ ବିଭାଗର ବିଜନେସ୍ ମାଥମେଟିକ୍ସ ଆଣ୍ଡ ଷ୍ଟାଟିଷ୍ଟିକ୍ସ(ବିଏମ୍ଏସ୍) ପରୀକ୍ଷା ମେ' ୪ରେ ହେବାକୁ ଥିବା ବେଳେ ୭ରେ ଆକାଉଣ୍ଟାନ୍ସି, ୧୦ରେ ଫଣ୍ଡାମେଣ୍ଟାଲ୍ସ ଅଫ୍ ମ୍ୟାନେଜ୍ମେଣ୍ଟ ଆକାଉଣ୍ଟିଂ (ଏଫ୍ଏମ୍ଏ), ବିଜିନେସ୍ ଇକୋନୋମିକ୍ସ (ବିଏସ୍ଇ), କଷ୍ଟ ଆକାଉଣ୍ଟିଂ (ସିଏସି), କମ୍ପ୍ୟୁଟର ଆପ୍ଲିକେସନ(ସିଏ), ୧୩ରେ ବିଜିନେସ୍ ଷ୍ଟଡିଜ୍ ଆଣ୍ଡ୍ ମ୍ୟାନେଜ୍ମେଣ୍ଟ(ବିଏସ୍ଏମ୍) ବିଷୟ ପରୀକ୍ଷା ଅନୁଷ୍ଠିତ ହେବ। ମେ' ୯ରୁ ବିଜ୍ଞାନ ବିଭାଗ ପରୀକ୍ଷା ଆରମ୍ଭ ହେବ। ପ୍ରଥମ ଦିନ ଇଂରାଜୀ ବିଷୟର ପରୀକ୍ଷା ଥିବା ବେଳେ ୧୧ରେ ରସାୟନ ବିଜ୍ଞାନ, ୧୪ରେ ପଦାର୍ଥ ବିଜ୍ଞାନ, ୧୭ରେ ଜୀବ ବିଜ୍ଞାନ, ୧୯ରେ ଗଣିତ, ୨୪ରେ ଏମ୍ଆଇଏଲ୍(ଓଡ଼ିଆ), ୨୭ରେ ଷ୍ଟାଟିଷ୍ଟିକ୍ସ, ୨୮ରେ ଭୂତତ୍ତ୍ୱ ବିଷୟର ପରୀକ୍ଷା ହେବ। ଜୀବ ବିଜ୍ଞାନ ପରୀକ୍ଷା ଗୋଟିଏ ସିଟିଂ ଓ ଦୁଇଟି ସେକ୍ସନରେ ଅନୁଷ୍ଠିତ ହେବ। ପ୍ରଥମ ସେକ୍ସନରେ ଉଦ୍ଭିଦ ବିଜ୍ଞାନ ବିଷୟ ପରୀକ୍ଷା ପୂର୍ବାହ୍ନ ୯ଟାରୁ ୧୦ଟା ୩୦ ମଧ୍ୟରେ ଏବଂ ଦ୍ୱିତୀୟ ସେକ୍ସନରେ ପ୍ରାଣୀବିଜ୍ଞାନ ବିଷୟର ପରୀକ୍ଷା ପୂର୍ବାହ୍ନ ୧୦ଟା ୫୦ରୁ ମଧ୍ୟାହ୍ନ ୧୨ଟା ୨୦ ପର୍ଯ୍ୟନ୍ତ ହେବ। ଅନ୍ୟାନ୍ୟ ବିଷୟଗୁଡ଼ିକର ପରୀକ୍ଷା କେଉଁ ଦିନ ଅନୁଷ୍ଠିତ ହେବ ସେନେଇ ସିଏଚ୍ଏସ୍ଇ ପକ୍ଷରୁ କଲେଜଗୁଡ଼ିକୁ କାର୍ଯ୍ୟସୂଚୀ ଦିଆଯାଇଛି।

ଥିଓରି ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ ପରୀକ୍ଷାର୍ଥୀ କେନ୍ଦ୍ର ଭିତରକୁ ପ୍ରବେଶ କରିବେ। ୧୫ ମିନିଟ୍ ପୂର୍ବରୁ ହଲ୍ରେ ପ୍ରବେଶ ସହ ସିଟ୍ରେ ବସିବେ। ପରୀକ୍ଷାର ୧୦ ମିନିଟ୍ ପୂର୍ବରୁ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଏବଂ ୫ ମିନିଟ୍ ପୂର୍ବରୁ ଉତ୍ତର ଖାତା ବଣ୍ଟନ କରାଯିବ। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବାଧ୍ୟତାମୂଳକ କରାଯାଇଛି। ୨୦୨୦ ପର୍ଯ୍ୟନ୍ତ ପଞ୍ଜୀକୃତ ହୋଇଥିବା କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ଲାଗି ଧଳା ପେପର୍ ପ୍ରଶ୍ନପତ୍ର ଏବଂ ଧନ୍ଦାମୂଳକ ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ସବୁଜ ରଙ୍ଗର ରହିବ। ସଂକ୍ଷିପ୍ତ ସିଲାବସ୍ରୁ ପ୍ରଶ୍ନପତ୍ର ଆସିବ। କୋଭିଡ୍ କଟକଣା ମଧ୍ୟରେ ପରୀକ୍ଷା କରିବାକୁ ସିଏଚ୍ଏସ୍ଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

**କେଜି ପ୍ରତି ୩୫ ଟଙ୍କାରେ ତେନ୍ତୁଳି କ୍ରୟ ପାଇଁ ନିର୍ଦ୍ଦେଶ**

# ଜାରି ହେଲା ମାର୍ଗଦର୍ଶିକା



**ଭୁବନେଶ୍ୱର :** ମଞ୍ଜି ସହିତ ତେନ୍ତୁଳିକୁ କେଜି ପ୍ରତି ୩୫ ଟଙ୍କା, ବିନା ମଞ୍ଜିରେ ୬୩ ଟଙ୍କାରେ ସଂଗ୍ରହ କରାଯିବ। ଏନେଇ ୧୨ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ମାର୍ଗଦର୍ଶିକା ଦେଇଛି ଜନଜାତି ବିକାଶ ସମବାୟ ନିଗମ। ଯେଉଁ ସ୍ଥାନରେ ଏମଏସପିରୁ କମ ଦରରେ ତେନ୍ତୁଳି କ୍ରୟ କରାଯାଉଛି ସେ ସମ୍ପର୍କରେ ନିଗମର ଦୃଷ୍ଟି ଆକର୍ଷଣ କରାଗଲେ ପଦକ୍ଷେପ ସହିତ ଏହାକୁ ରଖିବା ପାଇଁ ଷ୍ଟୋରେଜର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ସୂଚନା ଅନୁଯାୟୀ, ୫୬ଟି ଲଘୁବନଜାତ ଦ୍ରବ୍ୟର ଏମଏସପି ଘୋଷଣା ସହିତ ସଂଗ୍ରହର ବ୍ୟବସ୍ଥା ରହିଛି। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ କେବଳ ଅଧିକ ଚାହିଦା ଥିବା ତେନ୍ତୁଳି, ମହୁଲ କିମ୍ବା କିଛି କିଛି ବର୍ଷ ଶାଳ ମଞ୍ଜି କ୍ରୟକୁ ଗୁରୁତ୍ୱ ଦିଆଯାଏ। ବ୍ୟାପକ ଭାବରେ ଉତ୍ପାଦନ ହେଉଥିବା ନୂଆପଡ଼ା, ଭବାନୀପାଟଣା, ରାୟଗଡ଼ା, ନବରଙ୍ଗପୁର ଜିଲ୍ଲାର ଉମରକୋଟ, କୋରାପୁଟ ଜିଲ୍ଲାର ସୁନାବେଡ଼ା, ମାଲକାନଗିରି, ସୁନ୍ଦରଗଡ଼, ମୟୂରଭଞ୍ଜ ଜିଲ୍ଲାର ଉଦଳା, କେନ୍ଦୁଝର, ଲହୁଣିପଡ଼ା, ଗଜପତି ଜିଲ୍ଲାର ଆର. ଉଦୟଗିରି, କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା, ସମ୍ବଲପୁରରେ ସଂଗ୍ରହ କରାଯାଉଛି। ଏସଏଚଜି, ପିପିଏ ଜରିଆରେ ଏହାର ସଂଗ୍ରହ କରାଯିବା ପାଇଁ କୁହାଯାଇଛି। ଏଥିରେ ନଗଦ ବଦଳରେ ସିଧାସଳଖ ସଂଗ୍ରହକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରାପ୍ୟ ପ୍ରଦାନ କରାଯିବା ପାଇଁ କୁହାଯାଇଛି। ରାଜ୍ୟ ସରକାର ସଂଗ୍ରହ କରୁଥିବା ତେନ୍ତୁଳିର ବଡ଼ ଗ୍ରାହକ ହେଲେ ଦକ୍ଷିଣ ଭାରତର ଅନେକ ବ୍ୟବସାୟୀ। ଓଡ଼ିଶା ସରକାର ଏଥିରୁ ଭଲ ଉପାର୍ଜନ କରିଥାଆନ୍ତି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୮ ମାର୍ଚ୍ଚ - ୩ ଏପ୍ରିଲ, ୨୦୨୨

# ବିପନ୍ନ ଗଣତନ୍ତ୍ର, ଅସହାୟ ଜନତା

ସମ୍ପାଦକୀୟ



ତାରକ ମହାନ୍ତି

ଭାରତୀୟ ଗଣତନ୍ତ୍ରକୁ ନେଇ ଦେଶର ସାଧାରଣ ନାଗରିକ ଯେଭଳି ଗର୍ବ ଅନୁଭବ କରିବା କଥା ତାହା ଧୀରେ ଧୀରେ ମିଳେଇ ଯାଉଛି। ଏହାର ଏକମାତ୍ର କାରଣ, ସମ୍ବିଧାନ ଦେଇଥିବା ଅଧିକାର ଓ ଲୋକଙ୍କ କ୍ଷମତା ସଙ୍କୁଚିତ ହେବାରେ ଲାଗିଛି। ସମସ୍ତଙ୍କର ସମାନ ଅଧିକାର କଥା କହୁଥିବା ଗଣତନ୍ତ୍ରର ଭାଷାକୁ ରାଜନୈତିକ ଦଳ ମାନେ ଯେଭଳି ବ୍ୟବହାର କଲେଣି ତାହାକୁ ନେଇ ଚିନ୍ତା ବଢୁଛି। କାରଣ ରାଜଧର୍ମ ପାଳନ ଅପେକ୍ଷା ନେତା, ମନ୍ତ୍ରୀ ଆଇନକୁ ନିଜ ଢଙ୍ଗରେ ଚଳାଇବା ହିଁ ଏହାର ଅନ୍ୟତମ ଦିଗ। ଦିନକୁ ଦିନ ରାଜନୈତିକ ହିଂସା ଉଗ୍ର ରୂପ ଧାରଣ କରୁଥିଲା ବେଳେ ବିଭିନ୍ନ ଦଳ ଏହାକୁ ନେଇ ଶାସକ ଦଳକୁ ଦାୟୀ କରିଛନ୍ତି। ଅନେକାଂଶରେ ଦେଖିଲେ ଏହା ଠିକ ମନେହୁଏ।ତେବେ ଏହା ପଛର କାରଣ କଣ ? ଅତି ସହଜ, କ୍ଷମତା ଉପଭୋଗ ଓ ଗାଦି ଦଖଲର ନିଶା କିଛି ରାଜନୈତିକ ଦଳକୁ ସଂକ୍ରମିତ କରିଛି। କ୍ଷମତା ଖସି ଯିବାର ଚିନ୍ତା ଘାରିଲା ମାତ୍ରେ ଦଳ ଯେକୌଣସି ହୀନ କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ତାହା ପଶ୍ଚିମବଙ୍ଗର ବୀରଭୂମି ଘଟଣା ହେଉ ବା ଭଦ୍ରକ ଜିଲ୍ଲାର ଘଟଣା। ସବୁଠି ସେଇ ସମାନ ପ୍ରକାର ଉଦ୍ଦେଶ୍ୟ ସ୍ପଷ୍ଟ ଦିଶୁଛି। ନିକଟରେ ବଣପୁରରେ ଘଟିଥିବା ଘଟଣାକୁ ଲକ୍ଷ୍ୟ କଲେ ଜଣାପଡେ, ଜନପ୍ରତିନିଧି ଅହଙ୍କାରୀ ଓ ସ୍ୱେଚ୍ଛାଚାରୀ ହେଲେ କିଭଳି ଅମାନୁଷିକ ଘଟଣା ଘଟିଥାଏ। ପଞ୍ଚାୟତ ନିର୍ବାଚନ ପରେ ବ୍ଲକ ଅଧ୍ୟକ୍ଷ ଚୟନ ସମୟରେ ଶାସକ ଦଳ ବିଧାୟକ ଯେଭଳି ଆଚରଣ ଦେଖାଇଲେ ଓ ଜନତାଙ୍କ ଉପରେ ଗାଡି ମଡ଼ାଇଦେଲେ ତାହା କଣ ଗଣତାନ୍ତ୍ରିକ ବ୍ୟବସ୍ଥାର ଅଂଶ ବୋଲି କୁହାଯାଇ ପାରିବ ! ଅତ୍ୟନ୍ତ ଭିଡି ସଞ୍ଚାର ଭଳି ଏହି ଘଟଣାକୁ ଯେତେ ନିନ୍ଦା କଲେ ବି କମ ପଡିବ। ଏତେ ଏତେ ହିଂସା ଆଚରଣ କରି ନେତା କିଭଳି ଜନତାଙ୍କ ସେବା କରୁଛନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ମନେହୁଏ। ଯେଉଁ ନେତା ନିର୍ବାଚନ ବେଳେ ଭୋଟ ଖଣ୍ଡେ ହାତେଇବାକୁ ଜନତାଙ୍କୁ ମୁଣ୍ଡ ନୁଆଇଁ ଗୁହାରୀ କରୁଥାଏ, ସେ ପୁଣି ନିର୍ବାଚିତ ହେଲା ପରେ ଏଭଳି ଆଚରଣ ଦେଖାଏ କିପରି ! ଅନେକ ସମୟରେ ଦେଖାଯାଉଛି, ଶାସକ ଦଳ ସମସ୍ତ ପ୍ରକାର କୌଶଳ ଅବଲମ୍ବନ କରି ଆସନ ହାତେଇବା ଉଦ୍ୟମ କରୁଛି। କିନ୍ତୁ ଗଣତନ୍ତ୍ରରେ ଉପଯୁକ୍ତ ପ୍ରାର୍ଥୀ ନିର୍ବାଚିତ ହେବାର ଯେଉଁ ପ୍ରକ୍ରିୟା ରହିଛି, କୌଶଳ ଅବଲମ୍ବନ କରି ଭୋଟ ହାତେଇବା ନିଶା ଏହାକୁ ପ୍ରତିହତ କରୁଛି। ଏଠାରେ ଯେଉଁ ନିରପେକ୍ଷ ନିର୍ବାଚନର କଥା କୁହାଯାଉଛି, ବାସ୍ତବରେ ଏହାର ସତ୍ୟତା କେତେ ! ଶୁକ୍ରବାର ଦିନ ଭୁବନେଶ୍ୱର ବିଜେବି କଲେଜ ଷ୍ଟ୍ରଙ୍ଗ ରୁମ ବିବାଦ ଏକ ନୂଆ ସଂକେତ ଦେଉଛି। ଅଭିଯୋଗ ଅନୁସାରେ ଏଠାରେ ଇଭିଏମ ଟ୍ୟାମ୍ପରିଙ୍ଗ ଚାଲିଥିଲା। ଯାହାକୁ ନେଇ ତୁମୁଳକାଣ୍ଡ ମଧ୍ୟ ଘଟିଥିଲା। ପ୍ରଶ୍ନ ଉଠୁଛି କଡା ସୁରକ୍ଷା ମଧ୍ୟରେ ଥିବା ଇଭିଏମ ମେସିନ ନିକଟକୁ କିଏ କିଭଳି ଯାଇପାରିଲା। ସୁରକ୍ଷା କର୍ମୀଙ୍କ ଜ୍ଞାତସାରରେ ଏହା ଘଟିଲା ନା କୌଣସି ଅଜ୍ଞାତ ବ୍ୟକ୍ତି ଗୋପନ ଭାବେ ଏଠାରେ ପ୍ରବେଶ କରିଥିଲେ। ଯଦି ଉକ୍ତ ବ୍ୟକ୍ତି ଗୋପନରେ ଷ୍ଟ୍ରଙ୍ଗ ରୁମ ଭିତରେ ପ୍ରବେଶ କରିପାରିଲେ, ସୁରକ୍ଷା ବଳୟ କିଭଳି ରହିଥିଲା ? ବିନା ପ୍ରଶାସନ କଳ ଅନୁମତିରେ ଏଭଳି କାର୍ଯ୍ୟ ସମ୍ଭବପର ନୁହେ ବୋଲି ଚର୍ଚ୍ଚା ଚାଲିଥିଲା ବେଳେ ବିରୋଧୀ ମାନେ ଅଭିଯୋଗ କରିଛନ୍ତି ଯେ, ଶାସକ ଦଳ ଏଭଳି କରୁଛି। କିନ୍ତୁ ଏଭଳି ଅଭିଯୋଗ ଭିତ୍ତିହୀନ ବୋଲି ଶାସକ ଦଳ କହିଆସିଛି।ତେବେ ନିଆଁ ନଥାଇ ଧୂଆଁ ବାହାରିବା ଅସମ୍ଭବ ବୋଲି ଶାସକ ଦଳ ବୁଝିବା ଉଚିତ। ଯେତେବେଳେ କୌଣସି ଦଳ ବା ନେତା ଦୀର୍ଘବର୍ଷ ଶାସନ କ୍ଷମତାରେ ରୁହନ୍ତି ସେତେବେଳେ ସ୍ୱେଚ୍ଛାଚାରିତା ବଢିଥାଏ। ଲୋକଙ୍କ ସହିତ ରହିବା ଓ ଲୋକଙ୍କ ସମସ୍ୟାର ସମାଧାନ କରି ଲୋକପ୍ରତିନିଧି ହେବା ଓ ଅର୍ଥ, ବାହୁବଳରେ ନିର୍ବାଚିତ ହେବା ଭିନ୍ନ କଥା। ଭୋଟର ମାନେ ମଧ୍ୟ ଭଲ ନେତା ବାଛିବା ପରିବର୍ତ୍ତେ ଭୋଟ ବଦଳରେ ନୋଟ ଖୋଜିଲେ ପ୍ରାର୍ଥୀ ନାଚାର ହେବା ସ୍ୱାଭାବିକ। ବର୍ତ୍ତମାନର ନିର୍ବାଚନ ଧାରାକୁ ଅନୁଧ୍ୟାନ କଲେ ଏହାର ଗୂଢ ତତ୍ତ୍ୱ ଆପେ ଜଣାପଡେ।ଆଗ ପରି ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତିର ଲୋକ ଆଉ ଜନପ୍ରତିନିଧି ହେବା ପ୍ରାୟ ଅସମ୍ଭବ। କାରଣ ନିର୍ବାଚନୀ ଖର୍ଚ୍ଚ ହିସାବ କଲେ କୌଣସି ସାଧାରଣ ଲୋକ ପ୍ରାର୍ଥୀ ହୋଇ ନିର୍ବାଚନ ଜିଣି ପାରିବନାହିଁ। ମଦ, ମାଂସ, ବାଟ ଖର୍ଚ୍ଚ ଓ ହାତଗୁଂଜା ହିସାବ କଲେ ଭୋଟର ପିଛା ଖର୍ଚ୍ଚ ଢ଼େର ଅଧିକ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶିକ୍ଷିତ ଲୋକ କମ ସଂଖ୍ୟାରେ ମତଦାନ କରିବା ଫଳରେ ପଇସାଖିଆ ଭୋଟରଙ୍କ ସଂଖ୍ୟା ବଢୁଛି। ଯେକୌଣସି କାରଣରୁ ବି ହେଉ ଉଚ୍ଚ ଶିକ୍ଷିତ ଭୋଟର ମତ ଦେବାରୁ ବିରତ ରହୁଛନ୍ତି। ଯାହାର ସୁବିଧା ଅର୍ଥ ବଦଳରେ ଭୋଟ କିଣିବା ପ୍ରାର୍ଥୀଙ୍କ ସପକ୍ଷରେ ଯାଉଛି। ଯେତେବେଳେ ନିର୍ବାଚନ ଜିଣିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି, ତାହାର ଭରଣା କରିବା ଉପରେ ବିଜେତା ଗୁରୁତ୍ୱ ଦେବା ସ୍ୱାଭାବିକ। ଋଣ କରି କେହି କେବେ ଟଙ୍କା ବାଣ୍ଟିବା ନଜିର ନାହିଁ। ତେଣୁ ଗଣତନ୍ତ୍ର ଏବେ ବ୍ୟବସାୟ ଅର୍ଥରେ ବ୍ୟବହାର ହେଉଥିବା ସ୍ପଷ୍ଟ ଅନୁମେୟ। ନିକଟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ପ୍ରାର୍ଥୀମାନେ ଯେତିକି ଟଙ୍କା ଖର୍ଚ୍ଚ କରିଥିଲେ ତାହାର ବାସ୍ତବ ହିସାବ ଚମକପ୍ରଦ। ଆଗେ ଗାଁ ଗହଳିରେ ଏଭଳି ନିର୍ବାଚନୀ ଖର୍ଚ୍ଚ ନଥିଲା। ଲୋକ ଭଲ ପ୍ରାର୍ଥୀ ଦେଖି ଭୋଟ ଦେଉଥିଲେ। କିନ୍ତୁ ଗତ ୧୫ ବର୍ଷ ହେଲା ଏଥିରେ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହାର ପ୍ରଥମ କାରଣ ଶାସକ ଦଳ ଭୋଟ ହାତେଇବା ଲକ୍ଷ୍ୟରେ ଅଭିନବ କୌଶଳ ପ୍ରୟୋଗ କରିଚାଲିଛି। ଏହାକୁ ଅନୁସରଣ କରି ଅନ୍ୟ ଦଳର ପ୍ରାର୍ଥୀ, ଯିଏ ସେତିକି ବା ଅଧିକ ଖର୍ଚ୍ଚ କରୁଛନ୍ତି ତାଙ୍କ କ୍ଷେତ୍ରରେ ବିଜୟ ସମ୍ଭାବନା ରହୁଛି। ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ସରକାରୀ କଳର ଅପବ୍ୟବହାର ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ହେଲେ ଏହାର ନିରାକରଣ ଦିଗରେ କେହି ତତ୍ପର ନଥିବାରୁ ବା ଦୃଢ଼ ବିରୋଧ ନଥିବାରୁ ଏହାର ଫାଇଦା ନିର୍ଦ୍ଦିଷ୍ଟ ଦଳ ନିକଟକୁ ଯାଉଛି। ଏଥିରୁ ଯାହା ଜଣାପଡୁଛି ଆଗାମୀ ଦିନରେ କେବଳ ଧନୀକ ଗୋଷ୍ଠୀ ହାତରେ ହିଁ ଶାସନ କ୍ଷମତା ରହିବ। ଯେଉଁ ପରିବାରବାଦକୁ ନେଇ କିଛି ରାଜନୈତିକ ଦଳ କଂଗ୍ରେସ ଉପରେ ଦୋଷାରୋପ କରୁଛନ୍ତି ଧୀରେ ଧୀରେ ତାହା ମିଥ୍ୟା ସାବ୍ୟସ୍ତ ହେବାକୁ ଯାଉଛି। କାରଣ ଅଧିକାଂଶ ରାଜନୈତିକ ଦଳ ନିଜ ପରିବାର ଭିତରେ କ୍ଷମତା ରଖିବାକୁ ଚାହୁଁଛନ୍ତି। ତେଣୁ ଗଣତନ୍ତ୍ରର ଅସଲ ସ୍ୱରୂପ ସାଧାରଣ ଲୋକ ଜାଣିପାରୁନାହାନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତଙ୍କୁ ସମାନ ଅଧିକାର କଥା କୁହାଯାଉଥିଲା ବେଳେ ଉଚ୍ଚବର୍ଗର ଲୋକ ଯେଉଁ ସୁବିଧା ସୁଯୋଗ ହାସଲ କରିପାରୁଛନ୍ତି ତାହା ସାଧାରଣ ବର୍ଗର ଲୋକ ପାଇପାରୁନାହାନ୍ତି। ତେଲିଆମୁଣ୍ଡରେ ତେଲ ଭଳି ଯାହା ନିକଟରେ ଅମାପ ସମ୍ପତ୍ତି ରହୁଛି ସିଏ ହିଁ ନେତୃତ୍ୱ ନେବାରେ ସଫଳ ହେଉଛନ୍ତି। ଆଜିକାଲି ରାଜନୀତି ଏଭଳି ହୋଇଛି ଯେ, ସେବା ଅପେକ୍ଷା କଳେବଳେ କୌଶଳେ କ୍ଷମତା ହାସଲ କରିବା ହେଉଛି ପ୍ରକୃତ ରାଜନୀତି। ତେଣୁ ଏଥିରେ କାହାର କି ଲାଭ ହେଉଛି ତାହା ବିଚାର ସାପେକ୍ଷ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ରାଜ୍ୟର ଶିଳ୍ପ ବିକାଶ ଓ ପ୍ରଗତିରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ



ବାଦଲ ଭୂୟାଁ

ଓଡ଼ିଶା ସରକାର ରାଜ୍ୟରେ ଶିଳ୍ପ ବିକାଶ ଓ ପ୍ରଗତି ପାଇଁ ବିନା କେନ୍ଦ୍ରୀୟ ସହାୟତା ଦ୍ୱାରା ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଆର୍ଥିକ ବର୍ଷ ୨୦୨୧-୨୨ରେ ମହାନଦୀ କୋଲଫିଲ୍ଡ ଲିମିଟେଡ ଦେଶର ସର୍ବାଧିକ କୋଇଲା ଉତ୍ପାଦନକାରୀ କମ୍ପାନୀ ଭାବେ ବିବେଚିତ ହୋଇଛି। ସୂଚନାଥାଉକି ଚଳିତ ମାସ ୧୨ ତାରିଖ ସୁଦ୍ଧା ଏମସିଏଲ ୧୫୭.୭ ନିୟୁତ ଟନ କୋଇଲା ଉତ୍ପାଦନ କରିଛି, ଯାହା ପୂର୍ବବର୍ଷ ତୁଳନାରେ ପ୍ରାୟ ୧୬% ଅଧିକ। ଏହା ସତ୍ତ୍ୱେ ଓଡ଼ିଶାରୁ ଉତ୍ପାଦିତ କୋଇଲାରୁ ରାଜ୍ୟର ଶିଳ୍ପ ସଂସ୍ଥାଗୁଡ଼ିକୁ କୋଇଲା ମିଳିବା ସମ୍ଭବ ହେଉନାହିଁ।

ଓଡ଼ିଶାରୁ କୋଇଲା ସାରା ଦେଶକୁ ରପ୍ତାନୀ ହେଉଛି। କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ରାଜ୍ୟରୁ ଉତ୍ପାଦିତ କୋଇଲାର ୫୪% ଅନ୍ୟ ରାଜ୍ୟର ତାପଜ ବିଦ୍ୟୁତ କେନ୍ଦ୍ର ଓ ଶିଳ୍ପ ସଂସ୍ଥାକୁ ଚାଲାଣ ହେଉଛି। ମାତ୍ର ରାଜ୍ୟର ଶିଳ୍ପ ସଂସ୍ଥାକୁ କୋଇଲା ଯୋଗାଇବା ପାଇଁ କୋଇଲା ମନ୍ତ୍ରଣାଳୟ ଓ ଏମସିଏଲ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଯାହାଫଳରେ ରାଜ୍ୟର ପାଞ୍ଚ ହଜାର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ରାଜ୍ୟର କୋଇଲା ଭିତ୍ତିକ ଶିଳ୍ପାନୁଷ୍ଠାନଗୁଡ଼ିକ ନିଜ ହକ ପାଇବାରୁ ବଞ୍ଚିତ ହେଉଥିବାବେଳେ ଅନ୍ୟପଟରେ କୋଇଲା ବାବଦରେ ଓଡ଼ିଶାର ହକ ବାବଦ ରାଜସ୍ୱ ପ୍ରଦାନ କରିବାକୁ କେନ୍ଦ୍ର ଉଚିତ ମଣୁନାହିଁ। ୨୦୧୭ ମସିହାରୁ ରାଜ୍ୟ ସରକାର ନିଜର ହକ ମୁତାବକ କୋଇଲା ରୟାଲଟିରେ ସଂଶୋଧନ ସହ ବୃଦ୍ଧି କରିବାକୁ କେନ୍ଦ୍ର ନିକଟରେ ବାରମ୍ବାର ଦାବି କରୁ ଆସୁଛନ୍ତି। ମାତ୍ର କେନ୍ଦ୍ର ଏ ନେଇ କର୍ଣ୍ଣପାତ କରୁନଥିବା ବେଳେ ଓଲଟା ଓଡ଼ିଶା କୋଇଲାର ସିଂହଭାଗ ନେଇଯାଉଛି। ବିଡ଼ମ୍ବନା ହେଉଛି କୋଇଲାରୁ ସଂଗୃହୀତ ସେସରୁ ମଧ୍ୟ ଓଡ଼ିଶା ଟଙ୍କାଟିଏ ବି ଭାଗ ପାଉନାହିଁ। ଯାହାଫଳରେ ରାଜ୍ୟ ପ୍ରତିବର୍ଷ ପାଖାପାଖି ପାଞ୍ଚ ହଜାର କୋଟି ଟଙ୍କା କ୍ଷତି ସହୁଛି। ଉଭୟ ଦିଗରୁ ଓଡ଼ିଶା କ୍ଷତିଗ୍ରସ୍ତ ହେଉଥିବାବେଳେ ଅନ୍ୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଓଡ଼ିଶାର କୋଇଲାରୁ ନିଜ ଫାଇଦା ହାସଲ କରୁଛନ୍ତି। ଓଡ଼ିଶା ପ୍ରତି କେନ୍ଦ୍ରର ଏ ପ୍ରକାର ବୈମାତୃକ ମନୋଭାବ କେତେ ଦିନ ଚାଲିବ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଲାଣି। ନିକଟରେ ଓଡ଼ିଶା ଆସେମ୍ବଲି ଅଫ ସ୍ମଲ ଏଣ୍ଡ ମିଡ଼ିୟମ ଏଣ୍ଟରପ୍ରାଇଜେସ ପକ୍ଷରୁ ରାଜ୍ୟରେ ଗୁରୁତର କୋଇଲା ସଙ୍କଟ ନେଇ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲା। ଏନେଇ ଚିଠିରେ ସେମାନେ ଦର୍ଶାଇଥିଲେ ଯେ ଦେଶର ମୋଟ କୋଇଲାର ୨୫ ଭାଗ ଓଡ଼ିଶାରେ ଗଚ୍ଛିତ ଥିବାବେଳେ ଏମଏସିଏଲରୁ ଉତ୍ପାଦିତ କୋଇଲାର ମୋଟ ୫୪ ପ୍ରତିଶତ ଅନ୍ୟ ରାଜ୍ୟକୁ ଯୋଗାଣ କରାଯାଉଛି। ମାତ୍ର ୪୬ ପ୍ରତିଶତ କୋଇଲା ରାଜ୍ୟର ସ୍ଥାନୀ ଶିଳ୍ପାନୁଷ୍ଠାନଗୁଡ଼ିକୁ ଯୋଗାଇ ଦିଆଯାଉଛି। ସ୍ଥାନୀୟ ସିପିପି (କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ) ପାଇଁ ୬୫ ପ୍ରତିଶତ କୋଇଲାର ଆବଶ୍ୟକତା ରହିଥିଲାବେଳେ ତାହା ସଠିକ ଭାବେ ଆପୂର୍ତ୍ତି ହୋଇପାରୁନାହିଁ। କୋଇଲାର ଏପରି ଗୁରୁତର ସଙ୍କଟ ରାଜ୍ୟର ଉତ୍ପାଦନ କ୍ଷେତ୍ରକୁ ଗୁରୁତର ଭାବେ ପ୍ରଭାବିତ କରୁଥିବାବେଳେ ଏମଏସଏମଇ ଗୁଡ଼ିକ ବନ୍ଦ ହେବା ପରିସ୍ଥିତିକୁ ଆସିଲାଣି। ଯଦି ପରିସ୍ଥିତିକୁ ସଠିକ ସମୟରେ ଆୟତ୍ତ କରାନଯାଏ ତାହେଲେ ରାଜ୍ୟର ପ୍ରାୟ ୫୦୦୦ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପାନୁଷ୍ଠାନ ବନ୍ଦ ହୋଇଯିବାର ସମ୍ଭାବନା ରହିଛି। ତେଣୁ ପ୍ରଧାନମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଉଭୟ କୋଇଲା ଏବଂ କୋଲ ରେକର ଯେପରି ଶତ ପ୍ରତିଶତ ଯୋଗାଣ ହୋଇପାରିବ ସେ ନେଇ ଦୃଷ୍ଟି ଦେବାକୁ ଦାବି ଓଏଏସଏମଇ ପକ୍ଷରୁ ଅନୁରୋଧ କରାଯାଇଛି। ରାଜ୍ୟରେ ଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବା ଏମ୍ଏସ୍ଏମ୍ଇ ଗୁଡ଼ିକୁ ସହାୟତା ପ୍ରଦାନ କରିବା ଲାଗି ରାଜ୍ୟ ଶିଳ୍ପ ଓ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବଡ଼ ଶିଳ୍ପ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ବିଶେଷକରି ଯୁବବର୍ଗମାନେ ଏପରି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ କର୍ମ ସଂସ୍ଥାନ ପାଇବେ ଏହାପାଇଁ ଦିବ୍ୟଶଙ୍କର ବାବୁ ଗୁରୁତ୍ୱ ଓ ଆନ୍ତରିକତା ରଖୁଛନ୍ତି। ଓଡ଼ିଶା ବିଜେଡ଼ିର ଜଣେ ପୋଷ୍ଟର ବୟ ଓ ଆଗଧାଡ଼ିର ନେତା ଭାବେ ତାଙ୍କର ଦଳ ପ୍ରତି ମଧ୍ୟ ଅନେକ ଅବଦାନ ରହିଛି। ଜଣେ ଦେଶ ମାତୃକାର ସେବାରେ ସେ କ୍ୟାପଟେନ ଭାବେ ଗୁରୁଦାୟିତ୍ୱ ନିର୍ବାହ କରିଥିଲେ। ପରବର୍ତ୍ତୀ ସମୟରେ ନିଜକୁ ବିଜେଡ଼ିରେ ସାମିଲ କରି ସେ ଓଡ଼ିଶାର ଶିଳ୍ପ ଭବିଷ୍ୟତକୁ ଆଗେଇବା ପାଇଁ ନବୀନ ବାବୁଙ୍କ ଆନ୍ତରିକ ଓ ଲୋକପ୍ରିୟ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟକୁ ଶିଳ୍ପ ସମୃଦ୍ଧ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ରାଜ୍ୟରେ ପ୍ରତି ବର୍ଷ କୋଇଲା ଉତ୍ପାଦନରେ ରେକର୍ଡ଼ ପରେ ରେକର୍ଡ଼ ସୃଷ୍ଟି ହୋଇ ଚାଲିଛି। ମାତ୍ର ଦୁଃଖର ବିଷୟ ଏହିକି ଯେ ଆମ ରାଜ୍ୟର କୋଇଲା ଆମ ରାଜ୍ୟର ଶିଳ୍ପାନୁଷ୍ଠାନକୁ ମିଳିପାରୁନାହିଁ। ଆମେ ଭିକ ମାଗିଲା ପରି କୋଇଲା ପାଇଁ ଭିକଥାଳି ଧରି ବୁଲୁଛୁ। ଯାହାଫଳରେ ସ୍ଥାନୀୟ କୋଇଲା ଭିତ୍ତିକ ଶିଳ୍ପାନୁଷ୍ଠାନ ବନ୍ଦ ହେବାକୁ ବସିଲାଣି। ତେଣୁ ସରକାରଙ୍କୁ ଏତକ ଅନୁରୋଧ ରାଜ୍ୟର ଶିଳ୍ପାନୁଷ୍ଠାନଗୁଡ଼ିକ ପାଇଁ ବାର୍ଷିକ ଆବଶ୍ୟକତା ଅନୁଯାୟୀ ଏକ ବାର୍ଷିକ କୋଟା ନିର୍ଦ୍ଧାରଣ କରାଯାଉ। ତଦନୁଯାୟୀ କୋଇଲା ଅଗ୍ରାଧିକାର ଭିତ୍ତିରେ ରାଜ୍ୟକୁ ଯୋଗାଇ ଦିଆଯାଉ। ସେହିପରି କୋଇଲା ଦରକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷେ ତଥ୍ୟଭିତ୍ତିକ ମହଲ ଏପରି ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ରାଜ୍ୟର ଶିଳ୍ପାନୁଷ୍ଠାନଗୁଡ଼ିକୁ ନିରନ୍ତର କୋଇଲା ଯୋଗାଣ ନିଶ୍ଚିତ ସରକାର ପଦକ୍ଷେପ ନେବାକୁ ଦାବି କରିଛନ୍ତି।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*

# ସରକାରୀ ବନାମ ପ୍ରାଇଭେଟ୍ ହସ୍ପିଟାଲ

ଲୋକନାଥ ମହାପାତ୍ର

ମୁଁ ଜଣେ ସାଧାରଣ ମଧ୍ୟବିତ୍ତ ପରିବାରର ଲୋକ। ପ୍ରାୟ ବର୍ଷେ ତଳେ ମୋ ବୋଉର ସ୍ୱାସ୍ଥ୍ୟ ଖରାପ ହେବାକୁ ଲାଗିଲା। ହଠାତ୍ ତାର ଭୋକ କମିଗଲା। ଓଜନ ମଧ୍ୟ କମିବାକୁ ଲାଗିଲା। ଜିଭ ଧରିଲା। ପାଟି ଅରୁଚି ହୋଇଗଲା। ପୁଣି ବାନ୍ତି ମଧ୍ୟ ଆରମ୍ଭ ହେଲା। ବୋଉର ଏମିତି ଅବସ୍ଥା ଦେଖି ମୁଁ ବ୍ୟସ୍ତ ହୋଇ ବ୍ରହ୍ମପୁର ସହରର ବଡ଼ ବଡ଼ ଡାକ୍ତରଙ୍କ ପାଖରେ ଦେଖାଇଲି। ସେମାନଙ୍କ ପରାମର୍ଶ ଅନୁସାରେ ଅନେକ ପ୍ରକାରର ପରୀକ୍ଷା କରାଇଲି ଏବଂ ଔଷଧ ମଧ୍ୟ ଦେଲି। ହେଲେ କୌଣସି ପ୍ରକାରେ ସ୍ୱାସ୍ଥ୍ୟରେ ଉନ୍ନତି ଆସିଲା ନାହିଁ। ଶେଷରେ ଉତ୍ତମ ଚିକିତ୍ସା ପାଇଁ ବୋଉକୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇଯିବାକୁ ମନସ୍ଥ କଲି।

କହିବାକୁ ଗଲେ ଏହା ଦକ୍ଷିଣ ଓଡ଼ିଶାର ସବୁଠାରୁ ବଡ଼ ଡ଼ାକ୍ତରଖାନା, ବଡ଼ ବଡ଼ କୋଠା, ଶହ ଶହ ଡାକ୍ତର, ପ୍ରଫେସର କିନ୍ତୁ ବାସ୍ତବିକ ଚିତ୍ର ପୁରା ଭିନ୍ନ। ବଡ଼ ଡ଼ାକ୍ତରଖାନାକୁ କେବଳ ନର୍ସିଂ ଓ ଡାକ୍ତରୀ ଛାତ୍ରଛାତ୍ରୀମାନେ ହିଁ ଭରସା କାରଣ ବଡ଼ ମେଡ଼ିକାଲର ବଡ଼ ବଡ଼ ଡାକ୍ତର ଓ ପ୍ରଫେସର ମାନେ ମୋଟା ଅଙ୍କର ଦରମା ନେଇ ଦିନବେଳେ କେବଳ ଗୋଟିଏ ଥର ନିଜ ନିଜ ୱାର୍ଡରେ ରୋଗୀ ଦେଖିବା ପାଇଁ ଆସନ୍ତି ଏବଂ ଗୁରୁତର ରୋଗୀଙ୍କ ପାଇଁ ମଧ୍ୟ ପାଞ୍ଚ ମିନିଟରୁ ଅଧିକ ସମୟ ଦିଅନ୍ତି ନାହିଁ। ରାତ୍ରୀ କଥା ଛାଡ଼ି ଦିଅନ୍ତୁ। ରାତିରେ ସେମାନଙ୍କ ଡ୍ୟୁଟି ନଥାଏ। ତେଣୁ ରାତିରେ ଅଚାନକ କୌଣସି ରୋଗୀ ଗୁରୁତର ହେଲେ ଅନଭିଜ୍ଞ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଉପରେ ନିର୍ଭର କରିବା ଛଡା ଆଉ କିଛି ବାଟ ନ ଥାଏ। ତେଣୁ ଅଧିକାଂଶ ଗୁରୁତର ରୋଗୀଙ୍କ ରାତ୍ରୀରେ ମୃତ୍ୟୁ ହେବାର ମୁଁ ନିଜେ ଦେଖିଛି। ମୁଁ ଜାଣିବାରେ ବଡ଼ ମେଡ଼ିକାଲକୁ ଦୂରଦୂରାନ୍ତରୁ ପ୍ରାୟ ଗୁରୁତର ରୋଗୀ ହିଁ ଆସିଥାନ୍ତି ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସିତ ହେବା ପାଇଁ। କିନ୍ତୁ ସେମାନଙ୍କ ସେହି ଆଶା ଆଶାରେ ହିଁ ରହିଯାଏ କାରଣ ସେମାନଙ୍କ ମଧ୍ୟରୁ ଅଧିକାଂଶ ଡ଼ାକ୍ତର ମୋ ଭଳି ସାଧାରଣ ଲୋକଙ୍କ ଚିକିତ୍ସା ପାଇଁ ଇଚ୍ଛୁକ ନଥାନ୍ତି। ସେମାନେ ତ କେବଳ ନିଜ ପରିଚିତ, ସମ୍ପର୍କୀୟ, ଧନିକ କିମ୍ବା ମୁଷ୍ଟିମେୟ କ୍ଷମତାଶାଳୀ ଲୋକଙ୍କ ଚିକିତ୍ସାକୁ ଅଗ୍ରାଧିକାର ଦିଅନ୍ତି। ମୋ ବୋଉ ଭଳି ଏକ ସାଧାରଣ ରୋଗୀ କଥା ପଚାରେ କିଏ ?

ବ୍ରହ୍ମପୁର ବଡ଼ ମେଡ଼ିକାଲରେ ବୋଉର ସ୍ୱାସ୍ଥ୍ୟରେ କୌଣସି ପ୍ରକାରେ ସୁଧାର ନ ଆସିବା ଦେଖି କିଛି ସମ୍ପର୍କୀୟଙ୍କ ପ୍ରରୋଚନାରେ ବୋଉକୁ ନେଇ ଭୁବନେଶ୍ୱରର ଏକ ବୃହତ ପ୍ରାଇଭେଟ୍ ହସ୍ପିଟାଲରେ ଆଡ଼ମିଟ କରାଇଲି। ତାପରେ ପୁଣି ଆରମ୍ଭ ହୋଇଗଲା ସେହି ଚିରାଚରିତ ପରୀକ୍ଷା ନିରୀକ୍ଷା। ସେମାନେ ଆଗରୁ କରାଯାଇଥିବା ପରୀକ୍ଷା ଗୁଡ଼ିକୁ ପୁଣି ଗୋଟିଏ ପରେ ଗୋଟିଏ କରାଇ ନେଲେ ଏବଂ ତାହା ସହିତ ଆହୁରି ଅନେକ ପ୍ରକାରର ପରୀକ୍ଷା କରାଇଲେ। ଏହି ସବୁ ପରୀକ୍ଷା ନିରୀକ୍ଷା ଭିତରେ ପ୍ରାୟ ଦଶ ଦିନ ବିତିଗଲା କିନ୍ତୁ ଦୁଃଖର କଥା ବିଭିନ୍ନ ପରୀକ୍ଷା ନିରୀକ୍ଷାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ରୋଗର ସଠିକ ନିରୁପଣ ହୋଇପାରିଲା ନାହିଁ। ଶେଷରେ ଡାକ୍ତର କହିଲେ- ତାଙ୍କର ରୋଗ ନିରୁପଣ କରିବା ପାଇଁ ଲାପ୍ରୋସ୍କୋପି ହିଁ ଏକମାତ୍ର ବିକଳ୍ପ। ହେଲେ ଏଥିରେ ଟିକିଏ ରିସ୍କ ଅଛି। ଯଦି କରାଇବାର ଅଛି ତାହେଲେ କରାଅ ନଚେତ୍ ଯାଙ୍କୁ ନେଇ ଅନ୍ୟତ୍ର ଚାଲିଯାଅ।

ଡାକ୍ତରଙ୍କ ଠାରୁ ଏପରି କଠୋର ବଚନ ଶୁଣି ନିକଟସ୍ଥ ସମ୍ପର୍କୀୟମାନଙ୍କ ସହିତ ବିଚାର ବିମର୍ଶ କରି ଉପରୋକ୍ତ ପରୀକ୍ଷା କରାଇବା ପାଇଁ ସମ୍ମତ ହେଲି। ଠିକ୍ ତାର ପର ଦିନ ସକାଳୁ ଲାପ୍ରୋସ୍କୋପି କରାଇବା ପାଇଁ ବୋଉକୁ ହସ୍ପିଟାଲର ଓଟିରେ ଭର୍ତ୍ତି କରାଗଲା। ତାର ପ୍ରାୟ ଦୁଇଘଣ୍ଟା ପରେ ଡାକ୍ତରଙ୍କ ଠାରୁ ଡାକରା ଆସିଲା। ଡାକ୍ତର କହିଲେ- ପେସେଣ୍ଟଙ୍କ ଲାପ୍ରୋସ୍କୋପି ହୋଇସାରିଛି। ଆଉ ପ୍ରାୟ ୨୪ ଘଣ୍ଟା ପରେ ଆପଣ ତାଙ୍କୁ ଆଇସିୟୁରୁ ନେଇପାରିବେ। ସେଦିନ ହଠାତ୍ ପ୍ରାୟ ରାତି ୧୧ଟା ସମୟରେ ଆଇସିୟୁରୁ କଲ୍ ଆସିଲା- ଆପଣଙ୍କ ପେସେଣ୍ଟଙ୍କ ଅବସ୍ଥା ଭଲ ନାହିଁ। ଶୀଘ୍ର ଆସନ୍ତୁ। ଏହି କଥା ଶୁଣି ମୋର ନିଦ ହଜିଗଲା। କାରଣ ସେଦିନ ସନ୍ଧ୍ୟା ଭିତରେ ମୁଁ ଓ ମୋ ସ୍ତ୍ରୀ ଦୁହେଁ ପ୍ରାୟ ଦୁଇ ତିନିଥର ବୋଉକୁ ଦେଖିବା ପାଇଁ ଆଇସିୟୁ ଭିତରକୁ ଯାଇଥିଲୁ। ସେତେବେଳକୁ ବୋଉର ଅବସ୍ଥା ପ୍ରାୟ ଭଲ ଥିଲା ଏବଂ ସେ ସମ୍ପୂର୍ଣ୍ଣ ହୋସରେ ଥାଇ କଥାବାର୍ତ୍ତା ହେଉଥିଲା। ତତ୍‌କ୍ଷଣାତ୍ ଏଭଳି ଖବର ଶୁଣି ଆମେ ଦୁହେଁ ଆଇସିୟୁରେ ଯାଇ ପହଞ୍ଚିଲୁ। କିନ୍ତୁ ଆଇସିୟୁ ଭିତରକୁ କେବଳ ଜଣକୁ ହିଁ ଯିବାର ଅନୁମତି ଥିଲା। ତେଣୁ ମୁଁ ଆଇସିୟୁ ଭିତରକୁ ଗଲି। ବୋଉ ଶାନ୍ତ ଚିତ୍ତରେ ଆଇସିୟୁ ବେଡ୍ ଉପରେ ପଡି ରହିଥାଏ। ସେତେବେଳକୁ ଆଇସିୟୁ ଭିତରେ ପ୍ରାୟ ୧୫ ଜଣ ଗୁରୁତର ରୋଗୀ ଥିଲାବେଳେ ସେଠାରେ ୨୦-୨୫ ବର୍ଷ ବୟସର ମାତ୍ର ଦୁଇ ଜଣ ଅନଭିଜ୍ଞ ଡାକ୍ତର ଓ ମାତ୍ର ୫-୬ ଜଣ ନର୍ସଙ୍କୁ ଦେଖି ମୋ ମନରେ ଟିକିଏ ଆଶଙ୍କା ଜାଗ୍ରତ ହେଲା। ତଥାପି ସେ ସମୟରେ ନିଜକୁ ସମ୍ଭାଳି ନେଇ ସେମାନଙ୍କୁ ବୋଉର କ'ଣ ହେଇଛି ବୋଲି ପଚାରିଲି। ସେମାନଙ୍କ ଭିତରୁ ଜଣେ କହିଲେ ତାଙ୍କର ହିମୋଗ୍ଲୋବିନ ସ୍ତର ବହୁତ କମିଯାଇଛି ତେଣୁ ଦୁଇ ପ୍ୟାକେଟ ବ୍ଲଡ ନେଇ ଶୀଘ୍ର ଆସନ୍ତୁ। ଏକଥା ଶୁଣି ମୁଁ ସଙ୍ଗେ ସଙ୍ଗେ ହସ୍ପିଟାଲର ମ୍ୟାନେଜରଙ୍କ ପାଖକୁ ଯାଇ ଏକଥା ଜଣାଇଲି। କିନ୍ତୁ ସେ କହିଲେ ଆମର ଏଇଠି ବ୍ଲଡ ବ୍ୟାଙ୍କ ନାହିଁ ତେଣୁ ଆମେ ଏମରଜେନ୍ସିରେ ଆପଣଙ୍କୁ ବ୍ଲଡ ଦେଇପାରୁବୁ ନାହିଁ। ଆପଣଙ୍କୁ ହିଁ ବ୍ଲଡ ବ୍ୟାଙ୍କରୁ ବ୍ଲଡ ଯୋଗାଡ଼ କରି ଆଣିବାକୁ ହେବ। ଏହା ଶୁଣି ମୋର ମୁଣ୍ଡ ଘୁରେଇ ଗଲା। ତାଙ୍କ ସାଙ୍ଗରେ ଯୁକ୍ତିତର୍କରେ ଅଯଥା ସମୟ ବର୍ବାଦ ନ କରି ହସ୍ପିଟାଲର ଗୋଟିଏ କାର ଡ୍ରାଇଭରକୁ ଧରି ବ୍ଲଡ ଆଣିବା ପାଇଁ ଗଲି। ବ୍ଲଡ ବ୍ୟାଙ୍କଟି ସେଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିଲା। ଯେକୌଣସି ମତେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ପରେ ବ୍ଲଡ ନେଇ ମୁଁ ହସ୍ପିଟାଲରେ ପହଞ୍ଚିଲି।


ହସ୍ପିଟାଲରେ ପହଞ୍ଚିଲା ବେଳକୁ ବୋଉର ଅବସ୍ଥା ଆହୁରି ଗୁରୁତର ହୋଇଯାଇଥାଏ। ଏପରିକି ନିଃଶ୍ୱାସ ନେବାରେ ମଧ୍ୟ କଷ୍ଟ ହେଉଥାଏ। ବୋଉର ମୁହଁରେ ଅକ୍ସିଜନ ମାସ୍କ ଲାଗାଯାଇଥାଏ। ସେ ମୋତେ ଦେଖି ମୋ ହାତକୁ ଧରି କିଛି କହିବାକୁ ଚେଷ୍ଟା କରୁଥିଲା ହେଲେ ମୁହଁରେ ଅକ୍ସିଜନ ମାସ୍କ ଲାଗିଥିବାରୁ ମୋତେ ସ୍ପଷ୍ଟ ଶୁଭା ଗଲାନି କିନ୍ତୁ ସେ ବଡ଼ ଆସହଜ ଲାଗୁଥିଲା। ପୁଣି ଏକ ଘଣ୍ଟା ପରେ ମୁଁ ପତ୍ନୀକୁ ଆଇସିୟୁକୁ ପଠାଇଲି। ପୁଣି ଠିକ୍ ରାତ୍ର ୨.୩୦ ସମୟରେ ବାପା ଆଉ ମୁଁ ଦୁହେଁ ଆଇସିୟୁ ଭିତରକୁ ଗଲୁ। ସେତେବେଳକୁ ବୋଉ ଆଉ କଥା କହି ପାରୁ ନଥାଏ। ତା ପାଖକୁ ଯିବାରୁ ବୋଉ ବାପାଙ୍କ ହାତକୁ ଧରି ତାଙ୍କୁ କିଛି ଗୋଟାଏ କହିବାକୁ ଚେଷ୍ଟା କରୁଥାଏ କିନ୍ତୁ ପାରୁ ନଥାଏ। ବୋଉର ଏ ଅବସ୍ଥା ଦେଖି ବାପା ଆଉ ତାଙ୍କ କୋହ ସମ୍ଭାଳି ପାରିଲେ ନାହିଁ। ବୋଉର ଏପରି ଗୁରୁତର ଅବସ୍ଥାରେ ମଧ୍ୟ ତା ପାଖରେ କେହି ଡାକ୍ତର ନଥିବା ଦେଖି ବାପା ଓ ମୁଁ କ୍ଷୁବ୍ଧ ହୋଇ ସେଠାକାର ଜଣେ ଡାକ୍ତରଙ୍କୁ ନିଜର ଅସନ୍ତୋଷ ପ୍ରକଟ କଲୁ କିନ୍ତୁ ସେ ଆମ କଥାକୁ କୌଣସି ଗୁରୁତ୍ୱ ଦେଲେ ନାହିଁ। ବରଂ ଆମେ ଆଇସିୟୁ ବାହାରକୁ ଆସିବା କ୍ଷଣି ସେଠାରେ ଡ୍ୟୁଟି କରୁଥିବା ଗାର୍ଡ଼କୁ ବିନା ଅନୁମତିରେ କାହାକୁ ଆଇସିୟୁ ଭିତରକୁ ନଛାଡିବା ପାଇଁ ତାଗିଦ୍ କଲେ।

ଠିକ୍ ରାତି ୩.୩୦ ସମୟରେ ହଠାତ୍ ଆଇସିୟୁରୁ କଲ୍ ଆସିବାରୁ ଗାର୍ଡ କହିଲା- ଆପଣଙ୍କୁ ସାର୍ ଡାକିଛନ୍ତି ଶୀଘ୍ର ଯାଆନ୍ତୁ। ମୁଁ ଆଇସିୟୁ ଭିତରକୁ ଗଲି। ମୋତେ ଦେଖି ଯୁବ ଡାକ୍ତର ଜଣକ କହିଲେ- ପେସେଣ୍ଟଙ୍କ ହାର୍ଟ ଆଉ ଠିକ୍ ରେ କାମ କରୁନି। ତାଙ୍କ ଅବସ୍ଥା ବହୁତ କ୍ରିଟିକଲ୍ ଅଛି। ମୁଁ ସେହି ଡାକ୍ତରଙ୍କୁ ହାତ ଯୋଡ଼ି ନେହୁରା ହୋଇ କହିଲି- ଆପଣ ମୋ ବୋଉକୁ ବଞ୍ଚେଇ ଦିଅନ୍ତୁ। ତାପରେ ମୁଁ ପୁଣି ଆଇସିୟୁରୁ ବାହାରି ଆସିଲି। ଏହା ପରେ କଣ ହେଲା କେଜାଣି ପ୍ରାୟ ସକାଳ ୬.୩୦ ଯାଏଁ ଆମକୁ ଆଉ ଭିତରକୁ ଯିବାକୁ ଅନୁମତି ଦିଆଗଲା ନାହିଁ। ଶେଷଥର ପାଇଁ ସକାଳ ୬.୩୦ରେ ଆମକୁ ଡକାଗଲା ବେଳକୁ ବୋଉର ଶରୀର ଏକଦମ୍ ସ୍ଥାଣୁ ପାଲଟି ଯାଇଥାଏ। ହୃଦସ୍ପନ୍ଦନ ମଧ୍ୟ ବନ୍ଦ ହୋଇଯାଇଥାଏ। କେବଳ ନିଶ୍ୱାସ ଟିକକ ଚାଲିଥାଏ। ବନ୍ଦ ହୋଇଯାଇଥିବା ହୃଦସ୍ପନ୍ଦନକୁ ପୁଣି ଥରେ ଚାଲୁ କରିବା ପାଇଁ ସିପିଆର ଦିଆଯାଏ ତଥାପି କିଛି ସୁଫଳ ମିଳେ ନାହିଁ। ସକାଳ ପ୍ରାୟ ୭ଟା ବେଳକୁ ବୋଉର ନିଃଶ୍ୱାସ ବନ୍ଦ ହୋଇଯାଏ ଓ ସେ ଚିରଦିନ ପାଇଁ ଆମଠାରୁ ବିଦାୟ ନେଇଚାଲିଯାଏ। କିଏ ଜାଣିଥିଲା ବୋଉକୁ ଭଲ କରିବା ପାଇଁ ଆସି ତାକୁ ଭଲ କରି ଫେରିବା ପରିବର୍ତ୍ତେ ତା ଅସ୍ଥି ନେଇ ଫେରିବାକୁ ପଡିବ। ପାଠକେ ଏଥର ବିଚାର କରନ୍ତୁ ମୋ ବୋଉର ଏପରି ଆକସ୍ମିକ ମୃତ୍ୟୁ ପାଇଁ ଦାୟୀ କିଏ ? ଏହି ଘଟଣାରୁ ମୋତେ ଅନୁଭବ ହେଲା ଯେ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ଯୋଗାଉଥିବା ବଡ଼ ବଡ଼ ସରକାରୀ ହସ୍ପିଟାଲ ଓ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଚିକିତ୍ସା ଯୋଗାଉଥିବା ବଡ଼ ବଡ଼ ଘରୋଇ ହସ୍ପିଟାଲର ଚିକିତ୍ସା ବ୍ୟବସ୍ଥା ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ। ହଁ କେବଳ ସ୍ୱଚ୍ଛତା ଦୃଷ୍ଟିରୁ ଘରୋଇ ହସ୍ପିଟାଲଗୁଡିକ ସରକାରୀ ହସ୍ପିଟାଲ ଠାରୁ ହୁଏତ ଏକ ପାଦ ଆଗରେ ରହିପାରନ୍ତି। ତାଛଡା ଆଉ କୌଣସି କ୍ଷେତ୍ରରେ ମୋତେ ବିଶେଷ ପାର୍ଥକ୍ୟ ଅନୁଭବ ହେଲା ନାହିଁ।

ବୋଉର ଇଚ୍ଛା ଅନୁସାରେ ସେଠାରୁ ବୋଉର ମରଶରୀରକୁ ସ୍ୱର୍ଗଦ୍ୱାରରେ ଝାସ ଦେଇ ତାର ଅସ୍ଥି ନେଇ ଆମେ ବ୍ରହ୍ମପୁରକୁ ଫେରିଆସିଲୁ। ବୋଉର ଏପରି ଆକସ୍ମିକ ମୃତ୍ୟୁ ଅନେକ ଦିନ ଧରି ମୋତେ ସ୍ତବ୍ଧ କରିଦେଇଥିଲା। ଏଥିସହିତ ଏହି ଘଟଣା ଭୁବନେଶ୍ୱରର ବଡ଼ ବଡ଼ ଘରୋଇ ଡାକ୍ତରଖାନାଗୁଡ଼ିକରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚିକିତ୍ସା ପାଇଁ ଯାଉଥିବା ସାଧାରଣ ବର୍ଗର ରୋଗୀମାନଙ୍କ ପ୍ରତି କରାଯାଉଥିବା ଗୁରୁତର ଅବହେଳାର ନଗ୍ନ ଚିତ୍ର ସାମ୍ନାକୁ ଆଣିଲା। ଅନେକ ସମୟରେ ପ୍ରାଇଭେଟ୍ ହସ୍ପିଟାଲର ଆଇସିୟୁ ପରିଚାଳନାକୁ ନେଇ ଅନେକ ଅଭିଯୋଗ ଆସିଥାଏ କିନ୍ତୁ ଏଥିପ୍ରତି କେବେ କୌଣସି କାର୍ଯ୍ୟାନୁଷ୍ଠାନ ହୁଏନାହିଁ ବରଂ ଉଭୟ ପ୍ରାଇଭେଟ୍ ହସ୍ପିଟାଲ କର୍ତ୍ତୃପକ୍ଷ ତଥା ସରକାରୀ କର୍ତ୍ତୃପକ୍ଷ କେବଳ ନୀରବଦ୍ରଷ୍ଟା ସାଜି ବସିଥାନ୍ତି। ମୁଁ ଏଠାରେ କହିରଖେ କୋ?ଣସି ପ୍ରାଇଭେଟ୍ ହସ୍ପିଟାଲକୁ ବଦନାମ କରିବା ଏହି ଲେଖାର ଉଦ୍ଦେଶ୍ୟ ନୁହେଁ ବରଂ ଉତ୍ତମ ଚିକିତ୍ସା ପାଇବା ପାଇଁ ଦୂରଦୂରାନ୍ତରୁ ଆସୁଥିବା ଗୁରୁତର ରୋଗୀଙ୍କ ପ୍ରତି ହେଉଥିବା ଅବହେଳାକୁ ଲୋକଲୋଚନକୁ ଆଣିବା ସହ ହସ୍ପିଟାଲଗୁଡିକର ଆଇସିୟୁ ପରିଚାଳନାକୁ ଅଧିକ ବ୍ୟବସ୍ଥିତ କରିବା ହେଉଛି ଏହାର ଅସଲ ଉଦ୍ଦେଶ୍ୟ। ଏହା ହୋଇପାରିଲେ ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଶ୍ଚିତ ଭାବରେ ଏକ ନମ୍ବର ରାଜ୍ୟର ମାନ୍ୟତା ଲାଭ କରିପାରିବ ଏଥିରେ କୌଣସି ସନ୍ଦେହ ନାହିଁ।

**ବ୍ରହ୍ମପୁର**

# ବୃଦ୍ଧି ପାଉଛି ସିଆରପିସି - ୪୧ ଉଲ୍ଲଂଘନ



ଯୁଧିଷ୍ଠିର ମହାରଣା

ସାତ ବର୍ଷରୁ କମ ଦଣ୍ଡ ଥିବା ମାମଲାର ଅଭିଯୁକ୍ତମାନଙ୍କୁ ସିଆରପିସି ୪୧ରେ ନୋଟିସ ଦେଇ ଛାଡ଼ିବାର ନିୟମ ରହିଛି। ହେଲେ ପୁଲିସ ନିଜ ଉପରୁ ଦୋଷ ଖସାଇବା ପାଇଁ ସିଆରପିସି ୪୧କୁ ମାନୁନି। ଏଭଳି ମାମଲାର ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। ଏ ସମ୍ପର୍କିତ ମାମଲା ସଂଖ୍ୟା ବଢୁଥିବାରୁ ଅଯଥାରେ କୋର୍ଟଙ୍କ ସମୟ ନଷ୍ଟ ହେଉଛି। ଅନେକ ସମୟରେ କୋର୍ଟ ମଧ୍ୟ ପୁଲିସ ଉପରେ ଅସନ୍ତୋଷ ପ୍ରକାଶ କରୁଥିବାରୁ ସିଆରପିସି-୪୧କୁ କଡ଼ାକଡ଼ି ପାଳନ କରିବା ପାଇଁ ଏସପି ଓ ଡିସିପିମାନଙ୍କୁ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

କୋର୍ଟ ଅବମାନନା ମାମଲାରେ ଦିଲ୍ଲୀ ହାଇକୋର୍ଟ ଜଣେ ପୁଲିସ ଅଫିସରଙ୍କୁ ଗୋଟିଏ ଦିନରେ ସଜା ସହ ୨ ହଜାର ଟଙ୍କା ଜରିମାନା ଦେବାକୁ କହିଥିଲେ। ଏକ ଅପରାଧରେ ସଜା ୭ ବର୍ଷରୁ କମ ଥିଲା। ହେଲେ ଦିଲ୍ଲୀ ପୁଲିସ ତାଙ୍କୁ ଗିରଫ କରି ୪୧ ସିଆରପିସିରେ ନୋଟିସ ଦେଇ ଛାଡ଼ିବା ବଦଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାକୁ ବିରୋଧ କରି ସମ୍ପୃକ୍ତ ବ୍ୟକ୍ତି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶେଷରେ କୋର୍ଟ ମାମଲାର ବିଚାର କରି ଗିରଫ କରିଥିବା ପୁଲିସ ଅଫିସରଙ୍କୁ ଗୋଟିଏ ଦିନର ସଜା ଶୁଣାଇଥିଲେ। ତେଣୁ ଯଦି ଏଭଳି ଭୁଲ କଲେ ଆଇନ ଅନୁସାରେ ଦଣ୍ଡିତ ହେବାର ଆଶଙ୍କା ଥିବା କ୍ରାଇମବ୍ରାଞ୍ଚ ପୁଲିସ କର୍ମଚାରୀଙ୍କୁ ଚେତେଇ ଦେଇଛି। ଜାନୁଆରୀ ମାସର ତଥ୍ୟ ଅନୁସାରେ ସାତ ବର୍ଷରୁ କମ ଦଣ୍ଡ ଥିବା ମାମଲାରେ ରାଜ୍ୟରେ ୨ହଜାର ୪୭୪ ଜଣ ଗିରଫ ହୋଇଥିବାବେଳେ ୯ହଜାର ୯୮୪ ଜଣଙ୍କୁ ନୋଟିସ ଦେଇ ଛଡ଼ା ଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଗିରଫ ହୋଇଥିବାବେଳେ ୯୨୦ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଟକରେ ୨୪ ଜଣ ଗିରଫ ହୋଇଥିବାବେଳେ ୩୪୧ ଜଣଙ୍କୁ ଛଡ଼ା ଯାଇଛି। ସେହିପରି ଯାଜପୁର ଜିଲ୍ଲାରେ ୮୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮୫ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ଜଗତସିଂହପୁର ଜିଲ୍ଲାରେ ୯୪ଜଣ ଗିରଫ ହୋଇଥିବାବେଳେ ୯୧ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କେନ୍ଦ୍ରାପଡ଼ାରେ ୫୦ଜଣ ଗିରଫ ହୋଇଥିବାବେଳେ ୩୨ ଜଣଙ୍କୁ ନୋଟିସ ଦିଆଯାଇ ଛଡ଼ାଯାଇଛି। ଖୋର୍ଦ୍ଧାରେ ୧୦୯ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୫୯ ଜଣଙ୍କୁ ନୋଟି ଦେଇ ଛଡ଼ାଯାଇଛି। ପୁରୀରେ ୧୫୨ ଜଣଙ୍କୁ ଗିରଫ ହୋଇଥିବାବେଳେ ୪୩୬ ନୋଟିସ ମାଧ୍ୟମରେ ଭଦ୍ରକ ଜିଲ୍ଲାରେ ୮୭ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୪୬୫ ଜଣଙ୍କୁ ନୋଟିସ ଦେଇ ଛାଡ଼ିଛି ପୁଲିସ। ବାଲେଶ୍ୱରରେ ୧୨୯ ଗିରଫ ହୋଇଥିବାବେଳେ ୪୨୫ଙ୍କୁ ଛଡ଼ା ଯାଇଛି। ମୟୂରଭଞ୍ଜରେ ୧୦୫ ଗିରଫ ହୋଇଥିବାବେଳେ ୬୨୧ ଜଣଙ୍କୁ ଛଡ଼ାଯାଇଛି। ସୁନ୍ଦରଗଡ଼ରେ ୧୦୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସିଆରପିସି ୪୧ରେ ୨୩୯ ଜଣଙ୍କୁ ଛଡ଼ାଯାଇଛି। ରାଉରକେଲାରେ ୬୦ ଗିରଫ ହୋଇଥିବା ବେଳେ ୨୬୨ ଜଣଙ୍କୁ ନୋଟିସ ଦିଆଯାଇଛି। ରାଜଧାନୀରେ ୨୩୩ଜଣ ଗିରଫ ହୋଇଥିବାବେଳେ ୨୧୯ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଟକରେ ୧୪୪ ଜଣ ଗିରଫ ହୋଇଥିବାବେଳେ ୩୩୯ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଳାହାଣ୍ଡିରେ ୨୨ଜଣଙ୍କୁ ଗିରଫ କରାଯାଇଥିବାବେଳେ ୫୦୧ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ଢେଙ୍କାନାଳରେ ୭୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୧୦ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ସେହିଭଳି ଅନୁଗୁଳରେ ୧୪୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୫୫ଙ୍କୁ ନୋଟିସ ଦିଆଯାଇ ଛଡ଼ାଯାଇଛି। ଏନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ମଧ୍ୟ ଥାନା କର୍ମଚାରୀଙ୍କୁ ସଚେତନ କରିବା ପାଇଁ ନୋଟିସ ହୋଇଥିଲା। ଏହାକୁ ପୁଣି ଥରେ କରାଯାଇଛି। ସିଆପିସି ସଂକ୍ରାନ୍ତ ମାମଲା ଦିନକୁ ଦିନକ ବଢୁଥିଲାବେଳେ ନ୍ୟାୟ ଉପରେ ମଧ୍ୟ ଏନେଇ ଏକ ପ୍ରକାର ବୋଝ ବୃଦ୍ଧି ପାଉଛି ତେଣୁ ଏ କ୍ଷେତ୍ରରେ ସଚେତନତା ବଢୁ ଓ ଲୋକମାନେ ନ୍ୟାୟ ପାଆନ୍ତୁ।


*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*
*ଦୂରଭାଷ : ୯୪୩୭୧୬୩୫୨୮*

# କୁହୁକ ରାତି



**ବିଜୟ କୁମାର ପଣ୍ଡା**

**(ଭାଗ-୭)**



କ୍ରାଇମବ୍ରାଞ୍ଚ ପ୍ରଥମେ ବୁବୁର ବୟାନ କୁ ପୁଣିଥରେ ରେକର୍ଡ କରି ତନ୍ନ ତନ୍ନ କରି ଅନୁଧ୍ୟାନ କରିବାକୁ ଲାଗିଲା।

ବୁବୁ ବଖାଣିଥିବା ସବୁ ସ୍ଥାନକୁ ଯାଇ କ୍ରାଇମ ସିନ ତିଆରି କରିବାକୁ ଚେଷ୍ଟାକଲା।

ମିନୁ ଆଉ ଲୁସିର ଶବ ପାଖରେ ମିଳିଥିବା ଛୋଟରୁ ଛୋଟ ସବୁ ଜିନିଷର୍ ଫରେନ୍ସିକ ଲାବକୁ ପଠେଇ ରିପୋର୍ଟ ତିଆରି କଲା। ଲକେଟ ଆଉ ଚିଠିରେ ଥିବା ଫିଙ୍ଗର ପ୍ରିଣ୍ଟ ପରୀକ୍ଷା ନିରୀକ୍ଷା କଲା। ସମସ୍ତ ଖବରି, ଲାବ ଏବଂ ରିପୋର୍ଟର ମାନଙ୍କୁ କୁ ତିନିଦିନ ମଧ୍ୟରେ ସୂଚନା ସବୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ପରଦିନ ହୋଟେଲରେ ଚଢ଼ାଉ କରି ପ୍ରତିଟି କର୍ମଚାରୀଙ୍କୁ ତନାଘନା ପ୍ରଶ୍ନକରାଗଲା।

ପରଦିନ ହୋଟେଲ ମାଲିକଙ୍କ ଫୋନ, ଲାପଟପ ଜବତ କଲା କ୍ରାଇମବ୍ରାଞ୍ଚ ପୋଲିସ। କଲ ରେକର୍ଡ଼ ବିବରଣୀ ମଗାଗଲା।

ଲୁସି ନିଖୋଜ ହେବା ଦିନ ଲିପୁନ ସହ ଅନେକ ସମୟ ଫୋନ ରେ କଥା ହୋଇଥିବା ଜଣାପଡିଥିଲା।

ଲୁସିର ଶବ ପାଖେ ମିଳିଥିବା ଲକେଟ ର ଛବି ହୋଟେଲ ମାଲିକଙ୍କ ଲାପଟପରେ ମିଳିଲା। ଅନ୍‌ଲାଇନ ରେ ଏହି ଲକେଟକୁ କିଣିଥିବାର ପ୍ରମାଣ ଲାପଟପରୁ ମିଳିଥିଲା।

କ୍ରାଇମବ୍ରାଞ୍ଚ ପୋଲିସ ହୋଟେଲ ମାଲିକଙ୍କୁ ଗିରଫ କଲା।

ଜେରା କରି ଥାର୍ଡ଼ ଡିଗ୍ରୀ ଦଣ୍ଡ ଦେବାରୁ ଲୁସି ର ହତ୍ୟା ତା ଦ୍ୱାରା ହିଁ ହୋଇଥିବାର ସେ ସ୍ୱୀକାର କଲା।

++++

ବୟସରେ ବଡ଼ ହେଲେ ବି ହୋଟେଲ ମାଲିକଙ୍କ ର ସାଙ୍ଗ ଭଳି ଥିଲା ଲିପୁନ।

କେବେ କେବେ ସାଙ୍ଗ ମାନଙ୍କ ଜନ୍ମ ଦିନରେ ପାର୍ଟି ପାଇଁ ସେଇ ହୋଟେଲ କୁ ଲୁସି ତା ସାଙ୍କ ମାନଙ୍କ ସହ ଯାଇଥିଲା। ଲୁସିର ସୁନ୍ଦର ରୂପକାନ୍ତି , ଯୌବନ, ରାଜହଂସି ଚାଲି ରେ ହୋଟେଲ ମାଲିକଙ୍କ ମନରେ ଆସକ୍ତି ଆସିଯାଇଥିଲା। ସେ ବଡ଼ କାମାନ୍ଧ ଥିଲା।

ତେଣୁ ସେ ଲୁସିକୁ ଉପଭୋଗ କରିବାକୁ ଉପାୟ ଖୋଜୁଥିଲା। ଲିପୁନର ବି ଲୁସି ପ୍ରତି ଦୁର୍ବଳତା ଥିଲା କିନ୍ତୁ ତାର ବ୍ୟକ୍ତିତ୍ୱ ଲୁସିକୁ କେବେବି ପସନ୍ଦ ନଥିଲେ। ତେଣୁ ସେ ତା ସହ କେବେବି ସାଙ୍ଗ ହେଉ ନଥିଲା। ବୁବୁ ସହ ଲୁସି ସାଙ୍ଗ ହେବା ଲିପୁନକୁ ଭାରି ବାଧୁଥିଲା।

ତେଣୁ ସେ ଯୋଜନା କରି ପ୍ରତିଶୋଧ ନେବାକୁ ହୋଟେଲ ମାଲିକ ସହ ହାତ ମିଳାଇଥିଲା।

ଲୁସିର ପ୍ରେତଆତ୍ମା ମିନୁ ଦେହରେ ପଶି ସବୁ ରହସ୍ୟ ଫିଟାଇଦେବାର ଭୟରେ ମିନୁକୁ ବି ସେ ହିଁ ଯୋଜନାବଧ ଭାବେ ହତ୍ୟା କରିଥିବା କଥା ସ୍ୱୀକାର କଲା।

ମର୍ଡର ହୋଇଥିବା ହୋଟେଲ କର୍ମଚାରୀ ଜଣକ ମାଲିକଙ୍କ ସହ ଲିପୁନର କଥାବାର୍ତ୍ତା କିଛି ଶୁଣିଦେଇଥିବାରୁ ସାକ୍ଷ ପ୍ରମାଣ ଭୟରେ ତାକୁ ବି ହତ୍ୟା କରିଥିଲା।

ଏବେ ହୋଟେଲ ମାଲିକଙ୍କ ସହ ଲିପୁନ କୁ ହତ୍ୟା କାଣ୍ଡ ରେ ସହଯୋଗୀ ଭାବେ କାରାଦଣ୍ଡ ମିଳିଥିଲା।

ବୁବୁକୁ ସସମ୍ମାନେ ଛାଡି ଦିଆଯାଇଥିଲା।

ଲୁସିକୁ ହରାଇ ନିସଙ୍ଗ ହୋଇଯାଇଥିଲା ବୁବୁ।

ତା ପାଇଁ ଜୀବନରେ ପ୍ରଥମ ଥର ପାଇଁ ଆଣିଥିବା ସେଇ ଉପହାରଟିକୁ ଛାତିତଳେ ସାଇତି ରଖିଥିଲା ସାରା ଜୀବନ ପାଇଁ।


*(ସମାପ୍ତ)*

*ସମ୍ପାଦକ -କନକପ୍ରଭା*
*ସବଙ୍ଗ, ସିମୁଳିଆ, ବାଲେଶ୍ୱର,*
*ଯୋଗାଯୋଗ : ୯୭୩୯ ୫୯୧୮୧୬*


# ବିଶେଷ କବିତା



## ଅନ୍ଧୁଣୀ



**ସ୍ମୃତିରଞ୍ଜନ ତ୍ରିପାଠୀ**



ଦେଖିଛ କି କେବେ ସହସ୍ର ଲୋତକ ବିନ୍ଦୁରେ ଯୋଡା ସ୍ୱଚ୍ଛ ଧାରଟିଏ
କେମିତି ଡଙ୍କମୋଡେ କୋଉ ଅବୋଧର ପଥରୋଧରେ
କିଏ କହେ ତା'କୁ ଜନ୍ମାନ୍ଧ ମମତାର ପଣତଧାରେ
ପୁଣି କେବେ ସେ ସମ୍ବର୍ଦ୍ଧିତା ଚକ୍ଷୁସ୍ରବା କେଉଁ ଲେଖନୀର ମଧୁର ସୃଷ୍ଟିରେ...
ସମାଜର ଆଖିଫେରା ନୀତିରେ ସେ ଠିକ୍ ବୁଝିପାରେ
ବୁଭୁକ୍ଷୁ ଜନତାର ଅପସରି ଯାଉଥିବା ଆଖିତଳର ଆଦ୍ର ଉଷ୍ମତାକୁ
ସ୍ନେହାତୁର ବୈଦଗ୍ଧ୍ୟରେ ତା' ତନୁମନ ତ ପର୍ଯ୍ୟାପ୍ତ
ପୁଣି କାହିଁକି ବିଭିନ୍ନତା, ବିଚ୍ଛିନ୍ନତାରେ ପୁତିଗନ୍ଧମୟ
ତା' ସୃଷ୍ଟିର ଜନ୍ମସ୍ଥାନ, ମନୁଷ୍ୟକୃତ ସୀମା ନିର୍ଦ୍ଧାରଣ...
ସେ ଜାଣେ ଅସ୍ତ୍ରାଗାରର କେଉଁ ଔଦ୍ଧତ୍ୟ ପ୍ରହରରେ
ନିରୁଦ୍ଦିଷ୍ଟ ପରଜନ କେମିତି ଛଳନାରେ ନିଜର ହୁଅନ୍ତି
ଆତ୍ମୀୟଙ୍କ ବିୟୋଗ ବିଚ୍ଛେଦରେ...
ଦୁର୍ନୀତିର ମହାମାରୀରେ ଲିପ୍ତ ମାର୍କାମରା ବିଦ୍ୱାନଙ୍କ ଆଢୁଆଳରେ
ଆଖିଥାଇ ବି ଗାନ୍ଧାରୀର ଯନ୍ତ୍ରଣା ଲଭୁଥିବା ଅସହାୟା ଧରଣୀ
ନିରନ୍ତର ପାଲଟୁଥାଏ ସ୍ୱୟଂସିଦ୍ଧା 'ଅନ୍ଧୁଣୀ'...
ଅନ୍ଧ ମହାଜନ ଆଇନାର ମୂଳ ସିନା ବୁଝିପାରେନା ଅଥଚ ଶୁଣିପାରେ
ପକ୍ଷୀମାନଙ୍କ ତୁନିତୁନି ଭାଷା, ବ୍ୟଥା ବେଦନାର ଅଫୁରନ୍ତ ବାର୍ତ୍ତା
ନିଜକୁ ମାନବବାଦର ଊର୍ଦ୍ଧ୍ୱରେ ରହି ଶ୍ରେୟ ମଣୁଥିବା ମୁଖାପିନ୍ଧା ହିଂସ୍ରକ
ଭାଗଭାଗ କରିବାକୁ ପଛାନ୍ତି ନାହିଁ ମାତୃତ୍ୱର ଅବିରତ ଅମୃତ ଧାରାକୁ
ଆଉ ସଜେଇ ଦିଅନ୍ତି ଅପହୃତ ସର୍ପର ଇତଃସ୍ତତଃ ଅଙ୍ଗ ଭଳି
ଆଜୀବନ ବନ୍ଦିନୀ... ମମତାନ୍ଧରେ ଅହଃନିଶି ସୁମଙ୍ଗଳ ବାର୍ତ୍ତା ବାଣ୍ଟୁଥିବା 'ଅନ୍ଧୁଣୀ'...
ସଦା ଚଳଚଞ୍ଚଳ ସତେଜ ପୁଷ୍ପବନ ଆହତ ବି ହୁଏ
କେଉଁ ଶବର ଭ୍ରମରର କରାଘାତରେ,
ନିଆଁରେ ଜଳିବା ନୂଆ ନହେଲେ ବି, ବଦନଜ୍ୱଳାରେ ସୃଷ୍ଟି କରୁଥାଏ ସେ
ଆତ୍ମ ଚିନ୍ତନର କୋମଳ କପୋତ କ୍ଷଣେ କ୍ଷଣେ
କିଏ କହେ ବାୟୁଦୂତ ପ୍ରବାସୀ ମନର, ମଧୁର ଆଶ୍ୱାସନା ମାତୃପଣର
ସେ ବି ଏକ ବିବର୍ତ୍ତନ, ସୃଷ୍ଟି ପ୍ରତିଶ୍ରୁତିର ଖୋଲା ଇସ୍ତାହାର...
ଚୋରା ବାଲିରେ ପତିତ ମରୁଯାତ୍ରୀ ପରି ଯୁଝୁଥାଏ ଅହରହ
ଯୋଡିବାକୁ ଜରାଶ୍ରମ ବୃଦ୍ଧାଶ୍ରମ ପରି ଅଲୋଡା ଲିପିରେ ଆଉ ଏକ ଫର୍ଦ୍ଦ
ନିସ୍ତବ୍ଧ ସାଗରର ବରଫ ପାହାଡପରେ ନିତି ଅପେକ୍ଷାରତ
ଗାଇବାକୁ 'ଅନ୍ଧୁଣୀ'ର ସତ୍ୟପାଠରେ ବିଳୟ ସଙ୍ଗୀତ...

*ଜଟଣୀ, ଖୋର୍ଦ୍ଧା,*
*ଦୂରଭାଷ : ୯୪୩୮୩୧୫୩୮୧*

ତେବେ ଶୁଣ ବିକ୍ରମ! ଗୋଟେ ଶୁଆ ଥିଲା। ଖୋଲା ଆକାଶରେ ଉଡୁଥିଲା, ଯେଉଁଠି ଚାହୁଁଥିଲା ବସୁଥିଲା। ଡେଣା ମେଲାଇ ଗୋଟେ ଗଛ ଡାଳରୁ ଆଉ ଗୋଟେ ଗଛ ଡାଳକୁ ଯାଇ ବସୁଥିଲା। କୌଣସି କଥାକୁ ନେଇ ତାର ଚିନ୍ତା ନଥିଲା। ଥରେ ତାକୁ କେହି ଧରିନେଲା ଓ ସେ ପିଜଂରାରେ ବନ୍ଦୀ ହୋଇଗଲା। ପ୍ରଥମ ଥର ସେ ଖୁବ୍ ବୋବେଇଲା ଟିଁ ଟିଁ କରି। କିନ୍ତୁ କିଛିଦିନ ପରେ ସେ ଶାନ୍ତ ହୋଇଗଲା। ତାକୁ ଆରାମଦାୟକ ଜୀବନ ପସନ୍ଦ ଆସିବାକୁ ଲାଗିଲା। ଦିନେ କଣ ହେଲା ନା ଜଣେ ବାଳକ ସେ ପିଂଜରାର ଦରଜା ଖୋଲିଦେଲା। ଜାଣ, ପୁଣି କଣ ହେଲା? ଶୁଆଟି ପିଂଜରାରୁ ଉଡିପାରିଥାନ୍ତା କିନ୍ତୁ ଉଡିଲା ନାହିଁ! କୁହ ବିକ୍ରମ, ଶୁଆଟି କାହିଁକି ଉଡିଗଲାନି? ଯଦିଓ ଜଣେ କବି ବହୁତ ଆଗରୁ ତାକୁ ସ୍ୱାଧୀନତା ଓ ଦାସତ୍ୱ ବିଷୟରେ କବିତାଟିଏ ଶୁଣାଇଥିଲେ। ପୁଣି କଣ ହେଲା ଯେ ସେ ଉଡିଲାନି? କୁହ, ଶିଘ୍ର କୁହ। ନହେଲେ ମୁଁ ଚାଲିଲି।


ରୁହ ବେତାଳ। ଯାଉଛ କୁଆଡେ? ମୋର ଉତ୍ତର ତ ଶୁଣିଯାଅ। ସେ ଶୁଆଟି ଜାଣିସାରିଥିଲା ସ୍ୱାଧୀନତାରେ ଲକ୍ଷଲକ୍ଷ ଅସୁବିଧା ଥାଏ। ପିଂଜରାରେ ସବୁ କିଛି ବିନା ପରିଶ୍ରମରେ ମିଳିଯାଉଥିଲା। ଠିକ୍ ସମୟରେ ଦାନା, ପାଣି..। ଯେବେ ଜୀବନର ମୌଳିକ ଜିନିଷଗୁଡିକ ଠିକ୍ ସମୟରେ ମିଳିଯାଏ, ତେବେ କିଏ କାହିଁକି..


ଏତିକି ଶୁଣି ବେତାଳ ବିକ୍ରମଙ୍କ କାନ୍ଧରୁ ଉଡିଗଲା ଏବଂ ଯାଇ ଗଛଡାଳରେ ଲଟକି ପଡିଲା।

***ଦୂରତା***

# ବିକ୍ରମ ଓ ବେତାଳ

ମୂଳ ରାଜସ୍ଥାନୀ ଓ ହିନ୍ଦୀ ରୂପାନ୍ତର- ଡ. ନୀରଜ ଦଇୟା
ଓଡିଆ ଅନୁସୃଜନ- ଡ. ମୌସୁମୀ ପରିଡା





ମୁଁ ଯେମିତି ପ୍ରଧାନ ଶିକ୍ଷକଙ୍କ ରୁମ୍‌ରୁ ବାହାରକୁ ଆସିଲି ମୋ ଆଖି ସାମ୍ନାକୁ ଗୋଟେ ନୂଆ ଚେହେରା ଆସିଲା। ଧୋତି, କୁର୍ତ୍ତା ପିନ୍ଧିଥିବା ସ୍ୱାସ୍ଥ୍ୟବାନ୍ ଯୁବକ ଜଣକ ମୁରୁକି ହସୁଥିଲେ। ସମସ୍ତଙ୍କ ସହିତ ଆଜି ପରିଚିତ ହେବାର ଦିନ ଥିଲା। ତାଙ୍କ ହାତ ସହ ହାତ ମିଶେଇବାକୁ ମୁଁ ମୋର ହାତ ବଢେଇଲି- ମୁଁ ଶିକ୍ଷକ ମଗନୀରାମ। ଆଜି ହିଁ ମୁଁ ଏଠାରେ ଯୋଗ ଦେଇଛି। ସେ ଯୁବକଜଣକ ଦୁଇପାଦ ପଛକୁ ଯାଇ ମୋ ଉଦ୍ଦେଶ୍ୟରେ ହାତ ଯୋଡିଲେ। ସେ କିଛି କହିବା ପୂର୍ବରୁ ମୋ ପଛରେ ଛିଡା ହୋଇଥିବା ଆଉ ଜଣେ ଶିକ୍ଷକ କହିଲେ- ଇଏ ଆମ ଏଠାକାର ଚତୁର୍ଥ ଶ୍ରେଣୀ କର୍ମଚାରୀ, ତୋଳାରାମ।

ମୋ ମନ ଯେମିତି ଗଭୀର ଖାଇରେ ପଡିଲା! ଚାରିଆଡକୁ ନଜର ପକେଇ ପରଖିନେଲି କି ସେ ଦୃଶ୍ୟକୁ କେଉଁ କେଉଁମାନେ ଦେଖିଛନ୍ତି! ସେ କଣ ମୋର ମୂର୍ଖତା ଥିଲା ଯାହାର ଏକମାତ୍ର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ମୁଁ ହିଁ ଥିଲି? ମୋ ଭିତରର ଶିକ୍ଷକ ମୋତେ କହୁଥିଲା- ତୁ କେତେ ପାଗଳ, ଯିଏ ମଣିଷର ଠିକ୍ ପରିଚୟ ବି ଜାଣିପାରେନାହିଁ! ନଜାଣି ନଚିହ୍ନି ସମସ୍ତଙ୍କ ଆଗରେ ହାତ ବଢେଇଦେବା କି ଦରକାର? ମୁଁ ଜାଣିପାରିଲିନି କେତେବେଳେ ତୋଳାରାମକୁ କହିଲି- ଏବେ ଏଠି ଘୋଡା ପରି ଛିଡା ହୋଇ କଣ କରୁଛ? ଯାଅ, ପାଣି ବୋତଲ ଭରି ନେଇଆସ।


*ମାର୍ଫତ / ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର।*
*କ୍ୱା. ନଂ- ୩ଆର/୪। ଜଗତସିଂହପୁର*

# କବିତାର କଥା

**(ଭାଗ-୬୨)**



**ଉମାକାନ୍ତ ରାଉତ**



## ପ୍ରେମର ପରିଭାଷା -ଚିନ୍ମୟତାର ସ୍ୱାକ୍ଷର

ଆପଣା କାମନାର ଇନ୍ଦ୍ରଧନୁରେ ଏମାନେ କବିତାର ଆକାଶକୁ ବର୍ଣ୍ଣିଳ କରିବାର ବୃଥା ପ୍ରୟାସ କରନ୍ତି ସିନା, ନିଜେ ଭାରି ଆହତ, ବେହିଆ ଓ ବିଟପାପଣର ଜୀବନ ବଞ୍ଚୁଥାଆନ୍ତି ।ଆମ ସମୟର ଅନେକ କବିଡିଣ୍ଡିମ ଏହି ଖଇଚ୍ଛାପଣରୁ ମୁକ୍ତ ନୁହନ୍ତି। କବିତାର ଏହି ନକଲି ନବାବମାନେ ଖୁବ୍ ଜୋରରେ ପାଗ ଭିଡ଼ନ୍ତି, ଶିରୋପା ଓ ଶିରୋନାମକୁ ଆଖେଇ ଥାଆନ୍ତି। ହେଲେ ସାଧନା ବିବର୍ଜିତ ଏହି ବ୍ୟକ୍ତିମାନେ ନିର୍ମଳ କବି ହେବାର ସୌଭାଗ୍ୟରୁ ବଞ୍ଚିତ ହୁଅନ୍ତି। ସେମାନେ ଚିରକାଳ ମନ୍ଦକବି ହୋଇ ରହିଯାଆନ୍ତି। ଗଣ୍ଡକୁହୁକରେ ଆଦୌ ବିଭ୍ରାନ୍ତ ହୋଇ ନଥିବା ସ୍ୱଭାବ କବି ଗଙ୍ଗାଧର ଏହି ଗଣ୍ଡକୁହୁକତାକୁ ନେଇ କ'ଣ କହନ୍ତି ଲକ୍ଷ୍ୟ କରାଯାଉ ---

"ବନେ ବନେ ଭ୍ରମି ଭ୍ରମି, ଗଣ୍ଡକୁହୁକ ନ ଭ୍ରମି
ବହୁ ବାଧା ଅତିକ୍ରମି ସ୍ୱଚ୍ଛ ଜୀବନେ
ଅନ୍ଧାର ଦୁଃଖ ନ ଗଣି,ଆଲୋକ ସୁଖ ନ ମଣି
ଚାଲିଛି ଦୂର ସରଣୀ ନତ ବଦନେ
ଜୀବନ କରୁଛି ସଫଳ
ତୋୟ ଦାନେ ତୋଷି ତୀରବାସୀ ସକଳ।"

ଏହି ପରିପ୍ରେକ୍ଷୀରେ ମୁଖାବହିର ପୂର୍ବୋକ୍ତ (ପୂର୍ବ ଭାଗରେ) କବିତାର ପଂକ୍ତି ପାଖକୁ ମୁଁ ଆପଣମାନଙ୍କୁ ନେଇଯିବାକୁ ଚାହେଁ। ଉକ୍ତ ପଂକ୍ତିଟି ଏହିଭଳି ହୋଇଥିଲେ କ'ଣ ହେଇଥା'ନ୍ତା?

ତୁମେ କି ବୁଝିଛ ଲୁହର କବିତା ବୁକୁର ନୀରବ ଭାଷା
ତୁମେ କି ଜାଣିଛ ଭଲ ପାଇବାଟା କେତେ ଯେ ଗହୀର ନିଶା?
ଏଠି କ'ଣ ପ୍ରେମ ନାହିଁ?

ପୂର୍ବୋକ୍ତ କବିତାରେ କେବଳ ଦେହ ଅଛି, ଆଦୌ ପ୍ରେମ ନାହିଁ। ପରବର୍ତ୍ତୀ କବିତାରେ ଦେହ ଅଛି, ପ୍ରେମ ବି ଅଛି। ଅନ୍ୟଭାବେ କହିଲେ ଦେହର ପ୍ରେମକୁ ଦେହାତୀତ କରି ମନର ଖାଦ୍ୟ ରୂପେ ପରଷି ପାରୁଛି ପ୍ରେମ କବିତା, ଯେଉଁଠି ଦେହ, ଚର୍ମ, ମାଂସ ହୋଇଯାଉଛି ଗୌଣ; ପ୍ରେମର ଅନୁଭବ, ପ୍ରେମକୁ ଭୋଗିବା ହୋଇଯାଉଛି ମୁଖ୍ୟ। ଆପଣମାନେ ବିଚାର କରନ୍ତୁ, ଆମେ କେଉଁଟିକୁ ଅସଲ ପ୍ରେମ କବିତା ବୋଲି କହିବା?

ପ୍ରେମ ପାଇଁ ପ୍ରେମ କରିବା (ପ୍ରେମକୁ ଭୋଗିବା) ଆଉ ପ୍ରଦର୍ଶନ ପାଇଁ ପ୍ରେମ କରିବା ଯେମିତି ଏକା କଥା ନୁହେଁ; କବିତା ପାଇଁ କବିତା ଲେଖିବା ଆଉ କବିତାକୁ କେବଳ ଛାପିବା ପାଇଁ (ପ୍ରଦର୍ଶନ/ ପୋଷ୍ଟିଂ ଆଦି ପାଇଁ)କବିତା ଲେଖିବା ସେମିତି ଏକା କଥା ନୁହେଁ। କବିତା ପ୍ରତି ପ୍ରେମ ରହିବା ନିହାତି ଜରୁରୀ। ତେବେ ସିନା ଉତ୍ତୁରି ପାରିବ ସଫଳ ପ୍ରେମ କବିତା! ଆପଣାର ଚିତାଗ୍ନି ଦେଖିବାର ଚଉଡ଼ା କପାଳ ଘେନି ପାରିବ କବି.....

ବାସ୍ତବ ପ୍ରେମିକ ବନିବା ଏତେ ସହଜ କଥା ନୁହେଁ। ପ୍ରେମ ତ ସାଧନାର କଥା, ସିଦ୍ଧିର କଥା, କାୟ ମନ ବାକ୍ୟ ଆଢୁଆଳରେ କୌସ୍ତୁଭ ମଣିର କଥା! ସଚ୍ଚା ପ୍ରେମିକଟିଏ ଛାତିରେ ହାତ ଦେଇ ବ୍ରହ୍ମାଣ୍ଡକୁ ଚ୍ୟାଲେଞ୍ଜ୍ କରିପାରେ.......ଏଇମିତି ଢଙ୍ଗରେ.....

ଆକାଶର ଅନନ୍ତ ସୀମାକୁ ପଚାର
ମୋର ଭଲ ପାଇବାର କଥା
ସମୁଦ୍ରର ବେସାଲିସ୍ ଢେଉକୁ ପଚାର
ମୋର ନିବିଷ୍ଟ ହେବାର ପ୍ରମତ୍ତତା
ହିମାଳୟର ବିସ୍ତୀର୍ଣ୍ଣତାକୁ ପଚାର
ମୋ' ଛାତିର ସ୍ଥିତପ୍ରଜ୍ଞ ଦାମ୍ଭିକତା।
ଗତକାଲି ନିସ୍ତବ୍ଧ ରାତିରେ
ସୂର୍ଯ୍ୟ ସହ ଏଇମତେ ହୋଇଅଛି ଚୁକ୍ତି
ସିଏ ଆଉ ମୁଁ, ଆମେ ଦୁହେଁ ମିଶି
ନିୟନ୍ତ୍ରଣ କରିବୁ ଏ ବ୍ରହ୍ମାଣ୍ଡର ଗତି।

ବ୍ରହ୍ମାଣ୍ଡର ଗତିକୁ ନିୟନ୍ତ୍ରଣ କରିବାର ଆସ୍ପର୍ଦ୍ଧା ରଖୁଥିବା ପ୍ରେମିକଟି କବି ନୁହେଁ ତ ଆଉ କିଏ ?

ହେଲେ ସେ ପ୍ରେମରେ ଦମ୍ ଥିବା ଦରକାର। ଦମ୍ ଥିଲେ ସିନା କବିତା ହବ ଦମଦାର୍ .....! ଏଇଠି ଏ ମାଟିର ଆଉ ଜଣେ ସଚ୍ଚା ପ୍ରେମିକ କବି ବସନ୍ତ ମୁଦୁଲିଙ୍କ ପ୍ରେମର ନିଆରା ପରିଭାଷାକୁ ଲକ୍ଷ୍ୟ କରିବା ---

ସୁତରାଂ,
ଜର୍ଦ୍ଦା ଖୋଲାରଖ ପ୍ରିୟଜନେ
ହୁଏତ ଗର୍ଭ ଯନ୍ତ୍ରଣାର ସୂର୍ଯ୍ୟ ସ୍ନାନରେ
ନାଚି ଉଠିବ ତାଜୁବ୍ ଶିଶୁର ହସ
ଆତ୍ମସ୍ଥ ଉପଲବ୍ଧିର ମଧୁର ବର୍ଷାରେ
ମଶାଣି ପାଲଟିଯିବ ଏନ୍ତୁଡ଼ିଶାଳ!

ବାଟ ହୁଡ଼ିଥିବା ନଈକୁ ପୁଣି ଫେରେଇ ଆଣିବାକୁ ହେବ।

*(କ୍ରମଶ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

## ନୂଆ ଜନ୍ମ



**ଡ. ସ୍ନିଗ୍ଧା ପଣ୍ଡା**

ଯେତେ ଭାଙ୍ଗୁଛ ଭାଙ୍ଗ,
ଯେତେ ଫିଙ୍ଗୁଛ ଫିଙ୍ଗ,
ଯନ୍ତ୍ରଣାର, ଅପମାନର ପାହାଡ଼
ଲଦି ଦିଅ
ଯାହା ଇଚ୍ଛା କରୁଛ କର
ଜାଳିଦିଅ, ପୋଡି ଦିଅ
ଜଳି ସାରି ପାଉଁଶ ହେଲା ପରେ
ତା ଭିତରୁ ସିନା ଉଠିବି
ପୂରା ଜଳି ନ ଗଲେ ପୁନର୍ଜନ୍ମ
କେମିତି ପାଇବି?
ମୁଁ କାହିଁକି ଯୁଦ୍ଧ କରୁଥିବି
ସବୁଦିନ ପୃଥିବୀରେ
ମତେ ତ ଉଡ଼ିବାକୁ ଅଛି
ଦୂରକୁ, ଉପରକୁ,
ତେବେ ସମୟକୁ,
ରାସ୍ତାକୁ, ଉଚ୍ଚତାକୁ
ଅଛି କଣ ଡରିବାରେ?
ଅମୂଲ୍ୟ ମୁହୂର୍ତ୍ତ
କିଛି ନାହିଁ ମୋର
ହାରିବାର କି ହଜେଇବାର
ଦିନ ପରେ ଦିନ
ନିଜର ଟୁକୁଡ଼ା ନିଜେ ହିଁ
ବୋହିଲା ପରେ
ଆଉ କଣ ମାନେ ଥାଏ କିଛି
ଦୁଃଖ ଲୁଚେଇବାର?
ଏବେ ନିଜ ଭିତରକୁ ଚାହିଁ ଦେଖ
ନା ତମର ଶବ୍ଦ ଅଛି ନୂଆ
ନା ତମର ଅସ୍ତ୍ର ଅଛି ନୂଆ
ଯେତେ ରକ୍ତାକ୍ତ କରୁଛ କର
ଛିଣ୍ଡି ପଡିଥିବା ଡେଣାରେ
ନୂଆ କଷ୍ଟ ହୁଏ ନାହିଁ
ଥରେ ଖସି ପଡିବା,
ଭାଙ୍ଗିଯିବା, ଜଳିଯିବା ହିଁ ଠିକ୍
ନୂଆ ଜନ୍ମ ପାଇଁ?

ଭୁବନେଶ୍ୱର
ଦୂରଭାଷ : ୯୮୬୧୩୨୩୬୫୦

## ଚେତାବନୀ

**ଯୁଧିଷ୍ଠିର ପ୍ରଧାନ**



ଜୀବନକୁ ଥରେ ପଚାରି ବୁଝିଛ
ଆସିଅଛି କାହିଁ ପାଇଁ
କ'ଣ ଏଠୁ ନେବା ପାଇଁ
ପୁଣି, କିବା ଦେଇଯିବା ପାଇଁ।
ସଂସାର ହାଟରୁ ସଉଦା କରୁଛ
ତୁମ ମୁଣାଟା ପୂରିଲା ନାହିଁ
ମନହୁଏ ହାଇଁପାଇଁ,
ପ୍ରତିଯୋଗିତାରେ ଜିତିଜିବୁ ବୋଲି
ଧାଉଁ ହୋଇ ଧଇଁସଇଁ।
ମାୟା ମରୀଚିକା ମୃଗ ତୃଷ୍ଣା ଜଳ
ପଛେ ଖରତରେ ଧାଇଁ
ଜଳତ ପାଇବୁ ନାହିଁ
ମରିବା ବେଳକୁ ପାଖରେ ନଥିବେ
ପୁତ୍ର ନାତି ଜ୍ଞାତିଭାଇ
ସହାୟତା ଦେବା ପାଇଁ।
ଗର୍ବ ଅଭିମାନ ଦମ୍ଭ ବାଡି ଧରି
କେତେବା ଚାଲିବୁ ତୁହି
ସବୁ ଜଳିଯିବ ଜୁଇ ଚିତାନଳେ
ଚାହିଁଛି ମଶାଣୀ ଭୂଇଁ,
ଶିବରୁ "ଇ" କାର କାଟି ଦେଇ ତୋତେ
କୋଳକୁ ତା' ନେବ ବୋହି।
ସଂସାରୀ ମଣିଷ ହେବା ପାଇଁ ସିନା
କହିଥିଲେ ସାଧୁଜନ
ନୀତିକୁ ଆୟତ ନକରି ଅଚିରେ
ଦୁର୍ନୀତିରେ ଦେଲୁ ମନ,
ଶେଷରେ ପାଇବୁ ଲଜ୍ୟା ଅପମାନ
ନରହିବ ସଜମାନ।
ସେଥିପାଇଁ ତୋତେ ଚେତାଇ ଦେଉଛି
କଥା ମୋ'ର ରଖିବୁ ଧନ।
କାଣ୍ଟିବଗ ହୋଇ ଗେଣ୍ଡା ଗିଳିବାକୁ
ନକରିବୁ କେବେ ମନ
ଲୋଭ ମୋହ ତେଜି ଈଶ୍ୱରଙ୍କୁ ଭଜି
ମାନବ ସେବା କରିବୁ,
ଆଶୀର୍ବାଦ ବଳେ ତୋର ଅନ୍ତକାଳେ
ବଇକୁଣ୍ଠେ ଯାଇ ବସିବୁ।

*ମଧୁପୁର, ବାରଙ୍ଗ, କଟକ*

# ବଢ଼ିପାରେ ଚିନି ଦର



**ଭୁବନେଶ୍ୱର :** ବେଲଗାମ ପେଟ୍ରୋଲ ଓ ଡିଜେଲ ଦର । ୟୁକ୍ରେନ ଯୁଦ୍ଧ ପାଇଁ ସୂର୍ଯ୍ୟମୁଖୀ ତେଲ, ଅଟା ଓ ଗହମ ଜାତୀୟ ଉତ୍ପାଦର ଦର ବି ଆକାଶଛୁଆଁ । ମହଙ୍ଗା ମାଡରେ ସଢୁଥିବା ଖାଉଟି ପାଇଁ ଏବେ ବେଡି ଉପରେ ଆହୁରି କୋରଡା ମାଡ ଦେବାକୁ ଯାଉଛି ଚିନି । ଦେଶରେ ଚିନିର କୃତ୍ରିମ ଅଭାବ ସୃଷ୍ଟି ହେବା ଆଶଙ୍କା ଉପୁଜିଛି । ବିଶ୍ୱରେ ଏକ ନମ୍ବର ଚିନି ଉତ୍ପାଦନକାରୀ ରାଷ୍ଟ୍ର ବ୍ରାଜିଲରେ ମରୁଡି ପାଇଁ ଉତ୍ପାଦନ ବାଧାପ୍ରାପ୍ତ । ଭାରତ ଦ୍ୱିତୀୟ ବୃହତ ଉତ୍ପାଦନକାରୀ ରାଷ୍ଟ୍ର । ଏହାର ଫାଇଦା ନେବା ପାଇଁ ବଡ଼ ବଡ଼ ରପ୍ତାନୀକାରୀ କମ୍ପାନୀମାନେ ଚିନି ହୋର୍ଡିଂ କରିବା ଆରମ୍ଭ କରିଦେଇଛନ୍ତି। ଚିନି ଅଭାବରୁ ଋଷ ଓ ଇଉରୋପରେ ଦର ହୁ ହୁ ହୋଇ ବଢ଼ି ଚାଲିଛି । ଚଳିତବର୍ଷ ଭାରତରେ ୩ କୋଟି ୧୦ ଲକ୍ଷ ଟନ୍ ଚିନି ଉତ୍ପାଦନ ହୋଇଛି । ମାସିକ ୨୩ ଲକ୍ଷ ଟନ୍ ହିସାବରେ ଦେଶରେ ବାର୍ଷିକ ଘରୋଇ ଚାହିଦା ପାଇଁ ୨ କୋଟି ୭୬ ଲକ୍ଷ ଟନ୍ ଆବଶ୍ୟକ । ଏବେ ଚିନି ଖୁଚୁରା ବଜାରରେ ୪୦ ଟଙ୍କାରେ ବିକ୍ରି ହେଉଛି । ଯୋଗାଣ ବି ସ୍ୱାଭାବିକ ରହିଛି । କିନ୍ତୁ ଆଗକୁ ଭାରତ ସରକାର ରପ୍ତାନୀ ଉପରେ କଟକଣା ନ ଲଗାଇଲେ ଚିନିରେ ବଳକା ରାଷ୍ଟ୍ର ହୋଇ ବି ଭାରତରେ ଚିନିରେ ଘୋର ସଂକଟର ସାମନା କରିବାକୁ ପଡିପାରେ। ଓଡ଼ିଶାରେ ମାସିକ ୬୦ରୁ ୭୦ ହଜାର ଟନ୍ ଚିନି ଆବଶ୍ୟକ । ହିସାବ ଲଗାଇଲେ ବାର୍ଷିକ ରାଜ୍ୟର ଚିନି ଆବଶ୍ୟକତା ୫ ଲକ୍ଷ ଟନ୍ରୁ ସାଢ଼େ ୫ ଲକ୍ଷ ଟନ୍ । ରାଜ୍ୟର ଆସିକା ଓ ଢେଙ୍କାନାଳରେ ଥିବା ଦୁଇଟି ଚିନିକଳରୁ ବାର୍ଷିକ ମାତ୍ର ୩୦ ହଜାର ଟନ୍ ଚିନି ଉତ୍ପାଦନ ହେଉଛି । ଯାହାକି ଆବଶ୍ୟକତାର ମାତ୍ର ୬ ପ୍ରତିଶତ । ବାକି ୯୪ ପ୍ରତିଶତ ଚିନି ମହାରାଷ୍ଟ୍ର, ଉତ୍ତରପୂର୍ବ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରୁ ଆମଦାନୀ କରି କେନ୍ଦ୍ର ସରକାର ଯୋଗାଇଥାନ୍ତି । ରାଜ୍ୟ କୃଷି ବିଭାଗର ତଥ୍ୟ ଅନୁଯାୟୀ ଆଖୁ ଚାଷୀଙ୍କୁ କ୍ୱିଣ୍ଟାଲ ଆଖୁ ପିଛା ଏଫ୍ଆର୍ପି ଦର ହିସାବରେ ୨୭ ଟଙ୍କା ୫୦ ପଇସାରୁ ୨୮ ଟଙ୍କା ମିଳୁଛି । ଚିନି ରପ୍ତାନୀ ବୃଦ୍ଧି ପାଇଲେ ଆଖୁ ଚାଷୀମାନେ ଭଲ ଅର୍ଥ ପାଇବେ । କିନ୍ତୁ ଘରୋଇ ଚାହିଦା ପୂରଣ ନ କରି ରପ୍ତାନୀକୁ ଗୁରୁତ୍ୱ ଦେଲେ ଦେଶରେ ଚିନି ଦର ହୁ ହୁ ହୋଇ ବଢ଼ିଯିବ। ବର୍ତ୍ତମାନର ସ୍ଥିତିକୁ ଦେଖି କେନ୍ଦ୍ର ବାଣିଜ୍ୟ ମନ୍ତ୍ରାଳୟ ଏବର୍ଷ ଚିନି ରପ୍ତାନୀ ୮୦ ଲକ୍ଷ ଟନ୍ ଭିତରେ ସୀମିତ ରଖିବାକୁ ନିର୍ଦ୍ଦେଶ ଦେଇଛି । କିନ୍ତୁ ଏବେ ସୁଦ୍ଧା ଭାରତରୁ ୭୫ ଲକ୍ଷ ଟନ୍ ଚିନି ରପ୍ତାନୀ ହୋଇ ସାରିଲାଣି । ରପ୍ତାନୀକାରୀମାନେ କେନ୍ଦ୍ର ସରକାରଙ୍କ ଏହି ନିୟମକୁ କେତେଦୂର ପାଳନ କରିବେ ସେ ନେଇ ଆଶଙ୍କା ପ୍ରକାଶ ପାଇଛି।

# ନ୍ୟାୟ ନ ମିଳିଲେ ଧାରଣାରେ ବସିବେ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ



**ଭଦ୍ରକ :** ବନ୍ତ ବ୍ଲକରେ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ଟୁନାବାଳା ଦାସ ଅଭିଯୋଗ କରିଛନ୍ତି ଯେ, ବିଇଓ ତାଙ୍କ ପ୍ରତି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହିତ ଅଭଦ୍ରୋଚିତ କଥାବାର୍ତ୍ତା କରୁଛନ୍ତି। ଯାହାକୁ ନେଇ ପୂର୍ବରୁ ଶ୍ରୀମତୀ ଦାସ ବାରମ୍ବାର ଅଭିଯୋଗ କରି ଆସିଛନ୍ତି। ହେଲେ ଏଥିରେ ବିଇଓ ନିଜ ବ୍ୟବହାରରେ କୌଣସି ପରିବର୍ତ୍ତନ ନ ଆଣିବାରୁ ବାଧ ହୋଇ ସେ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ବିଇଓ ଶ୍ରୀମତୀ ଦାସଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ସହିତ କାର୍ଯ୍ୟରେ ଅବହେଳା କରୁଥିବା ନେଇ ମିଥ୍ୟା ଅଭିଯୋଗ ଆଣିଛନ୍ତି। ତନ୍ମଧ୍ୟରେ ପ୍ରୋଗ୍ରାମ ଠିକ୍ ନଥିବା ଦର୍ଶାଇ ଶ୍ରୀମତୀ ଦାସଙ୍କୁ ଗାଳିଗୁଲଜ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିସହିତ ଶ୍ରୀମତୀ ଦାସ କହିଛନ୍ତି ଯେ, ପ୍ରତି ପ୍ରୋଗ୍ରାମ ପାଇଁ ବିଇଓ ତାଙ୍କୁ ୧୫ଶହ ଟଙ୍କା ଲାଞ୍ଚ ମାଗୁଛନ୍ତି। ଲାଞ୍ଚ ଟଙ୍କା ନ ପାଇଲେ କୌଣସି ପ୍ରୋଗ୍ରାମ ବାବଦୀୟ ଅର୍ଥ ପେମେଣ୍ଟ କରୁନାହାନ୍ତି। ଯେଉଁଥିପାଇଁ ଶ୍ରୀମତୀ ଦାସ ମାନସିକ ସ୍ତରରେ ଖୁବ୍ ଭାଙ୍ଗିପଡିବା ସହିତ ବିଇଓଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ଯଦି ଆଗାମୀ ଦିନରେ ଜିଲ୍ଲାପାଳ ଉକ୍ତ ଘଟଣାରେ ହସ୍ତକ୍ଷେପ ନକରି ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ନକରନ୍ତି ତେବେ ସେ ଦିବ୍ୟାଙ୍ଗ ପିଲାମାନଙ୍କ ଅଭିଭାବକମାନଙ୍କୁ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ଦୋଳ ମେଳଣ ପର୍ବ ସାଙ୍ଗକୁ ଗୋପାଳମାନଙ୍କ କାଠି ଲଉଡି ଖେଳ






**ଜଗତ୍ସିଂହପୁର :** ଚଳିତ ବର୍ଷ ପଂଚାୟତ ନିର୍ବାଚନ ସାଙ୍ଗକୁ ପୌର ନିର୍ବାଚନ ପ୍ରଚାର ମାହଲରେ କର୍ମୀମାନେ ବ୍ୟସ୍ତ ଥିଲେ ବି ଦୋଳ ମେଳଣ ହେଉ ବା ଗୋପାଳ ଭାଇମାନଙ୍କ ବର୍ଷକର ବଡ ପର୍ବ ଜାଡୁଆ ଭାବେ ଏକମାସ ଧରି ନିଷ୍ଠାରେ ଥିବା ଗୋପାଳ ଭାଇମାନେ ତାଙ୍କର ବୟସ୍କ ମାନଙ୍କ ଠାରୁ ଆରମ୍ଭ କରି ଛୋଟଛୋଟ କୁନି ପିଲାମାନଙ୍କୁ ସଙ୍ଗରେ ନେଇ ଗାଁରେ ଗାଁରେ ବୁଲି ଦେବପୀଠ ସ୍ଥଳିମାନ ଦର୍ଶନ କରି ଘରକୁ ଫେରିବା ଲୋକମାନଙ୍କୁ ବହୁତ ଆନନ୍ଦ ଦେଇଥାଏ। ଏପରିକି ଜାଡୁଆମାନେ ଅଂଟାରେ ଘଂଟି, ଘାଗୁଡି ମାନ ବାନ୍ଧି ହାତରେ କେନ୍ଦୁ ବାଡି ଧରି ଓ ବେକରେ ଫୁଲହାର ପକାଇ ଦୌଡି ଦୌଡି ଚାଲୁଥିବା ବେଳେ ସାଙ୍ଗରେ ଥିବା ଗୋପାଳ ଭାଇମାନେ ଶିଙ୍ଗା ଫୁଙ୍କି ଯିବା ବେଳ ଲୋକମାନଙ୍କୁ ବି ମୋହିତ କରିଥାଏ। ଏହି ଦୋଳ ପର୍ବକୁ ଗୋପାଳ ଭାଇମାନେ ଦେଶ ବା ବିଦେଶରେ ଥିଲେ ବି ତାଙ୍କର ଏହି ବଡପର୍ବକୁ ଗାଁକୁ ଫେରି ପର୍ବକୁ ଖୁବ ମଉଜ ମଜଲିସ୍ରେ ପାଳନ କରୁଥିବାର ଦେଖିବାକୁ ମିଳିଥାଏ। ସେହିପରି ଗୋପାଳ ଭାଇମାନେ ବିଭିନ୍ନ ରଙ୍ଗର ପୋଷାକ ପରିଧାନ କରି ଗ୍ରାମାଂଚଳମାନଙ୍କରେ କାଠି ଲଉଡି ଖେଳି ଜନସାଧାରଣମାନଙ୍କୁ ବିମୋହିତ କରିଥାନ୍ତି। ଏହି କାଠି ଲଉଡି ଖେଳ ମାନଙ୍କରେ ଗୋପାଳ ମାନଙ୍କର ଗୀତ ସାଙ୍ଗକୁ ମାଇକ ଓ ଲାଇଟ ଏକପ୍ରକାର ଲୋକମାନଙ୍କୁ ଚକିତ କରିଦେଉଥିବା ବେଳେ ସେମାନଙ୍କର ପର୍ବକୁ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି। ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମ ଠାକୁରାଣୀଙ୍କ ପୀଠ ସ୍ଥଳୀ ନିକଟରେ କାଠି ଲଉଡି ଖେଳ ବହୁ ବର୍ଷ ଧରି ଚାଲିଥିଲେ ବି ଆଜି ପର୍ଯ୍ୟନ୍ତ ତାହା ବଳବନ୍ତର ରହିଛି। କାଠି ଲଉଡି ଖେଳକୁ ଜନସାଧାରଣଙ୍କ ନିକଟତର କରିବା ପାଇଁ ବିଭିନ୍ନ ବାଦ୍ୟ ଯନ୍ତର ବି ବ୍ୟବହାର କରାଯାଉଥିବାର ଦେଖିବାକୁ ମିଳିଥିଲା। ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ଦୋଳ ମଣ୍ଡପ ପରିସରରେ ଦୋଳ ଉତ୍ସବ ମାନ ଖୁବ୍ ଶାନ୍ତି ଶୃଙ୍ଖଳାର ସହିତ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଦୋଳ ମେଳଣ ଉତ୍ସବ ମାନଙ୍କରେ ବହୁ ସଂଖ୍ୟାରେ ଦୋଳମାନ ଆସି ବିଭିନ୍ନ ସ୍ଥାନମାନ ଭ୍ରମଣ କରି ଦୋଳ ସ୍ଥାନରେ ଏକାଠି ହୋଇଥିଲେ। ଏହି ଦୋଳବିମାନ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଜନସାଧାରଣଙ୍କ ଭିଡ ଲାଗୁଥିବାର ଦେଖାଯାଉଥିଲା। ଲୋକମାନଙ୍କ ସଂଖ୍ୟା ଦେଖି ଥାନା ପକ୍ଷରୁ ସମସ୍ତ ପ୍ରକାର ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ପୋଲିସ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ବି କରାଯାଉଥିଲା। କୋଭିଡ କଟକଣାକୁ ଦେଖି ଦୁଇବର୍ଷ ଧରି ଏପରି ଦୋଳ ଉତ୍ସବ ପାଳନ ଉତ୍ସବ କରିବାରେ ବ୍ୟାପକ ରୋକ ଲଗାଯାଇଥିଲା ହେଲେ ଚଳିତ ଥର ଦୋଳ ମେଳଣ ସାଙ୍ଗକୁ ଗୋପାଳ ଭାଇମାନଙ୍କ ଜାଡୁଆ କାର୍ଯ୍ୟକ୍ରମ କାଠି ଲଉଡି ଖେଳସବୁ ଖୁବ୍ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଥିଲା।

# ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ



**ନବରଙ୍ଗପୁର :** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧିନରେ ଥିବା ଧାମନାଗୁଡା ଗ୍ରାମ ପଞ୍ଚାୟତ ରେ ନବ ନିର୍ବାଚିତ ସରପଞ୍ଚ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବହୁ ବିଜେଡିକର୍ମୀ ମାନଙ୍କ ପଟୁଆରରେ ବାଦ୍ୟନାଦ ନାଚ ଗୀତରେ ମହାଆନନ୍ଦ ରେ ଗ୍ରାମ ପରିକ୍ରମା କରାଇ ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ରେ ପହଞ୍ଚାଇ ଥିଲେ। ଆଗରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୀମୂତ ବାହାନ ଭଞ୍ଜ ସରପଞ୍ଚ ଭଗତରାମ ମାଝିଙ୍କୁ ପୁଷ୍ପ ମାଲ୍ୟ ପ୍ରଦାନ କରି ଫୁଲ ତୋଡ଼ା ଦେଇ ସ୍ୱାଗତ କରି ସରପଞ୍ଚଙ୍କ ବସିବା କୋଠରୀକୁ ନେଇ ବସାଇ ଥିଲେ। ସେଠାରେ ପଞ୍ଚାୟତ ନିର୍ବାହୀ ପଞ୍ଚାୟତ ରେଜିଷ୍ଟର ଦେଖାଇ ଦସ୍ତଖତ କରାଇ ଦାଇତ୍ୱ ହସ୍ତାନ୍ତର କରାଇ ଥିଲେ। ଏହି ଅବସରରେ ଝରିଗାଁ ବିଧାୟକ ପ୍ରତିନିଧି ରାମଧର ମାଝି, ବିଜେଡି ପଞ୍ଚାୟତ ସଭାପତି ମହେନ୍ଦ୍ର ପନକା, ପୂର୍ବତନ ସରପଞ୍ଚ ସୁନାମଣି ମାଝି, ଗ୍ରାମ ରୋଜଗାର ସେବକ ପ୍ରଶାନ୍ତ କୁମାର ଛାଟୋଇ, ଯୋଗାଣ ସହାୟକ ପ୍ରଫୁଲ୍ଲ କୁମାର ପନକା, ଜଗଲ ପୂଜାରୀ, ଭୀମ ପନକା, ଚୈତନ ପନକା, ଦୁର୍ଜନ ପନକା, ଗୋପୀ କଲାର, ମାନସିଂ ଭତ୍ରା, ତ୍ରିଲୋଚନ ଭତ୍ରାଏବଂ ସମସ୍ତ ୱାର୍ଡ ସଭ୍ୟ ସଭ୍ୟାଙ୍କ ସମେତ ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ

# ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ପାଳନ ଉତ୍ସବ



**ଜଗତ୍ସିଂହପୁର :** ଜିଲ୍ଲା ପ୍ରଶାସନ ଓ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ନିକଟରେ ଥିବା ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ପରେ ସେ ଜଗତସିଂହପୁର ଥାନା ପରିସର ଓ ଗାନ୍ଧୀ ଛକଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମଧ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା ଉପସ୍ଥିତ ରହି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ପରିଷଦ ଉପାଧକ୍ଷ ହେଲେ ସ୍ୱାଧୀନ ନାୟକ



**ଅସ୍ତରଙ୍ଗ:** ପୁରୀ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ଉପାଧକ୍ଷ ପଦବୀ ନିମନ୍ତେ ନିର୍ବାଚନ ହୋଇଥିଲା। ପୁରୀ ଜିଲ୍ଲାର ୩୩ଜଣ ଜଣ ଜିଲ୍ଲାପରିଷଦ ପ୍ରାର୍ଥୀ ଏହି ନିର୍ବାଚନରେ ଅଂଶଗ୍ରହଣ କରିଥିବା ବେଳେ ୩୦ଜଣ ଜିଲ୍ଲା ପରିଷଦ ବିଜୁଜନତା ଦଳର ଓ ୩ଜଣ ବିଜେପି ଜିଲ୍ଲା ପରିଷଦପ୍ରାର୍ଥୀ। ଏହି ନିର୍ବାଚନରେ ୮ନଂ ଜୋନରୁ ବିପୁଳ ସଂଖ୍ୟାରେ ନିର୍ବାଚିତ ହୋଇଥିବା ସ୍ୱାଧୀନ ନାୟକ ଉପାଧକ୍ଷ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନିର୍ଦ୍ୱନ୍ଦରେ ସ୍ୱାଧୀନ ନାୟକ ଉପାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଶ୍ରୀଯୁକ୍ତ ନାୟକ କାକଟପୁର ନିର୍ବାଚନ ମଣ୍ଡଳୀର ଚାଣ୍ୟକ ଭାବେ ବେଶ୍ ଜଣାଶୁଣା। ପୂର୍ବତନ ମନ୍ତ୍ରୀ ବର୍ଷିୟାନ ନେତା ସୁରେନ୍ଦ୍ରନାଥ ନାୟକଙ୍କ ସୁପୁତ୍ର ଅଟନ୍ତି। ଶ୍ରୀଯୁକ୍ତ ନାୟକ ଅସ୍ତରଙ୍ଗ ବ୍ଲକରେ ଦୀର୍ଘ ଦଶନ୍ଧି ଧରି ବ୍ଲକ ଅଧକ୍ଷ ଭାବେ ନିଜ ଗୁରୁଦାୟିତ୍ୱ ତୁଲାଇ ଆସୁଥିଲେ। ସେ ଜଣେ କର୍ମବୀର ଯୁବନେତା ଭାବେ ନିର୍ବାଚନ ମଣ୍ଡଳୀରେ ବେଶ୍ ଜଣାଶୁଣା। ସ୍ୱାଧୀନ ନାୟକ ଉପାଧକ୍ଷ ଭାବେ ନିର୍ବାଚିତ ଖବର ଶୁଣି କାକଟପୁର ନିର୍ବାଚନ ମଣ୍ଡଳୀର ବିଜେଡି କର୍ମୀମାନେ ବାଣ ଫୁଟାଇ ମିଠା ବାଣ୍ଟି ଉତ୍ସବ ପାଳନକରିଥିଲେ। ଶ୍ରୀଯୁକ୍ତ ନାୟକଙ୍କୁ କାକଟପୁର ବିଧାୟକ ଯୁବକ୍ରୀଡା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡ଼ିଶା କର୍ମଜିବୀ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଓଡ଼ିଶା କର୍ମଜିବୀ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ଶରତ ପରିଡ଼ା, ସମ୍ପାଦକ ତ୍ରିଲୋଚନ ମିଶ୍ର, କାକଟପୁର ବ୍ଲକ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି କବିରାଜ ବିଶ୍ୱାଳ, କାକଟପୁର ପଞ୍ଚାୟତ ସରପଞ୍ଚ ଅଭୟ ସେଠୀ, ସମାଜସେବୀ ଦିଲ୍ଲୀପ ବରାଳ ପ୍ରମୁଖ ଫୁଲଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡି ହାତରେ ...

ଅନ୍ୟପକ୍ଷରେ ବିଜୁ ଜନତା ଦଳ ୭୩ଟି ପୌରାଞ୍ଚଳରେ ଅଧକ୍ଷ ପଦ ବଜାୟ ରଖିବାରେ ସଫଳ ହୋଇଛି। ସୁଚନା ଅନୁସାରେ ଅନୁଗୁଳର ୩ଟି ପୌରାଞ୍ଚଳରୁ ୩ଟି ଯାକ ବିଜେଡି ଖାତାକୁ ଯାଇଛି। ବରଗଡ଼ ଜିଲ୍ଲାର ୪ ଆସନରୁ ୩ ବିଜେଡିକୁ ଯାଇଥିବା ବେଳେ ଗୋଟିଏରେ ସ୍ୱାଧୀନ ବିଜୟୀ ହୋଇଛନ୍ତି। ବୌଦ୍ଧ ଓ ଦେବଗଡ଼ର ପୂରା ପୌରାଞ୍ଚଳକୁ କରାୟତ କରିଛି ଶାସକ ଦଳ। ଢେଙ୍କାନାଳ ଜିଲ୍ଲାର ୩ଟି ପୌରାଞ୍ଚଳ ମଧ୍ୟରୁ ବିଜେଡିକୁ ୨ଟି ମିଳିଥିବା ବେଳେ ବିଜେପିକୁ ଗୋଟିଏ ମିଳିଛି। ସେହିପରି ଜଗତସିଂହପୁର ଜିଲ୍ଲାର ୨ଟି ପୌରାଞ୍ଚଳକୁ ଭାଗ କରି ନେଇଛନ୍ତି ବିଜେଡି ଓ କଂଗ୍ରେସ। ଯାଜପୁର ଜିଲ୍ଲାର ୨ଟିରୁ ୨ଟି ପୌରାଞ୍ଚଳ ବିଜେଡି ହାତକୁ ଯାଇଛି। କଳାହାଣ୍ଡିର ୪ଟି ପୌରାଞ୍ଚଳକୁ ସମାନ ଭାବେ ଭାଗ କରି ନେଇଛନ୍ତି ବିଜେଡି ଓ ବିଜେପି। କୋରାପୁଟ ଜିଲ୍ଲାର ୪ ପୌରାଞ୍ଚଳରୁ କଂଗ୍ରେସ ଖାତାକୁ ୨ଟି ଯାଇଥିବା ବେଳେ ବାକି ଦୁଇଟିକୁ ବିଜେଡି ଓ ସ୍ୱାଧୀନ ବାଣ୍ଟି ନେଇଛନ୍ତି। ମାଲକାନଗିରିର ୨ଟି ପୌରାଞ୍ଚଳକୁ ବିଜେଡି ଓ ବିଜେପି ୧-୧ରେ ଭାଗ କରିଛନ୍ତି। ନବରଙ୍ଗପୁରର ଦୃଶ୍ୟପଟ୍ଟ ମଧ୍ୟ ସମାନ। ସେଠାରେ ବିଜେପି ଓ ବିଜେଡି ଗୋଟିଏ ଗୋଟିଏ ପୌରାଞ୍ଚଳ ନିଜ ଦଖଲକୁ ନେଇଛନ୍ତି। ସମ୍ବଲପୁର ଜିଲ୍ଲାରେ ମଧ ବିଜେଡି ଓ ବିଜେପି ୧-୧ ପୌରାଞ୍ଚଳରେ ବିଜୟୀ ହୋଇଛନ୍ତି। ମାତ୍ର ସୁବର୍ଣ୍ଣପୁରରେ ବିଜେଡି ସମସ୍ତ ୩ ପୌରାଞ୍ଚଳକୁ ପୋଛି ନେଇଛି। ସୁନ୍ଦରଗଡ଼ରେ ୩ ପୌରାଞ୍ଚଳରୁ ବିଜେଡି ଖାତାକୁ ୨ଟି ଯାଇଥିବା ବେଳେ ବିଜେପି ଗୋଟିଏ ପାଇଛି। ବାଲେଶ୍ୱରରେ ବାଜିମାତ କରିଛି ବିଜେଡି। ସେଠାରେ ୫ ପୌରାଞ୍ଚଳରୁ ବିଜେଡି ୪ଟିରେ ବିଜୟୀ ହୋଇଛି ଓ ବିଜେପି ଖାତାକୁ ଗୋଟିଏ ଯାଇଛି। ରାୟଗଡ଼ା ଜିଲ୍ଲାରେ ମଧ ବିଜେଡି ୨ଟି ପୌରାଞ୍ଚଳ ଦଖଲ କରିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀଙ୍କ ହାତକୁ ଗୋଟିଏ ଯାଇଛି। ଗଜପତି ଜିଲ୍ଲାର ୨ରୁ ୨ ପୌରାଞ୍ଚଳ ବିଜେଡି ଖାତାକୁ ଯାଇଛି। ସେହିପରି ନୟାଗଡ଼ ଜିଲ୍ଲାର ୪ ପୌରାଞ୍ଚଳରୁ ୨ଟିରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ବାକି ଦୁଇଟିରେ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। କିନ୍ତୁ ପୁରୀ ଜିଲ୍ଲାରେ ବିଜେଡି ୩ରୁ ୩ ପୌରାଞ୍ଚଳ ନିଜ ଦଖଲକୁ ନେଇଛି। ଅନୁଗୁଳ ଜିଲ୍ଲାରେ ମୋଟ ୫୫ଟି କାଉନସିଲ ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡିକୁ ୩୭, ବିଜେପିକୁ ୧୭, କଂଗ୍ରେସକୁ ନାହିଁ, ସ୍ୱାଧୀନକୁ ଗୋଟିଏ ଆସନରେ ବିଜୟ ମିଳିଛି। ବାଲେଶ୍ୱରରେ ମୋଟ ୯୩ କାଉନସିଲଙ୍କ ମଧ୍ୟରୁ ବିଜେଡିରୁ ୫୨, ବିଜେପିରୁ ୩୧, କଂଗ୍ରେସରୁ ୫ ଓ ସ୍ୱାଧୀନରୁ ୫ଜଣ ଜିତିଛନ୍ତି। ବରଗଡ଼ରେ ୫୨ ଜଣ, ବିଜେଡିରୁ ୪୧ଜଣ, ବିଜେପିରୁ ୮ଜଣ, କଂଗ୍ରେସରୁ ଜଣେ ଓ ୨ଜଣ ସ୍ୱାଧୀନ ପ୍ରାର୍ଥୀ କାଉନସିଲର ହୋଇଛନ୍ତି। ଭଦ୍ରକ ଜିଲ୍ଲାରେ ୭୯ରୁ ବିଜେଡିର ୩୮, ବିଜେପିର ୮, କଂଗ୍ରେସର ୧୬ ଓ ୫ ଜଣ ସ୍ୱାଧୀନ ପ୍ରାର୍ଥୀ କାଉନସିଲ ଭାବେ ନିର୍ବାଚିତ ହୋଇଛନ୍ତି। ଧାମନଗର ଗଣତି ହୋଇନାହିଁ। ଏଠାରେ ପୁଣି ଥରେ ନିର୍ବାଚନ ହେବ। ବଲାଙ୍ଗୀରରେ ୭୮ କାଉନସିଲରଙ୍କ ମଧ୍ୟରୁ ବିଜେଡିର ୫୨, ବିଜେପିର ୧୧, କଂଗ୍ରେସର ୧୪, ଜଣେ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ସେହିପରି ୫ ଅଧକ୍ଷ ପାଇଁ ହୋଇଥିବା ନିର୍ବାଚନରେ ବିଜେଡି ୩, ବିଜେପି ଗୋଟିଏରେ ବିଜୟୀ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରେ ଅଧକ୍ଷ ପାଇଁ ହୋଇଥିବା ୩ ପଦବିରୁ ବିଜେଡି ଖାତାକୁ ୨ଟି ଓ କଂଗ୍ରେସ ହାତକୁ ଗୋଟିଏ ଯାଇଛି। କଳାହାଣ୍ଡିରେ ୨ଟି ବିଜେଡି ଓ ଗୋଟିଏରେ ବିଜେପି ପ୍ରାର୍ଥୀ ଜିତିଛନ୍ତି। କେନ୍ଦ୍ରାପଡ଼ାରେ ୨ଟି ଯାକ ବିଜେଡି ପୋଛି ନେଇଛି। କେନ୍ଦୁଝରରେ ୫ଟିରୁ ବିଜେଡି ୪ଟି ଓ ଗୋଟିଏ ବିଜେଡି ଜିତିଛି। କୋରାପୁଟରେ ୪ଟିରୁ ବିଜେଡିକୁ ଗୋଟିଏ, କଂଗ୍ରେସକୁ ୨ଟି ଓ ସ୍ୱାଧୀନ ପ୍ରାର୍ଥି ଗୋଟିଏ ପୌର ଅଧକ୍ଷ ପଦ ହାତେଇଛନ୍ତି। ମାଲକାନଗିରିରେ ୨ଟି ଅଧକ୍ଷ ପଦ ବିଜେଡି ଓ ବିଜେପି ମଧ୍ୟରେ ଭାଗ ହୋଇଛି। ମୟୂରଭଂଜରେ ୪ଟିରୁ ୩ଟିରେ ବିଜେଡି ଓ ଗୋଟିଏରେ ବିଜେପିକୁ ବିଜୟ ମିଳିଛି। ନବରଂଗପୁରରେ ୨ଟିରୁ ଗୋଟିଏ ବିଜେଡି ଓ ଅନ୍ୟଟି ବିଜେପି ଜିତିଛି। ନୂଆପଡ଼ାରେ ୩ଟି ଆସନକୁ ବିଜେପି, କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀ ବାଣ୍ଟି ନେଇଛନ୍ତି। ପୁରୀରେ ୩ଟି ଅଧକ୍ଷ ପଦକୁ ବିଜେଡି ହାତେଇଛି।

### ବଢ଼ିବନି ...

କେବଳ ସେତିକି ନୁହେଁ ଯେଉଁ ଉପଭୋକ୍ତା ନିଜର ୧୦୦ ପ୍ରତିଶତ ବିଦ୍ୟୁତ ଚାହିଦାକୁ ଅକ୍ଷୟଶକ୍ତି ମାଧ୍ୟମରେ ପୂରଣ କରୁଥିବେ ତାଙ୍କୁ ବିଦ୍ୟୁତ ବଣ୍ଟନକାରୀ କମ୍ପାନୀଗୁଡ଼ିକ(ଡିସକମ) ଦ୍ୱାରା ଗ୍ରୀନ କଞ୍ଜୁମର ସାର୍ଟିଫିକେଟ୍ ମିଳିବ। ତେବେ ଏହି ସୁବିଧା କ୍ୟାପଟିଭ ଜେନେରେଟିଂ ପ୍ଲାଣ୍ଟ (ସିଜିପି)ଗୁଡ଼ିକ ନିମନ୍ତେ ଲାଗୁ ହେବନି। ବିଦ୍ୟୁତ କମ୍ପାନୀଗୁଡ଼ିକ ପାଖରେ ୩୫୫ କୋଟି ଟଙ୍କାର ବଳକା ପାଣ୍ଠି ରହିଛି। ଯାହାର ଲାଭ ସେମାନେ ଉଠାଇ ପାରିବେ ବୋଲି ଓଇଆରସି କହିଛନ୍ତି। ସୂଚନାଯୋଗ୍ୟ, ଶେଷଥର ପାଇଁ ୨୦୨୧ ଏପ୍ରିଲରେ ରାଜ୍ୟରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ପାଇଥିଲା। ସେହି ସମୟରେ ବିଦ୍ୟୁତ ଶୁଳ୍କ ୟୁନିଟ୍ ପିଛା ୩୦ ପଇସା ବୃଦ୍ଧି ପାଇଥିଲା। ଏହି ବର୍ଦ୍ଧିତ ଦର ଅନୁସାରେ ଘରୋଇ ଉପଭୋକ୍ତାଙ୍କ ପାଇଁ ପ୍ରଥମ ୫୦ ୟୁନିଟ୍ ନିମନ୍ତେ ୩ଟଙ୍କା ଲେଖାଏଁ, ୫୦ରୁ ୨୦୦ ୟୁନିଟ୍ ପିଛା ୪ଟଙ୍କା ୮୦ ପଇସା ଲେଖାଏ ୨୦୦ରୁ ୪୦୦ ୟୁନିଟ୍ ପାଇଁ ୫.୮୦ଟଙ୍କା ଲେଖାଏ ଓ ୪୦୦ ୟୁନିଟରୁ ଅଧିକ ବିଦ୍ୟୁତ ପାଇଁ ୬.୨୦ଟଙ୍କା ଲେଖାଏ ବିଦ୍ୟୁତ ଶୁଳ୍କ ଏବେ ଉପଭୋକ୍ତାଙ୍କୁ ଦେବାକୁ ପଡୁଛି। ଏହି ବିଦ୍ୟୁତ ଶୁଳ୍କ ମଧ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ବଳବତ୍ତର ରହିବ ବୋଲି ଓଇଆରସିଙ୍କ ପକ୍ଷରୁ କୁହାଯାଇଛି। ଗତବର୍ଷ ୬ମାସ ବ୍ୟବଧାନରେ ୨ଥର ବିଦ୍ୟୁତ ଶୁଳ୍କ ବୃଦ୍ଧିକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷକୁ ଦୃଷ୍ଟିରେ ରଖି ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ଓଇଆରସିଙ୍କ ପାଖରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ନକରିବା ପାଇଁ ଆବେଦନ କରାଯାଇଥିଲା।

### ୬ମାସ ବଢ଼ିଲା ...

ଯୋଜନା କାର୍ଯ୍ୟକାରୀ କରାଯାଉଛି। ସରକାର ଏହି ଯୋଜନାରେ ୧୦୦୩ ଲକ୍ଷ ଟନ୍ ଖାଦ୍ୟ ସାମଗ୍ରୀ ବାଣ୍ଟିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୩.୪ ଲକ୍ଷ କୋଟି ଟଙ୍କାର ଖର୍ଚ୍ଚ ହେବ। କରୋନା ବେଳେ ଦେଶରେ ଲକଡାଉନ ହୋଇଯିବାରୁ ୮୦ କୋଟି ଲୋକଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇବା ପାଇଁ ମୋଦି ସରକାର ୨୦୨୦ ମାର୍ଚ୍ଚରୁ ଏହ ଯୋଜନା ଲାଗୁ କରିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅନ୍ତର୍ଗତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ମୁଣ୍ଡପିଛା ମାସକୁ ୫ କିଲୋ ଚାଉଳ ଓ କାର୍ଡ ପିଛା ୧ କିଲୋ ଡାଲି ମାଗଣାରେ ଯୋଗାଇ ଦିଆଯାଉଛି। ଏବେ ଓଡ଼ିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୮୦.୨୬ ଲକ୍ଷ ପରିବାରର ୨.୮୬ କୋଟି ଲୋକ, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୧୨.୫୯ ପରିବାରର ୩୮.୬୪ ଲକ୍ଷ ଲୋକ ଓ ରାଜ୍ୟ ଖାଦ୍ୟ ଯୋଜନାରେ ୧.୧୬ ଲକ୍ଷ ପରିବାରର ୩.୭୮ ଲକ୍ଷ ଲୋକଙ୍କୁ ମାଗଣା ଚାଉଳ ଓ ଡାଲି ଯୋଗାଇ ଦିଆଯାଉଛି। ୨୦୨୦ ମସିହା ମାର୍ଚ୍ଚ ୨୬ରେ ମୋଦି ସରକାର ଗରିବ କଲ୍ୟାଣ ଅନ୍ନ ଯୋଜନା ଅନୁସାରେ ଆସନ୍ତା ୩ ମାସ ଯାଏ ମୁଣ୍ଡ ପିଛା ମାଗଣା ୫ କେଜି ଲେଖାଏ ଚାଉଳ କିମ୍ବା ଗହମ ମିଳିବ ବୋଲି କହିଥିଲେ। ସେହିପରି ଘର ପିଛା ୧ କେଜି ଡାଲି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ଏହାପରେ ପର୍ଯ୍ୟାୟକ୍ରମେ ଏହାକୁ ବୃଦ୍ଧି କରାଯାଉଛି।

### ସବୁ ରେକର୍ଡ ...

ମାର୍ଚ୍ଚ ୨୭ ତାରିଖ ପରେ ତାପମାତ୍ରା ୩୭ ରୁ ୩୮ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିବ ବୋଲି ପାଣିପାଗ ବିଭାଗ ଆଶଙ୍କା କରୁଥିବା ବେଳେ ପରେ କ୍ରମଶଃ ବଢିବାରେ ଲାଗିବ। ସାଧାରଣତଃ ଏପ୍ରିଲ ପ୍ରଥମ ସପ୍ତାହ ପରେ ଦେଶରେ ଗ୍ରୀଷ୍ମର ପ୍ରକୋପ ଅନୁଭୂତ ହେଉଥାଏ। ହେଲେ ଚଳିତବର୍ଷ କଥା କିନ୍ତୁ ଭିନ୍ନ। ମାର୍ଚ୍ଚ ୧୫ ତାରିଖ ବେଳକୁ ପଶ୍ଚିମ, ମଧ ଓ ଦକ୍ଷିଣ ଭାରତରେ ଲୁର ପ୍ରକୋପ ଅନୁଭୂତ ହୋଇଥିଲା। ଏଥିଲାଗି ପାଣିପାଗ ବିଭାଗ ଲୁ ସତର୍କତା ଜାରି କରିଥିଲେ। ଏଥର ଏପ୍ରିଲ ପ୍ରଥମ ସପ୍ତାହ ବେଳକୁ ଦେଶର ଅଧିକାଂଶ ସହରାଞ୍ଚଳରେ ତାପମାତ୍ରା ୪୦ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛନ୍ତି। ଏଥିରେ ଯେଉଁ ସବୁ ସ୍ଥାନରେ ବସନ୍ତ ଋତୁ ମଧ୍ୟକାଳରେ ଗ୍ରୀଷ୍ମର ପ୍ରକୋପ ଅନୁଭୂତ ହେଉଥିଲା ସେ ସବୁ କ୍ଷେତ୍ରରେ ମଧ ତାପମାତ୍ରା ଅଧିକ ବଢିପାରେ ବୋଲି ଆକଳନ କରାଯାଉଛି।

### ଜୁନ୍ରେ ...

ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାର ଖୁବଶୀଘ୍ର ସମବାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ସମବାୟ ନିର୍ବାଚନ କମିଶନରଙ୍କୁ ନିଜର ସମ୍ମତି ଜଣାଇବେ। ଏହାପରେ ନିର୍ବାଚନ କମିଶନର ୬୦ଦିନ ପୂର୍ବରୁ ନିର୍ବାଚନ ତାରିଖ ଘୋଷଣା କରିବେ। ଆଉ ସେଥିରୁ ୩୫ଦିନ ଭିତରେ ପ୍ରାଥମିକ ସଦସ୍ୟମାନଙ୍କର ପ୍ରୋଭିଜିନାଲ ତାଲିକା ଜାରିଠୁ ଆରମ୍ଭ କରି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ, ନାମାଙ୍କନ ପତ୍ର ଦାଖଲ, ଯାଞ୍ଚ, ପ୍ରତ୍ୟାହାର ଓ ଭୋଟଗ୍ରହଣ ଆଦି କାର୍ଯ୍ୟସୂଚୀ ଘୋଷଣା ହେବ। ରାଜ୍ୟର ୭୦୭୬ଟି ପ୍ରାଥମିକ ସମବାୟ ସଂସ୍ଥାରେ ସଦସ୍ୟ ଥିବା ପ୍ରାୟ ୩୦ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ଏହାପରେ କେନ୍ଦ୍ରୀୟ ଓ ଶୀର୍ଷ ସମବାୟ ସଂସ୍ଥା ପାଇଁ ନିର୍ବାଚନ ପ୍ରକ୍ରିୟା ମଧ ସେହି ଢାଞ୍ଚାରେ ହେବ। ପ୍ରତି ୫ବର୍ଷରେ ରାଜ୍ୟରେ ସମବାୟ ନିର୍ବାଚନ ହୋଇଥାଏ କିନ୍ତୁ ୨୦୨୦ ମସିହାରେ ସବୁ ପ୍ରାଥମିକ ସମବାୟ ସଂସ୍ଥାଗୁଡ଼ିକର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ ସରକାର କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ନିର୍ବାଚନ କରାଇ ନଥିଲେ। ପ୍ରାଥମିକ ସମବାୟ ସଂସ୍ଥାଗୁଡ଼ିକରେ ଚାଷୀମାନେ ହିଁ ସଦସ୍ୟ ଥିବାରୁ ଶାସକ ବିଜେଡି ଏସବୁ ସଂସ୍ଥାକୁ ନିଜ ଦଖଲକୁ ନେବା ପାଇଁ ପ୍ରୟାସ କରିବ ବୋଲି ଜଣାପଡ଼ିଛି।


# ଆଦିକବି




ଅକ୍ଷୟ କୁମାର ରାଉତ

ସାରଳା ଦାସ ଅବିଭକ୍ତ କଟକ ଜିଲ୍ଲାର ଜଙ୍ଘେରପୁରସ୍ଥିତ କନକବତୀପାଟଣା ନିକଟସ୍ଥ ଚନ୍ଦ୍ରଭାଗା ନଦୀକୂଳରେ ଥିବା ସାରୋଳ ବା କାଳିନାଗ ଗ୍ରାମରେ ପଂଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜଣେ ପ୍ରଧାନ କୃଷିକାରୀ ଓ ଗ୍ରାମୀଣ ବ୍ୟକ୍ତି ଥିଲେ । ବାଲ୍ୟକାଳରେ ସାରଳା ଦାସଙ୍କର ନାମ ଥିଲା ସିଦ୍ଧେଶ୍ୱର ପରିଡା (ସ୍ୱାଇଁ) ପିତା, ମାତା ଓ ଚାରିଭାଇଙ୍କ ସହିତ ନିଜର ବାଲ୍ୟ, ଶୈଶବ ଓ ଯୌବନ ଜୀବନ ଅତିବାହିତ କରିଥିଲେ । ତାଙ୍କର ବଡ଼ଭାଇ ପର୍ଶୁରାମ ପରିଡା ଜଙ୍ଘେରପୁର ନିକଟରେ ପ୍ରବାହିତ ହେଉଥିବା ଚନ୍ଦ୍ରଭାଗା ନଦୀର ଘାଟ ନେଇଥିଲେ । ପରଅବସ୍ଥାରେ ପର୍ଶୁରାମ ପରିଡା କନକପୁରକୁ ଉଠିଆସି ଘରଟିଏ କରି ରହିଲେ । କିନ୍ତୁ ସିଦ୍ଧେଶ୍ୱର ସାରଳା ମା'ଙ୍କ ଚରଣାବିନ୍ଦରେ ଗଭୀର ଭକ୍ତି ଢ଼ାଳିଦେଇ ସେବାରତ ଥିଲେ । ସେ ସମୟରେ ଚାଟଶାଳୀର ସୁବିଧାନଥିବାରୁ ନିଜ ଚେଷ୍ଟାରେ ଅଧ୍ୟୟନ କରିଥିଲେ । ଓଡିଆରେ ମିଳୁଥିବା କୋଇଲି ଚଉତିଶା ଅନ୍ୟ କେତେ ଖଣ୍ଡ କ୍ଷୁଦ୍ର କବିତା ପଢ଼ିଥିଲେ । ଏତିକିରେ ତାଙ୍କର ଶିକ୍ଷାଜୀବନର ପରିସମାପ୍ତି ଘଟିଥିଲା ।

ସିଦ୍ଧେଶ୍ୱର ଯୌବନରେ ପଦାର୍ପଣ କଲାପରେ, ଗୀତ ରଚନା କରି ନିଜେ ଗୀତ ବୋଲୁଥିଲେ । ପରଅବସ୍ଥାରେ ପୌରାଣିକ କାହାଣୀଗୁଡିକ ଶୁଣି, ପୁରାଣ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସଂସ୍କୃତ ଶିଖି ନଥିବା ଅପଣ୍ଡିତ ସିଦ୍ଧେଶ୍ୱର ସଂସ୍କୃତ ପଢ଼ିବା ଓ ଲେଖିବା ଏକ ଆଶ୍ଚର୍ଯ୍ୟ ଘଟଣା ଥିଲା । ବିଲରେ ଚାଷ ପାଇଁ ହଳ ବୁଲାଉଥିବା ସମୟରେ ସିଦ୍ଧେଶ୍ୱର ସୁନ୍ଦର ଗୀତ ନିଜ ମନରୁ ରଚନାକରି ବୋଲନ୍ତି । ଏହି ସମୟରେ ସେ ଆତ୍ମହରା ହୋଇପଡନ୍ତି । ସେ 'ମନାଇ ଚଉତିଶା' ନାମକ ଏକ ଗୀତ ରଚନା କରିଥିଲେ । ଦିନକର ଘଟଣା ସିଦ୍ଧେଶ୍ୱର ହଳ ବୁଲାଉଥାନ୍ତି ଓ ଗୀତ ବୋଲୁଥାନ୍ତି, କିନ୍ତୁ ପଦ ମନେପଡିଲା ନାହିଁ । ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କର ସେହି ଗୀତର ପଦ ମନେପଡିଲା ନାହିଁ । ଅତି ବିଚଳିତ ଅବସ୍ଥାରେ ତାଙ୍କର ଇଷ୍ଟଦେବୀ ସାରଳାଙ୍କୁ ମନେପକାଇଲେ । ମା ସାରଳା ଭକ୍ତ ଅନ୍ତରର ଭକ୍ତି ମାଧ୍ୟମରେ ଏକ ନାରୀ ମୂର୍ତିଟି ହୋଇ ସିଦ୍ଧେଶ୍ୱରଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ "ତୁ ଗୀତ ବନ୍ଦକଲୁ କାହିଁକି ? ମୁଁ ତୋ ଗୀତ ଶୁଣୁଥିଲି, ତୁ ଗୀତ ବୋଲି ଚାଲେ ସବୁ ମନେପଡିଯିବ । ତୋ ଗୀତ ମୋତେ ବହୁତ ଭଲଲାଗେ, ତୁ ମହାଭାରତ ରଚନା କରିପାରିବୁ, ଏହା କହି ନାରୀ ମୂର୍ତିଟି ଅନ୍ତର୍ଦ୍ଧାନ ହୋଇଗଲେ ।



ସେ ସମୟରେ ଓଡିଶାର ଗଜପତି ଥିଲେ ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ । ତାଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଲମ୍ବିଥିଲା । ସିଦ୍ଧେଶ୍ୱର ମା ସାରଳାଙ୍କ ପୂଜା ଅର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ । ଅନୁମାନ କରାଯାଏ ସିଦ୍ଧେଶ୍ୱର କପିଳେନ୍ଦ୍ର ଦେବଙ୍କ ସୈନ୍ୟ ବିଭାଗରେ ଯୋଗଦେଇ ବିଭିନ୍ନ ଯୁଦ୍ଧର ଅନୁଭୂତିକୁ ପରଅବସ୍ଥାରେ ମହାଭାରତରେ ବର୍ଣ୍ଣନା କରିଥିଲେ । ସୈନ୍ୟଦଳରୁ ଆସି ପୁରୀର ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିକାଳ ଅବସ୍ଥାନ କରିଥିଲେ । ସେ ସମୟରେ ସଂସ୍କୃତ ପଣ୍ଡିତମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା । ପୁରୀରେ ସଂସ୍କୃତ କାବ୍ୟ ଓ ନାଟକ ଚର୍ଚ୍ଚାରେ ସିଦ୍ଧେଶ୍ୱରଙ୍କୁ କେହି ଅଂଶ ଗ୍ରହଣ କରାଇଦେଉନଥିଲେ । ଏହିପରି ଅସହାୟ ମୂହୂର୍ତରେ ଇଷ୍ଟଦେବୀ ସାରଳା ସିଦ୍ଧେଶ୍ୱରଙ୍କୁ ଅଭୟ ପ୍ରଦାନକରି ଆଦେଶ ଦେଲେ "ତୁ ଯାଇ ନୀଳ କଳ୍ପବଟ ମୂଳେ ବସିବୁ,ଯାହା ଉପରୁ ଶୁଭିବ ତୁ ଲେଖିବୁ" । ସେତେବେଳକୁ ସିଦ୍ଧେଶ୍ୱର, ସାରଳା ଦାସ ନାମରେ ପରିଚିତ ହେଲେ । ମହାଭାରତ ରଚନାରେ ମନନିବେଶ କଲେ । କଳ୍ପବଟମୂଳରେ ମହାଭରତର ଆଠଗୋଟି ପର୍ବଶେଷ କରି ସାରିଥିଲେ । ପୁରୀ ଛାଡି ସେ କୋଣାର୍କରେ ଏକ ବଟବୃକ୍ଷ ମୂଳରେ ଯୋଗସାଧନ କଲେ ଓ ମହାଭାରତ ରଚନା କଲେ । ତାଙ୍କର ଲିଖିତ ମହାଭାରତରେ ଅନ୍ୟ ପଣ୍ଡିତ ମାନେ "ହାତୀ ବାର ଯୁଣ ତାର ଘଂଟି ବାର ଯୁଣ" ବର୍ଣ୍ଣନାକୁ ତ୍ରୁଟି ରୂପେ ଦର୍ଶାଇଥିଲେ । ହସ୍ତୀ ହେଲା ଦେବତା ଯୁଣରେ ଓ ଘଂଟି ହେଲ ମାନବ ଯୁଣରେ । ଏହାପରେ ପଣ୍ଡିତମାନେ ନିଜଭୂଲ୍ ବୁଝିପାରି କବିଙ୍କ ରଚିତ ମହାଭାରତକୁ ଗ୍ରନ୍ଥରୂପେ ସ୍ଥାନଦେଲେ ଓ ଶୂଦ୍ର ମୁନି ବୋଲି ସମ୍ମାନିତ କଲେ । ଏହି ସମ୍ବାଦ କପିଳେନ୍ଦ୍ର ଦେବଙ୍କ ନିକଟରେ ପହଂଚିଲା । ଗଜପତି ରାଜା ସିଦ୍ଧେଶ୍ୱରଙ୍କୁ ସ୍ୱାଇଁ ପରିବର୍ତେ ପରିଡା ଉପାଧିରେ ଭୂଷିତ କରାଇ ଝଙ୍କଡ ଆଦି କେତେ ଗ୍ରାମ ନିଷ୍କର ବୃତିରୂପେ ପ୍ରଦାନ କରିଥିଲେ ।



ପୁରୀରେ କିଛି ଦିନ ଅତିବାହିତ ହେବାପରେ କବି ସାରଳା ଦାସ ନିଜର ଜନ୍ମଭୂମିକୁ ଫେରିଆସିବା ବାଟରେ କଟକ ତୁଳସୀପୁରରେ କିଛି ଦିନ ରହିଲେ । ଦୈନିକ ମା କଟକ ଚଣ୍ଡୀଙ୍କୁ ଦର୍ଶନ କରନ୍ତି ଓ ନିଜ ରଚିତ ମହାଭାରତ ଦେବୀଙ୍କ ନିକଟରେ ପଢ଼ନ୍ତି । ଏହି ଗ୍ରନ୍ଥ ପାଠ ଶୁଣିବାପାଇଁ ବହୁ ଶ୍ରୋତା ମା ଚଣ୍ଡୀଙ୍କ ଠାରେ ରୁଣ୍ଡ ହୁଅନ୍ତି । ତାଙ୍କର ସାରସ୍ୱତ ସାଧନା ହିଁ ପ୍ରତ୍ୟେକ ଓଡିଆ ଜାତି ପାଇଁ ଅମଳିନ ପ୍ରେରଣା ହୋଇ ରହିଗଲା । ସେ ଆମ ଜାତିର ଗୌରବ, ସ୍ରଷ୍ଟା ଆଉ ଦ୍ରଷ୍ଟା । ସେ କେବଳ ଜଣେ ସିଦ୍ଧ ସାଧକ ନୁହଁନ୍ତି, ଭକ୍ତ ନୁହଁନ୍ତି, କବି ରୂପେ ତାଙ୍କୁ ଚିରଦିନ ଜାତି ପୂଜା କରିବ । ଆଜୀବନ ସେ ଯେଉଁ ଅଖଣ୍ଡସାଧନ କରିଛନ୍ତି ତାହା ହିଁ ତାଙ୍କୁ ଅମର କରିବ । ତାଙ୍କ ଜୀବନର ଏକ ବିସ୍ମୟକର ଓ ରହସ୍ୟମୟ କାହାଣୀ କୁହେ -



ଦିନେ ସାରଳାଦାସ ବିଲରେ ହଳ କରୁଥିବା ସମୟରେ, ଏକ ରାଜକନ୍ୟାର ବିବାହ ଉପଲକ୍ଷେ ରାଜକର୍ମଚାରୀମାନେ ସାରଳାଦାସଙ୍କ ନିକଟରେ ପହଁଚିଲେ । ତାଙ୍କର ଗୁଣ ଓ ବୁଦ୍ଧି ରାଜକର୍ମଚାରୀମାନଙ୍କୁ ମୁଗ୍ଧ କରିଥିଲା । ସାରଳାଦାସଙ୍କୁ ସେମାନେ ରାଜଦରବାରକୁ ଘେନିଗଲେ, ବିବାହର ଆୟୋଜନ କଲେ । କାଠ ଓ ବାଉଁଶଙ୍କୁ ଦେଖି ଚାଷୀ ସିଦ୍ଧେଶ୍ୱର ମନେମନେ ବହୁତ ଖୁସୀ ହେଉଥାନ୍ତି । ରାଜକନ୍ୟା ସିଦ୍ଧେଶ୍ୱରଙ୍କୁ ବନ୍ଦାପନା କରିବା ସମୟରେ, ସିଦ୍ଧେଶ୍ୱର ଭୟରେ ଖଟ ତଳେ ଲୁଚିଗଲେ । ସିଦ୍ଧେଶ୍ୱରଙ୍କର ଏହି ପରି କାର୍ଯ୍ୟରେ ରାଜକନ୍ୟା କ୍ରୋଧନ୍ୱିତା ହୋଇ ମୁର୍ଖ, ଅଧମ ବୋଲି କହି ଅନ୍ତଃପୁରକୁ ପଳାଇଲେ । ସିଦ୍ଧେଶ୍ୱର ରାଜକୁମାରୀଙ୍କ କଟୁମନ୍ତବ୍ୟରେ ଦୁଃଖିତ ହୋଇ ମା' ସାରଳାଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇଲେ । 'ମା' ପ୍ରସନ୍ନ ହୋଇ କହିଲେ ସିଦ୍ଧେଶ୍ୱର ତୁ ଚିନ୍ତା କରନାହିଁ, ତୁ ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ । ସେହି ଲେଖନୀରେ କଳ୍ପବଟ ମୂଳ ବସି ଚିନ୍ତାକଲେ ତୋତେ ସବୁ ଦୃଶ୍ୟମାନହେବ । ଏହି ଘଟଣାଟି ସିଦ୍ଧେଶ୍ୱରଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତନ ଆଣିଥିଲା ।

'ମା'ଙ୍କ ଦତ ଲେଖନୀ ସାହାର୍ଯ୍ୟରେ ସାରଳାଦାସ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ଓ ବହୁତ ସୁନ୍ଦର ସୁନ୍ଦର ଗଳ୍ପ ସୃଷ୍ଟି କରିଥିଲେ । ଗଳ୍ପଗୁଡିକ ହେଲା ବାବନା ଭୂତ, ଗଙ୍ଗା-ଶାନ୍ତନୁ ବିବାହ, ଭୀମ ରାଜାର କଥା, ନବଗୁଞ୍ଜର କଥା, ଭାରତ ଯୁଦ୍ଧର ଭରତିଆ ପକ୍ଷୀକଥା, କୁନ୍ତୀ ଗାନ୍ଧାରୀର ଶିବପୂଜା କଥା, ଅର୍ଜ୍ଜୁନର ବରପ୍ରାପ୍ତି କଥା ଓ ପାର୍ବତୀଙ୍କ କୋପ କତା ପ୍ରଭୃତି ଗଳ୍ପଗୁଡିକ ଜନଜୀବନକୁ ବେଶ୍ ପ୍ରଭାବିତ କରିଛି ।

ଏହି ନିରହଙ୍କାର ସିଦ୍ଧ କବିଙ୍କ ଶେଷ ଜୀବନ ଇଷ୍ଟଦେବୀ ସାରଳା ଦେବୀଙ୍କ ନିକଟରେ କଟାଇଥିଲେ । ସେ ନିଜର ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କ ଠାରୁ ସମସ୍ତ ସଂସାରିକ ବନ୍ଧନ ତ୍ୟାଗକରି 'ମା'ଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ସାରଳାଦାସ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଥିଲେ । ଶାସ୍ତ୍ର ବିଚାରକରି ଜାଣି ପାରିଥିଲେ ଯେ ମାଘସପ୍ତମୀ ଦିନ ଦେହ ଛାଡିବାକୁ ହେବ । ତେଣୁ ଅକ୍ଷତ, ଗୋଟାଗୁଆ, ନଡିଆ, ପାନ, ତିଳ, ଗଙ୍ଗାଜଳ, ଗଙ୍ଗାମାଟି ସହ ଘିଅ ଦୀପ ସାରଳାଦାସ ନିଜ ସମ୍ମୁଖରେ ରଖି ତେନ୍ତୁଳିପଦା ବନ୍ଧମୁଣ୍ଡାର ବୃଦ୍ଧାନଦୀ କୂଳରେ ମାଘ ଶୁକ୍ଳ ପ୍ରତିପଦଠାରୁ ସମାଧିସ୍ତ ହେଲେ । ମାଘ ସପ୍ତମୀ ସକାଳକୁ ଗୋଟିଏ ଘଡଘଡି ଶବ୍ଦ ହେଲା ଓ ଦୀପଟି ମଧ୍ୟ ଲିଭିଗଲା । ଏହା ହିଁ ଥିଲା ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କର ଅନ୍ତିମ ଯାତ୍ରା । ଆଜି ତାଙ୍କ ନାମାନୁସାରେ ମୁନି ଗୋସାଇଁ ମଠ କୁହାଯାଉଛି । ଏହି ସମାଧିର ଭଗ୍ନାବଶେଷ ନିକଟରେ ଏକ ବରଗଛ ଅଛି । ତାଙ୍କର ଲୌକିକତା, ଜନଜୀବନର ସଂସ୍କାର ଓ ପ୍ରତିଭାର ମୋହିନୀ ଶକ୍ତି ବଳରେ ଯୁଗଯୁଗ ପାଇଁ ଅମର ସୃଷ୍ଟି ମହାଭାରତରେ ଜୀବନ୍ତ କରି ଦେଇଗଲେ । ତେଣୁ ଆଜି ଓଡିଶାର ଜନତା ସେହି ଶୂଦ୍ରକବିଙ୍କୁ ଆଦିକବି ରୂପେ ପୂଜାଅର୍ଘ୍ୟ ଦେଇଥାନ୍ତି ।

*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍ସିଂହପୁର*
*ମୋ : ୯୯୩୭୬୯୧୪୭୫*




## ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ


**ଜଗତ୍ସିଂହପୁର :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ପାରୁଲ ପଟୱାରୀ ଅଧ୍ୟକ୍ଷତା କରି ଓଡିଶା ଦିବସ ସମାରୋହକୁ ସରସ ସୁନ୍ଦର ଓ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏପ୍ରିଲ ୧ତାରିଖ ସଂଧ୍ୟା ସମୟରେ ସ୍ଥାନୀୟ ଆଦିକବି ଶାରଳା ଦାସ ସଂସ୍କୃତି ଭବନରେ ପାଳନ କରାଯିବ ବୋଲି କହିଥିଲେ । ଜିଲ୍ଲା ସ୍ତରୀୟ ଓଡିଶା ଦିବସ କାର୍ଯ୍ୟକ୍ରମ ସହିତ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଯୋଜନାରେ ଓଡିଶା ସଙ୍ଗୀତ ନାଟକ ଆନୁକୂଲ୍ୟରେ ଆଜାଦିକା ଅମୃତ ମହୋତ୍ସବ ଅବସରରେ ବନ୍ଦେ ଉତ୍କଳଜନନୀ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ୧୨ଗୋଟି ଦେଶାତ୍ମକ ବୋଧକ ସଙ୍ଗୀତ ଗାନ କରାଯିବ । ଓଡିଶା ଦିବସ ପାଳନ ଦିନ ପ୍ରାତଃ ୪ଘଂଟା ୩୦ମିନିଟ୍‌ରେ ସହର ମଧ୍ୟରେ ଉତ୍କଳ ବନ୍ଦନା ଗାନ କରାଯିବାର ବ୍ୟବସ୍ଥା କରାଯାଇଛି । ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବ୍ଲକ ସ୍ତରୀୟ ପ୍ରତିଯୋଗିତା ମାର୍ଚ୍ଚ ୨୫ତାରିଖରେ ଓ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ମାର୍ଚ୍ଚ ୨୮ତାରିଖରେ ଅନୁଷ୍ଠିତ ହେବାପାଇଁ ଏହି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏପରିକି ଓଡିଆ ବକ୍ତୃତା, ଦେଶାତ୍ମକ ବୋଧକ ସଙ୍ଗୀତ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ମଧ୍ୟ ହେବ । ଓଡିଶା ଦିବସ ଦିନ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପୌରପରିଷଦ ମଧ୍ୟରେ ଥିବା ବାଣିଜ୍ୟକ ପ୍ରତିଷ୍ଠାନ ଗୁଡିକରେ ଆଲୋକିକରଣ କରାଯିବା ପାଇଁ ବୈଠକରେ ନିଷ୍ପତି ଗ୍ରହଭ କରାଯାଇଥିଲା । ପ୍ରସ୍ତୁତି ବୈଠକ ପ୍ରାରମ୍ଭରେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଅଜୟ କୁମାର ଜେନାଙ୍କ ଅକାଳ ବିୟୋଗରେ ୨ମିନିଟ୍ ଧରି ନିରବ ପ୍ରାର୍ଥନା କରାଯାଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ ଓଡିଶା ଦିବସ ପାଳନର କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଲୋକ କବି ନାଟ୍ୟଚାର୍ଯ୍ୟ ବାଳକୃଷ୍ଣ ସ୍ମୃତି ପରିଷଦର କର୍ମକର୍ତା, ସହରର ମାଣ୍ୟଗଣ୍ୟ ବ୍ୟକ୍ତି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



### ମାନବାଧିକାର କମିସନଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## 'ସରକାରୀ ଅଫିସରେ ୬ ମାସ ମଧ୍ୟରେ କ୍ରେଚ୍ ତିଆରି କର'


**ଭୁବନେଶ୍ୱର :** ସରକାରୀ ସଂସ୍ଥାରେ ୫୦ ବା ତଦୂର୍ଦ୍ଧ୍ୱ ମହିଳା କର୍ମଚାରୀ କାର୍ଯ୍ୟରତ ଥିଲେ, ସେଠାରେ ଶିଶୁମାନଙ୍କ ପାଇଁ କ୍ରେଚ୍ ବ୍ୟବସ୍ଥା କରିବା ପାଇଁ ଆଇନରେ ବ୍ୟବସ୍ଥା ରହିଛି । ହେଲେ ଅଧିକାଂଶ ସରକାରୀ ଅଫିସ୍ରେ ଏହି ସୁବିଧା ନାହିଁ । ଏହାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍ଆରସି) । କମିସନ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ବିଜୟକୃଷ୍ଣ ପଟେଲ, ସଦସ୍ୟ ଜଷ୍ଟିସ୍ ରଘୁବୀର ଦାଶ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ପୂର୍ଣ୍ଣାଙ୍ଗ ଖଣ୍ଡପୀଠ ଆସନ୍ତା ୬ ମାସ ମଧ୍ୟରେ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କ୍ରେଚ୍ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଜୟ କୁମାର ପଣ୍ଡା, ଗୋଲେଖ ପ୍ରସାଦ ନାୟକ, ଶୁଭାଶିଷ ପଣ୍ଡା, ପ୍ରକାଶ ଚନ୍ଦ୍ର ଦାସ ଓ ବିଶ୍ୱପ୍ରିୟ କାନୁନ୍‌ଗୋ ପ୍ରମୁଖ ଆଇନଜୀବୀମାନଙ୍କ ପକ୍ଷରୁ ଆଗତ ଏକ ପିଟିସନ୍‌ର ଶୁଣାଣି କରି କମିସନ ଏହି ରାୟ ଶୁଣାଇଛନ୍ତି । ଉଲ୍ଲେଖଯୋଗ୍ୟ, ସଂଶୋଧିତ ମାତୃତ୍ୱ ସୁବିଧା ଆଇନ (ମାଟର୍ନିଟି ବେନିଫିଟ୍ ଲ') ଧାରା ୧୧(କ) ଅନୁସାରେ, ଯଦି କୌଣସି ଅଫିସ୍ରେ ୫୦ରୁ ଉର୍ଦ୍ଧ୍ୱ ମହିଳା କର୍ମଚାରୀ କାମ କରୁଛନ୍ତି, ତେବେ ସେମାନଙ୍କ ଶିଶୁମାନଙ୍କର ଯତ୍ନ ନେବା ପାଇଁ ଅଫିସ୍‌ରେ କ୍ରେଚ୍ ସୁବିଧା ଉପଲବ୍ଧ କରାଯିବ । ଏଭଳି ଆଇନଗତ ବ୍ୟବସ୍ଥା ସତ୍ତ୍ୱେ ଲୋକସେବା ଭବନଠାରୁ ଆରମ୍ଭ କରି ହାଇକୋର୍ଟ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଅନୁଷ୍ଠାନରେ ଶହଶହ ମହିଳା କର୍ମଚାରୀ କାମ କରୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କ୍ରେଚ୍‌ର ସୁବିଧା କରାଯାଇନାହିଁ । ଏହାକୁ ଭିତ୍ତି କରି ଉପରୋକ୍ତ ଆବେଦନକାରୀମାନେ ଗତ ୨୦୧୯ ଅକ୍ଟୋବରରେ ଓଏଚ୍ଆରସିଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ କମିସନ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗକୁ ନୋଟିସ୍ କରିଥିଲେ । ଏହି ପ୍ରସଙ୍ଗରେ ସରକାର କି' ବ୍ୟବସ୍ଥା କରିଛନ୍ତି, ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ୨୦୨୧ ମସିହା ନଭେମ୍ବର ମାସରେ କମିସନଙ୍କୁ ଉତ୍ତର ଦେଇଥିଲେ । ସେଥିରେ ଉଲ୍ଲେଖ ଥିଲା ଯେ ବିଭିନ୍ନ ସଂସ୍ଥାକୁ ବିଭାଗ ପକ୍ଷରୁ ଗତ ୨୦୨୦ ମସିହା ଜୁଲାଇ ୨୨ ତାରିଖରେ ଚିଠି ଲେଖାଯିବା ସହ ଆଇନ ଅନୁସାରେ କ୍ରେଚ୍ ବ୍ୟବସ୍ଥା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି । କିନ୍ତୁ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବାରୁ କମିସନ୍ ଏହାକୁ ଗୁରୁତ୍ୱର ସହ ନେଇ ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।



### ଅନ୍ତର୍ଜାତୀୟ ଦୁଇ କ୍ରୀଡ଼ାବିତ୍‌ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

# ଶ୍ରୀୟଙ୍କାଙ୍କୁ ୨ ଲକ୍ଷ, ଜୟନ୍ତୀଙ୍କୁ ୧୫ ଲକ୍ଷ ପୁରସ୍କାର

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସ ଠାରେ ଦୁଇ ଓଡିଆ ଆନ୍ତର୍ଜାତିକ କ୍ରୀଡା ପ୍ରତିଯୋଗୀ ଶ୍ରୀୟଙ୍କା ଷଡଙ୍ଗୀ ଓ ଜୟନ୍ତୀ ବେହେରାଙ୍କୁ ନବୀନ ନିବାସ ଠାରେ ସମ୍ବର୍ଦ୍ଧିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଦୁଇ ବାଳିକା କ୍ରୀଡାବିତ୍‌ଙ୍କୁ ସେମାନଙ୍କର ସଫଳତା ପାଇଁ ଉଚ୍ଚପ୍ରଶଂସା କରି କହିଥିଲେ ଯେ ସେମାନେ ରାଜ୍ୟ ପାଇଁ ଗୌରବ ଆଣି ଅନ୍ୟ ଖେଳାଳୀ ମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି। ସେମାନେ ସାରା ବିଶ୍ୱରେ ଓଡିଶା ପାଇଁ ଗୌରବ ଆଣିଛନ୍ତି ବୋଲି ପ୍ରକାଶ କରି, ଆଗାମୀ ଦିନରେ ଆହୁରି ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀୟଙ୍କାଙ୍କୁ ୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିବା ବେଳେ, ଜୟନ୍ତୀଙ୍କୁ ୧୫ ଲକ୍ଷ ଟଙ୍କା ପୁରସ୍କାର ଦେଇଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀୟଙ୍କା ନିକଟରେ କାଇରୋ ଠାରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ସୁଟିଂ




ପ୍ରତିଯୋଗୀତାରେ ୫୦ ମିଟର ରାଇଫଲ ୩ ପୋଜିସନ୍‌ରେ ବ୍ରୋଞ୍ଜ ମେଡାଲ ପାଇଛନ୍ତି। ସେ ମଧ୍ୟ ବର୍ତ୍ତମାନ ଜାତୀୟ ସୁଟିଙ୍ଗ ଚାମ୍ପିଅନ ଭାବେ ସୁନାମ ଅର୍ଜନ କରିଛନ୍ତି। ସେହିପରି ଜୟନ୍ତୀ ବେହେରା ଦୁବାଇ ଠାରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ପ୍ରତିଯୋଗୀତାରେ ୩ଟି ମେଡାଲ ହାସଲ କରିଛନ୍ତି। ୪୦୦ ଓ ୧୦୦ ମିଟର ପ୍ରତିଯୋଗୀତାରେ ସେ ବ୍ରୋଞ୍ଜ ପଦକ ପାଇଥିବା ବେଳେ, ୨୦୦ ମିଟର ପ୍ରତିଯୋଗୀତାରେ ରୌପ୍ୟ ପଦକ ପାଇଛନ୍ତି। ଉଭୟ କ୍ରୀଡାବିତ୍ ରାଜ୍ୟରେ କ୍ରୀଡା ଭିତ୍ତିଭୂମି ଓ କ୍ରୀଡାବିତ୍ ମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ପଦକ୍ଷେପର ଉଚ୍ଚପ୍ରଶଂସା କରିଥିଲେ। ଦୁଇ ଖେଳାଳି ମୁଖ୍ୟମନ୍ତ୍ରୀଙ୍କ ସହିତ ଖୁସିରେ ସ୍ୱରକ୍ଷଳସର ଉଠାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି କେ ପାଣ୍ଡିଆନ ଓ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ।

# ନୂଆଦିଲ୍ଲୀ ସବୁଠୁ ଅଧିକ ପ୍ରଦୂଷିତ

**ନୂଆଦିଲ୍ଲୀ :** ଭାରତର ରାଜଧାନୀ ଦିଲ୍ଲୀ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଦୁନିଆର ସବୁଠାରୁ ପ୍ରଦୂଷିତ ରାଜଧାନୀ ଭାବେ ବିବେଚିତ ହୋଇଛି। ତେବେ କେବଳ ଦିଲ୍ଲୀ ନୁହେଁ, ବରଂ ଦୁନିଆର ୫୦ଟି ପ୍ରଦୂଷିତ ସହର ମଧ୍ୟରୁ ୩୫ଟି ଭାରତର ସହର ଥିବାବେଳେ ୧୦୦ଟି ସହର ମଧ୍ୟରେ ଭାରତର ୬୩ଟି ସହର ରହିଛି । ସ୍ୱିସ୍ ଫାର୍ମ ଆଇକ୍ୟୁଏୟାର ଦ୍ୱାରା ପ୍ରକାଶିତ ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ ଅନୁଯାୟୀ, ୨୦୨୧ ମସିହାରେ ଭାରତରେ ବାୟୁ ପ୍ରଦୂଷଣ ଅଧିକ ଖରାପ ହୋଇଛି। ୨୦୨୧ ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟରେ ନୂଆଦିଲ୍ଲୀ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଦୁନିଆର ସବୁଠାରୁ ପ୍ରଦୂଷିତ ରାଜଧାନୀ ଏବଂ ଚତୁର୍ଥ ସର୍ବାଧିକ ପ୍ରଦୂଷିତ ସହର ଭାବରେ ସ୍ଥାନ ପାଇଛି। ଏହା ପରେ ବାଂଲାଦେଶର ଢାକା, ଚାଦ ର ଏନଜମେନା, ତାଜିକିସ୍ତାନର ଦୁଶାନବେ ଏବଂ ଓମାନର ମସ୍କାଟ ରହିଛି। ନୂଆଦିଲ୍ଲୀରେ



୨୦୨୧ ରେ ପିଏମ୨.୫(ପାର୍ଟିକୁଲେଟ ମ୍ୟାଟର)ରେ ୧୪.୬% ବୃଦ୍ଧି ଘଟି ୨୦୨୦ ତୁଳନାରେ ୯୬.୪ ୟୁଜି / ଏମ୍‌୩କୁ ବୃଦ୍ଧି ପାଇଛି। ତେବେ ୧୦୦ଟି ପ୍ରଦୂଷିତ ସହର ତାଲିକାରେ ଥିବା ୬୩ଟି ଭାରତର ସହର ମଧ୍ୟରୁ ଅଧାରୁ ଅଧିକ ହରିୟାଣା ଏବଂ ଉତ୍ତରପ୍ରଦେଶରେ ରହିଛି। ରିପୋର୍ଟରେ କୁହାଯାଇଛି ଯେ ଦିଲ୍ଲୀର ବାୟୁ ପ୍ରଦୂଷଣ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ତେବେ ଦୁନିଆର ସବୁଠାରୁ ପ୍ରଦୂଷିତ ସ୍ଥାନ ହେଉଛି ରାଜସ୍ଥାନର ଭବାଡି। ଏହାପରେ ଉତ୍ତରପ୍ରଦେଶର ଗାଜିଆବାଦ ରହିଛି।

### ହେଟ ସ୍ପିଚ୍ ଘଟଣାରେ କୋର୍ଟଙ୍କ ବଡ଼ ବୟାନ

# ହସି କି କହିଲେ ଅପରାଧ ନୁହେଁ

**ନୂଆଦିଲ୍ଲୀ :** ଯଦି ଆପଣ ହସି କି କୌଣସି କଥା କହୁଛନ୍ତି, ତା'ହେଲେ ଏହା ଅପରାଧ ଶ୍ରେଣୀରେ ଆସିବ ନାହିଁ। କିନ୍ତୁ ଆପଣ ଜାଣିଶୁଣି ଓ ଉତ୍ତେଜିତ ହୋଇ କୌଣସି ବୟାନ ଦେଉଛନ୍ତି, ତା'ହେଲେ ଏହା ଅପରାଧୀ ଶ୍ରେଣୀରେ ଆସିବ। ଏଭଳି କିଛି ବୟାନ ଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ।କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ବିରୋଧରେ ଆସିଥିବା ହେଟସ୍ପିଚ ମାମଲାରେ ଅପରାଧିକ ମାମଲା ଚାଲୁ କରିବାକୁ ହୋଇଥିବା ଆବେନର ଶୁଣାଣି ବେଳେ କୋର୍ଟ ଏକଥା କହିଛନ୍ତି। ଏଥିସହ ପୂର୍ବ ରାୟକୁ କାଏମ ରଖିଛନ୍ତି। ହାଇକୋର୍ଟର ଏକକ ବେଞ୍ଚ ବିଚାରପତି ଜଷ୍ଟିସ ଚନ୍ଦ୍ର ଧାରୀ ସିଂହ ଆହୁରି କହିଛନ୍ତି, "ରାଜନୀତିକ




ଭାଷଣକୁ ନେଇ ଏଫଆଇଆର ରୁଜୁ କରିବା ପୂର୍ବରୁ ଚେକ ଓ ବାଲାନ୍ସକୁ ଭଲ ଭାବେ ବୁଝିବା ଦରକାର।" ଟ୍ରାଏଲ କୋର୍ଟ ଅନୁରାଗ ଠାକୁରଙ୍କ ବିରୋଧରେ ଅପରାଧିକ ମାମଲା ଚାଲୁ କରିବା ପାଇଁ ହୋଇଥିବା ଆବେଦନକୁ ଅଗ୍ରାହ୍ୟ କରିଥିଲେ। ଏହାପରେ ଆବେଦନକାରୀ ସିପିଆଇ ନେତା ବ୍ରିନ୍ଦା କରାତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୦ ଦିଲ୍ଲୀ ଦଙ୍ଗା ପୂର୍ବରୁ ଅନୁରାଗ ଠାକୁର ଓ ବିଜେପିର ଦିଲ୍ଲୀ ସାଂସଦ ପରେଶ ପର୍ମା ଘୃଣା ସୃଷ୍ଟି କରିବା ଭଳି ବୟାନ ଦେଇଥିବା ଅଭିଯୋଗ ହୋଇଛି। ସିଏଏ ଓ ଏନଆରସି ବିରୋଧରେ ଆନ୍ଦୋଳନ କରୁଥିବା ଲୋକଙ୍କୁ ଟାର୍ଗେଟ କରି ଅନୁରାଗ ଠାକୁର ତାଙ୍କ ସମର୍ଥକମାନ ମାନଙ୍କୁ ସମ୍ବୋଧନ କରି କହିଥିଲେ ଯେ 'ଦେଶ କେ ଗର୍ଦ୍ଦାର କୋ'। ଏହାପରେ ତାଙ୍କ ସମର୍ଥକମାନେ ଏକା ସ୍ୱରରେ ଗୋଲି ମାର ସାଲକୋ ନାରା ଦେଇଥିଲେ। ଏପରି ହେଟସ୍ପିଚ ଘଟଣାରେ ନିର୍ବାଚନ କମିଶନ ୨୦୨୦ ମସିହା ଜାନୁଆରୀ ୨୯ରେ ଶ୍ରୀ ଠାକୁରଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇଥିଲେ। ତେବେ ଏପରି ବୟାନ ପାଇଁ ଅନୁରାଗ ଠାକୁରଙ୍କ ବିରୋଧରେ ଏଫଆଇଆର ରୁଜୁ ଦାବିରେ ବ୍ରିନ୍ଦା ଟ୍ରାଏଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ସିଂହ କହିଛନ୍ତି, "ନିର୍ବାଚନ ବେଳେ ଦିଆଯାଉଥିବା ଭାଷଣ ଓ ଅଲଗା ସମୟରେ ଦିଆଯାଉଥିବା ଭାଷଣ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। କାରଣ ଯଦି ଆପଣ ନିର୍ବାଚନ ବେଳେ ଭାଷଣ ଦେଉଛନ୍ତି, ତା'ହେଲେ ସେତେବେଳର ସମୟ ଅଲଗା। କିନ୍ତୁ ଆପଣ ଅଲଗା ସମୟରେ ଯଦି କୌଣସି ବୟାନ ଦେଉଛନ୍ତି, ତା'ହେଲେ ଏହା ଉତ୍ତେଜନା ସୃଷ୍ଟି କରିବା ପାଇଁ ଦିଆଯାଉଛି ବୋଲି ବଚାର କରାଯିବ। ନିର୍ବାଚନ ଭାଷଣ ବେଳେ ରାଜନୀତିକ ନେତାମାନେ ପରସ୍ପର ବିରୋଧରେ ଅନେକ ପ୍ରକାରର ଶବ୍ଦ ପ୍ରୟୋଗ କରନ୍ତି। ଏହା ମଧ୍ୟ ଖରାପ ପରମ୍ପରା।"

# 'ଲୋକଙ୍କ ଭଲପାଇବା ଜିତାଇଦେଲା'

**ଭୁବନେଶ୍ୱର :** ପୌର ନିର୍ବାଚନରେ ବିଏମ୍‌ସି ୱାର୍ଡ ନମ୍ବର ୫୮ରୁ ସ୍ୱାଧୀନ କର୍ପୋରେଟର ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି ନମିତା ମହାପାତ୍ର। ନମିତା ପେଷାରେ ଜଣେ ଆଇନଜୀବୀ ହୋଇଥିଲେ ମଧ୍ୟ ସାଧାରଣ ଲୋକଙ୍କ ସେବା କରିବା ନିଶା ତାଙ୍କୁ ପୌର ନିର୍ବାଚନ ଲଢ଼ିବା ପାଇଁ ପ୍ରେରଣା ଦେଇଥିଲା। ଚଳିତ ବିଏମ୍‌ସି ନିର୍ବାଚନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ପୁଷ୍ପା ଦାସଙ୍କ ଠାରୁ ୪୯୧ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ନିର୍ବାଚିତ ହେବା ପରେ ନିଜ ପ୍ରତିକ୍ରିୟାରେ ନମିତା କହିଥିଲେ ଲୋକଙ୍କ ଭଲପାଇବା ଥିଲେ ଦଳୀୟ ଚିହ୍ନ ବଡ କଥା ନୁହେଁ। ପ୍ରକୃତ ଅର୍ଥରେ ଯେଉଁମାନେ ଗରିବ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରନ୍ତି ସେମାନେ ବାସ୍ତବ ତଥ୍ୟ ବୁଝିପାରନ୍ତି। ଶାସକ ଦଳର ଅର୍ଥବଳ ଆଗରେ ଜଣେ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ଜିତିବା କଷ୍ଟସାଧ ହୋଇଥିଲା ବେଳେ ମୋ ୫୮ନଂ ୱାର୍ଡର ଜନସାଧାରଣ ମୋତେ ଅକୁଣ୍ଠ ଭଲପାଇବା ଦେଇଛନ୍ତି। ତେଣୁ ୱାର୍ଡବାସୀଙ୍କ ନିକଟରେ ମୁଁ କୃତଜ୍ଞ ଏବଂ ଆଗାମୀ ଦିନରେ ସେମାନଙ୍କ ସେବା ପାଇଁ ମୁଁ ପ୍ରତିବଦ୍ଧ। ସୂଚନାଯୋଗ୍ୟ, ପୌର ନିର୍ବାଚନ ପ୍ରଚାର ବେଳେ ନମିତା ବିରୋଧୀ ପ୍ରାର୍ଥୀଙ୍କ ଅତୀତର କାର୍ଯ୍ୟକଳାପ ଭୋଟରମାନଙ୍କୁ ମନେପକାଇ ଦେବା ସହ ଆଗାମୀ ଦିନରେ କିଭଳି ନିଜ ୱାର୍ଡକୁ ୧ ନମ୍ବର ୱାର୍ଡରେ ପରିଗଣିତ କରିବେ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉଲ୍ଲେଖଯୋଗ୍ୟ ନମିତାଙ୍କ ସାନଭାଇ ମଳୟ ମହାପାତ୍ର ଏହି ୱାର୍ଡରୁ ୨ଥର ସ୍ୱାଧୀନ କର୍ପୋରେଟର ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ୱାର୍ଡର ଅନେକ ବିକାଶମୂଳକ କାର୍ଯ୍ୟ କରିଥିବାରୁ ମଳୟଙ୍କ ପାରିବା ପଣିଆ ଏବଂ କାର୍ଯ୍ୟ ଦକ୍ଷତାକୁ ୱାର୍ଡବାସୀ ଅଧିକ ଭରସା କରି ନମିତାଙ୍କୁ ଜିତାଇଛନ୍ତି।



## ବିଏମ୍‌ସି ନିର୍ବାଚନରେ ଜିତିଥିବା ପାର୍ଥୀ

| | | |
|---|---|---|
| ୱାର୍ଡ ୧ | ମିହିର କୁମାର ରାଉତ | ବିଜେଡି |
| ୱାର୍ଡ ୨ | ମୋନାଲିସା ବେହେରା | ବିଜେଡି |
| ୱାର୍ଡ ୩ | ଲକ୍ଷ୍ମୀ ପ୍ରିୟା ପରିଡା | ବିଜେପି |
| ୱାର୍ଡ ୪ | ସୁକୁମାର ସାହୁ | ବିଜେପି |
| ୱାର୍ଡ ୫ | ମିନୁଶ୍ରୀ ଖୁଣ୍ଟିଆ | ବିଜେଡି |
| ୱାର୍ଡ ୬ | ପ୍ରୀତିନନ୍ଦା ରାଉତରାୟ | ବିଜେଡି |
| ୱାର୍ଡ ୭ | ଜସୋଧରା ପ୍ରଧାନ | ବିଜେପି |
| ୱାର୍ଡ ୮ | ଲାଲ ମୋହନ ଟୁଡୁ | ବିଜେଡି |
| ୱାର୍ଡ ୯ | ସସ୍ମିତା ସାହୁ | ସ୍ୱାଧୀନ |
| ୱାର୍ଡ ୧୦ | ସେକ ନୁର ହାସନ | ବିଜେଡି |
| ୱାର୍ଡ ୧୧ | ପ୍ରଭାସିନୀ ମହାନ୍ତି | ବିଜେଡି |
| ୱାର୍ଡ ୧୨ | ଜୟନ୍ତୀ ସାହୁ | ବିଜେଡି |
| ୱାର୍ଡ ୧୩ | ଇତିଶ୍ରୀ ଦାସ | ସ୍ୱାଧୀନ |
| ୱାର୍ଡ ୧୪ | ମନୋଲିସା ସାହୁ | ବିଜେଡି |
| ୱାର୍ଡ ୧୫ | ପିଙ୍କି ସ୍ୱାଇଁ | ସ୍ୱାଧୀନ |
| ୱାର୍ଡ ୧୬ | ଅଚ୍ୟୁତାନନ୍ଦ ସ୍ୱାଇଁ | ବିଜେଡି |
| ୱାର୍ଡ ୧୭ | ପୂଜା ମହାରଣା | ବିଜେଡି |
| ୱାର୍ଡ ୧୮ | ବିପ୍ଳବ ବେହେରା | ବିଜେଡି |
| ୱାର୍ଡ ୧୯ | ସ୍ମୃତିଶିଖା ବରିସଲ | ବିଜେଡି |
| ୱାର୍ଡ ୨୦ | ପ୍ରେମାନନ୍ଦ ଜେନା | ବିଜେଡି |
| ୱାର୍ଡ ୨୧ | ପୂଜା ବେହେରା | ବିଜେଡି |
| ୱାର୍ଡ ୨୨ | ମଞ୍ଜୁଲତା କହର | ବିଜେଡି |
| ୱାର୍ଡ ୨୩ | କିରଣବ୍ୱାଲା ମାଝି | ବିଜେଡି |
| ୱାର୍ଡ ୨୪ | ଦୀପକ ମିଶ୍ର | ସ୍ୱାଧୀନ |
| ୱାର୍ଡ ୨୫ | ମାନସୀ ରାଣୀ ସୁନ୍ଦରାୟ | ବିଜେଡି |
| ୱାର୍ଡ ୨୬ | ଭାରତୀ ସିଂ | ବିଜେଡି |
| ୱାର୍ଡ ୨୭ | ଶୁଭ୍ରଅଂଶୁ ପଟ୍ଟନାୟକ | ବିଜେଡି |
| ୱାର୍ଡ ୨୮ | ଝରଣା ରାଣୀ ପତି | ବିଜେଡି |
| ୱାର୍ଡ ୨୯ | ଅପରୁପ ନାରାୟଣ ରାଉତ | ବିଜେପି |
| ୱାର୍ଡ ୩୦ | ରାଜକିଶୋର ଦାସ | ବିଜେଡି |
| ୱାର୍ଡ ୩୧ | ରାଜା ମହାପାତ୍ର | ବିଜେଡି |
| ୱାର୍ଡ ୩୨ | ଶ୍ରୀଧର ଜେନା | ବିଜେଡି |
| ୱାର୍ଡ ୩୩ | ଧରିତ୍ରୀ ଜେନା | ବିଜେପି |
| ୱାର୍ଡ ୩୪ | ପୁଷ୍ପାଞ୍ଜଳି ସେଠୀ | ବିଜେଡି |
| ୱାର୍ଡ ୩୫ | ରଞ୍ଜୁଲତା ରାୟ | ବିଜେଡି |
| ୱାର୍ଡ ୩୬ | ଅଲ୍ଲିଆଳି ମାଲିକ | ବିଜେଡି |
| ୱାର୍ଡ ୩୭ | ବନ୍ଦିତା ପାଲ | ସ୍ୱାଧୀନ |
| ୱାର୍ଡ ୩୮ | ପଦ୍ମଜା ପ୍ରିୟଦର୍ଶୀ ଜେନା | ବିଜେଡି |
| ୱାର୍ଡ ୩୯ | ଗୀତାଞ୍ଜଳି ସାହୁ | ବିଜେପି |
| ୱାର୍ଡ ୪୦ | ଆସିୟା ବେଗମ | ବିଜେଡି |
| ୱାର୍ଡ ୪୧ | କବିତା ସ୍ୱାଇଁ | ବିଜେଡି |
| ୱାର୍ଡ ୪୨ | ଆଶିଷ କୁମାର ପଟ୍ଟନାୟକ | ବିଜେଡି |
| ୱାର୍ଡ ୪୩ | ଭରତ କୁମାର ଲେଙ୍କା | ବିଜେଡି |
| ୱାର୍ଡ ୪୪ | ଅଜିତ ବେହେରା | ବିଜେଡି |
| ୱାର୍ଡ ୪୫ | ଅମରେଶ ଜେନା | ବିଜେଡି |
| ୱାର୍ଡ ୪୬ | ପୁଷ୍ପିତା ରାଉତ | ସ୍ୱାଧୀନ |
| ୱାର୍ଡ ୪୭ | ସମିତା ମହାନ୍ତି | ବିଜେଡି |
| ୱାର୍ଡ ୪୮ | ସୁଚିତ୍ରା ପାତ୍ର | ବିଜେପି |
| ୱାର୍ଡ ୪୯ | ପୁଷ୍ପିତା ପଟ୍ଟନାୟକ | ବିଜେଡି |
| ୱାର୍ଡ ୫୦ | ରାମଚନ୍ଦ୍ର ରଣସିଂହ | ବିଜେଡି |
| ୱାର୍ଡ ୫୧ | ବିନୟନି ଜେନା | ବିଜେଡି |
| ୱାର୍ଡ ୫୨ | ଶ୍ରୀଧର ବେହେରା | ବିଜେଡି |
| ୱାର୍ଡ ୫୩ | ମହାମାୟା ସ୍ୱାଇଁ | ବିଜେଡି |
| ୱାର୍ଡ ୫୪ | ଶିବ ପ୍ରସାଦ ବେହେରା | ବିଜେଡି |
| ୱାର୍ଡ ୫୫ | ନୃପେସ ନାୟକ | ବିଜେଡି |
| ୱାର୍ଡ ୫୬ | କେ ଶାନ୍ତି | ବିଜେଡି |
| ୱାର୍ଡ ୫୭ | ସନ୍ତୋଷ କୁମାର ସିଂ | ବିଜେଡି |
| ୱାର୍ଡ ୫୮ | ନମିତା ମହାପାତ୍ର | ସ୍ୱାଧୀନ |
| ୱାର୍ଡ ୫୯ | ବିରଞ୍ଚିନରାୟଣ ମହାସୁପକାର | ବିଜେଡି |
| ୱାର୍ଡ ୬୦ | ଚନ୍ଦ୍ର ଶେଖର ମାଲ୍ୟା | ସ୍ୱାଧୀନ |
| ୱାର୍ଡ ୬୧ | ଶିବପ୍ରସାଦ ରାୟ | ବିଜେଡି |
| ୱାର୍ଡ ୬୨ | ଚାରୂଲତା ସାମନ୍ତରାୟ | ବିଜେଡି |
| ୱାର୍ଡ ୬୩ | ସୁଜାତା ଛୋଟରାୟ | ବିଜେପି |
| ୱାର୍ଡ ୬୪ | ସକିବା ମୂଷାରପ | ବିଜେଡି |
| ୱାର୍ଡ ୬୫ | ରଶ୍ମିରେଖା ପାଟ ସାନି | ସ୍ୱାଧୀନ |
| ୱାର୍ଡ ୬୬ | ଛବି ଦାସ | ବିଜେଡି |
| ୱାର୍ଡ ୬୭ | ମଧୁସ୍ମିତା ପ୍ରଧାନ | ବିଜେପି |






# ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କଲେ ୫ଟି ସଚିବ

### ଜୁନିଅର ହକି ୱାର୍ଲ୍ଡ କପ୍ ଟ୍ରଫି କ୍ରାଫ୍ଟ ଉପହାର ଦେଲେ ଯୁବଶିଳ୍ପୀ ଶାଶ୍ୱତ

**ପୁରୀ :** ଗତ ଶନିବାର ସଂଧ୍ୟାରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିଛନ୍ତି ୫ଟି ସଚିବ ଭି.କେ ପାଣ୍ଡିଆନ୍। ଶ୍ରୀମନ୍ଦିରରୁ ଦର୍ଶନ ସାରି ଫେରିବା ପରେ ୫ଟି ସଚିବଙ୍କୁ ପୁରୀର ଯୁବ ଶିଳ୍ପୀ ଶାଶ୍ୱତ ରଞ୍ଜନ ସାହୁ ଭେଟିବା ସହ ସେ ଦିଆସିଲି କାଠିରେ ନିର୍ମାଣ କରିଥିବା ଜୁନିଅର ହକି ୱାର୍ଲ୍ଡ କପ୍ ଟ୍ରଫି କ୍ରାଫ୍ଟ ଉପହାର ଦେଇଥିଲେ। ଦିଆସିଲି କାଠିରେ ଏହ ଟ୍ରଫିଟି ନିର୍ମାଣ କରିବା ପାଇଁ ଶାସ୍ୱତଙ୍କୁ ୨୧ ଦିନ ସମୟ ଲାଗିଥିବା ବେଳେ ଏହାର ଉଚ୍ଚତା ୩୫ ଇଞ୍ଚ ଓ ଚଉଡା ୧୨ ଇଞ୍ଚ। ଏଥିରେ ୫୭୫୩ ଦିଆସିଲି କାଠି ବ୍ୟବହାର ହୋଇଛି।








## ଏପ୍ରିଲ ୮ରୁ ୧୦ ଡେପୁଟି ମେୟର ନିର୍ବାଚନ

**ଭୁବନେଶ୍ୱର :** ରାଜ୍ୟର ୧୦୫ଟି ପୌରାଞ୍ଚଳର କାଉନସିଲର ଓ ପେ?ରାଧ୍ୟକ୍ଷ ଏବଂ ୩ଟି ମହାନଗର ନିଗମର କର୍ପୋରେଟର ଓ ମେୟର ନିର୍ବାଚନର ଫଳାଫଳ ଆଜି ପ୍ରକାଶ ପାଇଛି। ଖୁବ୍ ଶୀଘ୍ର ସମସ୍ତ ପୌର ସଂସ୍ଥାର ବୈଠକ ବସିବ। ଆଉ ପ୍ରଥମ ବୈଠକରେ ହିଁ ତିନି ମହାନଗର ନିଗମର ଡେପୁଟି ମେୟର ଏବଂ ସମସ୍ତ ପେ?ରାଞ୍ଚଳର ଉପାଧ୍ୟକ୍ଷ ନିର୍ବାଚନ ହେବ। ରାଜ୍ୟ ନିର୍ବାଚନ କମିସନଙ୍କ ସୂଚନା ଅନୁଯାୟୀ ପୂର୍ବରୁ ଡେପୁଟି ମେୟର ନିର୍ବାଚନ ଏପ୍ରିଲ ୬ରୁ ୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଏହା ୮ରୁ ୧୦ତାରିଖ ପର୍ଯ୍ୟନ୍ତ ହେବ। ଏପ୍ରିଲ ୮ରେ କଟକ ମହାନଗର ନିଗମ, ୯ରେ ବ୍ରହ୍ମପୁର ମହାନଗର ନିଗମ ଏବଂ ୧୦ରେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି ମେୟର ନିର୍ବାଚନ ହେବ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି